

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୦୮ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 JULY 2022
Vol.No. 35 ■ No. 176 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ଇସ୍ତଫା ଦେଲେ ବୋରିସ ଜନସନ୍

ନୂଆଦିଲ୍ଲୀ, ୦୭/୦୭ : ସଙ୍କଟରେ ପଡିଯାଇଥିବା ବିଟ୍ରେନର ପ୍ରଧାନମନ୍ତ୍ରୀ ବୋରିସ ଜନସନ ଆଜି ପଦବୀରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି । ସରକାରରେ ୩ କ୍ୟାବିନେଟ୍ ମନ୍ତ୍ରୀଙ୍କ ସମେତ ୫୦ ଜଣ ସାଂସଦ ଇସ୍ତଫା ଦେବା ପରେ ଶେଷରେ ପଦବୀ ଛାଡିବାକୁ ବାଧ ହୋଇଛନ୍ତି ଇଂଲଣ୍ଡର ପ୍ରଧାନମନ୍ତ୍ରୀ । ହେଲେ ସେ ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ କାମଚଳା ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିବେ ବୋଲି ସୂଚନା ମିଳିଛି । ଇଂଲଣ୍ଡର ଲେବର ପାର୍ଟିର ମୁଖ୍ୟ ପଦବୀରୁ ଇସ୍ତଫା ଦେବାକୁ ଘୋଷଣା କରି ବୋରିସ କହିଛନ୍ତି ଦଳର ସଂସଦୀୟ ବୋର୍ଡ ନୂଆ ପ୍ରଧାନମନ୍ତ୍ରୀ କିଏ ହେବ ସେନେଇ ନିଷ୍ପତି ନେବ । ଏବଂ ନୂଆ ପ୍ରଧାନମନ୍ତ୍ରୀ ଚୟନ ହେବା ପର୍ଯ୍ୟନ୍ତ ସେ ପଦବୀରେ ରହିବେ ବୋଲି କହିଛନ୍ତି । ତେବେ ବୋରିସଙ୍କ ଇସ୍ତଫା ପରେ କିଏ ନୂଆ ପ୍ରଧାନମନ୍ତ୍ରୀ ହେବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏବେ ବୋରିସ୍ ସରକାରରେ ମନ୍ତ୍ରୀ ଥିବା ଇରାକ ବଂଶୋଦ୍ଭବ ନଦୀମ ଯାହାୱି ଇଂଲଣ୍ଡର ନୂଆ



ପ୍ରଧାନମନ୍ତ୍ରୀ ହେବେ ବୋଲି କୁହାଯାଉଛି । ୨୦୧୯ରେ ବହୁମତରେ ସରକାର ଗଢିଥିବା ବୋରିସ ଜନସନ୍ ତାଙ୍କ ସରକାରର ଡେପୁଟି ଚିଫ୍ ହ୍ୱିପ୍ ପଦର ନିଯୁକ୍ତିକୁ ନେଇ ତାଙ୍କୁ ବିରୋଧର ସାମ୍ନା କରିବାକୁ ପଡିଥିଲା । ଏହି ପଦରେ କ୍ରିସ୍ ପେଞ୍ଚରଙ୍କୁ ନିଯୁକ୍ତି ଦେଇଥିଲେ ବୋରିସ୍ । ହେଲେ ପେଞ୍ଚରଙ୍କ ବିରୋଧରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବାରୁ ନିଯୁକ୍ତିକୁ ବିରୋଧ କରି ମନ୍ତ୍ରୀମଣ୍ଡଳରୁ ଗୋଟିଏ ପରେ ଗୋଟିଏ ମନ୍ତ୍ରୀ ଇସ୍ତଫା ଦେଇଥିଲେ । ଯାହାକୁ ନେଇ ବୋରିସ ଜନସନ୍ ନିଜ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି । ଏପଟେ ବ୍ରିଟେନରେ ଚାଲିଥିବା ରାଜନୈତିକ ଅସ୍ଥିରତା ଉପରେ ଭାରତ ନଜର ରଖିଥିବା କହିଛନ୍ତି ଭାରତର ବୈଦେଶିକ ମୁଖପାତ୍ର ଅରିନ୍ଦମ ବାଗଚୀ । ଏହା ସେମାନଙ୍କ ଆଭ୍ୟନ୍ତରୀଣ ସମସ୍ୟା । ଭାରତ-ୟୁକେ ମଧ୍ୟରେ ଭଲ ବନ୍ଧୁତା ଅଛି, ଯାହା ଆଗାମୀ ଦିନରେ ଜାରି ରହିବ ବୋଲି ଆଶାବ୍ୟକ୍ତ କରିଛନ୍ତି ବୈଦେଶିକ ମୁଖପାତ୍ର । ତେବେ ବୋରିସଙ୍କ ଇସ୍ତଫା ପରେ ୟୁକେର ବିରୋଧୀ ଦଳ ନେତା କେର ଷ୍ଟର୍ନର ଖୁସି ବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ନୁହେଁ ପୁରା ସରକାର ବଦଳିବା ଦରକାର ବୋଲି ସେ କହିଛନ୍ତି ।

## ସରକାରୀ କାର୍ଯ୍ୟକ୍ରମକୁ ଡକାନଯିବାରୁ ବର୍ଷିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ

ନୂଆଦିଲ୍ଲୀ, ୦୭/୦୭ : କାର୍ଯ୍ୟକ୍ରମରେ ନିମନ୍ତ୍ରଣ ନ କରାଯିବାରୁ ରାଗିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ରାଜ୍ୟସ୍ତରୀୟ ବନ ମହୋତ୍ସବକକୁ ନିମନ୍ତ୍ରଣ କରାନଯିବାକୁ ନେଇ ମୁହାଁମୁହିଁ ହୋଇଛନ୍ତି ସାଂସଦ ଅପରାଜିତା ଓ ମନ୍ତ୍ରୀ ଅଶୋକ ପଣ୍ଡା । ଅପରାଜିତା କହିଛନ୍ତି, ସ୍ଥାନୀୟ ସାଂସଦ ଓ କର୍ପୋରେଟରଙ୍କୁ ନିମନ୍ତ୍ରଣ ନକରିବା ଦୁର୍ଭାଗ୍ୟଜନକ । ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ବନ ମହୋତ୍ସବ ମଞ୍ଚ ଉପରେ ଥିଲେ ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ବିଜ୍ଞାନ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱରର ଅନ୍ୟ ଦୁଇ ବିଧାୟକ । ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ମଧ୍ୟ ଉପସ୍ଥିତ ଅଛନ୍ତି । ହେଲେ, ଏହି ଉତ୍ସବରେ



ନଥିଲେ ସ୍ଥାନୀୟ ସାଂସଦ ଅପରାଜିତା ଷଡଙ୍ଗୀ ଓ ସ୍ଥାନୀୟ କର୍ପୋରେଟର । ଯାହାକୁ ନେଇ ଉତ୍ସବ ଆୟୋଜନ ସ୍ଥଳରେ ବିକ୍ଷୋଭ ଓ ପ୍ରତିବାଦ ଦେଖିବାକୁ ମିଳିଛି । ରାଜ୍ୟସ୍ତରୀୟ ବନ ମହୋତ୍ସବକୁ ନିମନ୍ତ୍ରଣ କରାନଯିବାକୁ ନେଇ ମୁହାଁମୁହିଁ ହୋଇଛନ୍ତି ସାଂସଦ ଅପରାଜିତା ଓ ମନ୍ତ୍ରୀ ଅଶୋକ ପଣ୍ଡା । ଅପରାଜିତା କହିଛନ୍ତି, ସ୍ଥାନୀୟ ସାଂସଦ ଓ କର୍ପୋରେଟରଙ୍କୁ ନିମନ୍ତ୍ରଣ ନକରିବା ଦୁର୍ଭାଗ୍ୟଜନକ । ରାଜ୍ୟ ସରକାର ଡରୁଛନ୍ତି ଓ ସଂକୀର୍ଣ୍ଣ ମାନସିକତାର ପରିଚୟ ଦେଉଛନ୍ତି । ଅପରାଜିତାଙ୍କ ଆକ୍ଷେପ ଉପରେ ଜବାବ ରଖିଛନ୍ତି ମନ୍ତ୍ରୀ ଅଶୋକ ପଣ୍ଡା । କହିଛନ୍ତି, କଳିଙ୍ଗ ନଗର କେନ୍ଦ୍ରୀୟ ବିଦ୍ୟାଳୟ ସମୟରେ ମଧ୍ୟ ତାଙ୍କୁ ଡକାଯାଇନଥିଲା କି ନିମନ୍ତ୍ରଣ କାର୍ଡ ଦିଆଯାଇନଥିଲା । କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ କୋଟିଏ ପଚିଶ ଲକ୍ଷ ଟଙ୍କା ଦେବା ସହ ଜାଗା ଦେଇଥିଲେ । ସେତେବେଳେ ତାଙ୍କୁ କିମ୍ବା ସ୍ଥାନୀୟ କର୍ପୋରେଟରଙ୍କୁ ଡକାଯାଇନଥିଲା । ବନ ମହୋତ୍ସବକୁ ତାଙ୍କୁ ନିମନ୍ତ୍ରଣ କରାଯାଇନଥିବାରୁ ବୁଧବାର ବିଳମ୍ବିତ ରାତିରେ ଟୁଇଟ୍ କରି ଅପରାଜିତା କ୍ଷୋଭ ପ୍ରକାଶ କରିଥିଲେ । ନିମନ୍ତ୍ରଣ କରାଯାଇନଥିଲେ ବି କାର୍ଯ୍ୟକ୍ରମକୁ ଯିବେ ବୋଲି କହିଥିଲେ କିନ୍ତୁ କାର୍ଯ୍ୟକ୍ରମକୁ ଯାଇନଥିଲେ ଅପରାଜିତା । ଅନ୍ୟପଟେ ବିଜେଡିର ଭୁବନେଶ୍ୱରର ତିନି ବିଧାୟକ ନିଜ ଶକ୍ତି ପ୍ରଦର୍ଶନ କରିଥିଲେ । ନିଜ ସମର୍ଥକମାନଙ୍କ ସହିତ ବିରାଟ ପଟୁଆରରେ କାର୍ଯ୍ୟକ୍ରମକୁ ଆସିଥିଲେ । ପୂର୍ବରୁ ରାଜଧାନୀ ପ୍ରତିଷ୍ଠା ଦିବସ କାଯ୍ୟକ୍ରମରେ ମଧ୍ୟ ଅପରାଜିତାଙ୍କୁ ଡକାଯାଇନଥିଲା । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ଏବେ ତାହାର ପୁନରାବୃତି କାହିଁକି ହେଲା ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରି ଚିଠି ଲେଖିବେ ବୋଲି କହିଛନ୍ତି ଅପରାଜିତା ।

## କ୍ୟାନସରକୁ ନେଇ ଆଇଆଇଟି ମାଡ୍ରାସର ବଡ ଆବିଷ୍କାର

ନୂଆଦିଲ୍ଲୀ, ୦୭/୦୭ : ବଂଶଗତ ତ୍ରୁଟି ଯୋଗୁ ହେଉଥିବା ଦୁରାରୋଗ୍ୟ କ୍ୟାନସରର ଚିହ୍ନଟ କରିବ ଆରଟିଫିସିଆଲ ଇଂଟିଲିଜେନ୍ସ ଟୁଲ । ଆରଟିଫିସିଆଲ ଇଂଟିଲିଜେନ୍ସର ସହଯୋଗରେ ଏଭଳି ଏକ ଯନ୍ତ୍ରପାତିର ବିକାଶ ବିକାଶ କରିଛନ୍ତି ମାଡ୍ରାସ ଆଇଆଇଟିର ଗବେଷକମାନେ । ଏହି ଯନ୍ତ୍ରପାତି କେବଳ କ୍ୟାନସରର ଚିହ୍ନଟ କରିବ ନାହିଁ ବରଂ ଏହାର ପ୍ରତିକାର ପାଇଁ ଯୋଜନା ପ୍ରସ୍ତୁତି କରିବ । ଏହି ଟୁଲରେ କ୍ୟାନସର ରୋଗୀଙ୍କ ବଂଶଗତ ତଥ୍ୟ ଏବଂ କେତେ ସମୟରେ ଏହା କେତେଥର ରୂପ ପରିବର୍ତନ କରୁଛି ତାହାର ତଥ୍ୟକୁ ଆଧାର କରି ବଂଶଗତ କ୍ୟାନସରର ଚିହ୍ନଟ କରାଯିବ ବୋଲି କହିଛନ୍ତି ମାଡ୍ରାସ ଆଇଆଇଟିର ଡାଟା ସାଇନ୍ସ ଓ ଆରଟିଫିସିଆଲ ଇଂଟିଲିଜେନ୍ସର ସେଂଟର ଅନ୍ୟତମ ପ୍ରମୁଖ ସଦସ୍ୟ କାର୍ତିକ ରମାନ ।

## ଉଦ୍ଧବଙ୍କୁ ଗୋଟିଏ ପରେ ଗୋଟିଏ ଝଟ୍‌କା ଦେଉଛନ୍ତି ସିନ୍ଦେ

ପୁଣେ, ୦୭/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଆସନରୁ ଇସ୍ତଫା ଦେବା ପରେ ଶିବେସନା ମୁଖ୍ୟ ଉଦ୍ଧବ ଠାକରେଙ୍କ ଚିନ୍ତା ବଢିବାରେ ଲାଗିଛି । ବିଧାୟକଙ୍କ ପରେ ସାଂସଦମାନେ ମଧ୍ୟ ଉଦ୍ଧବଙ୍କ ଶିବିର ଛାଡି ଏକନାଥଙ୍କ କ୍ୟାମ୍ପରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି । ଏହାରି ଭିତରେ ଥାନେ ପରିଷଦର ୬୭ କର୍ପୋରେଟରୁ ୬୬ କର୍ପୋରେଟ ଉଦ୍ଧବ ଶିବିର ଛାଡି ଏକନାଥ କ୍ୟାମ୍ପରେ ସାମିଲ ହୋଇଛନ୍ତି । ମହାରାଷ୍ଟ୍ରରେ ମୁମ୍ବାଇ ପରେ ଥାନେ ହେଉଛି ଦ୍ୱିତୀୟ ସର୍ବବୃହତ ପରିଷଦ । ତେଣୁ ଉଦ୍ଧବ



ନେତୃତ୍ୱାଧୀନ ଶିବସେନାକୁ ଗୋଟିଏ ବଡ ଝଟକା ଲାଗିଛି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ୧୯୯୭ରେ ଥାନେରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ସେ ଏଠାକାର ବଡ ନେତା ଭାବେ ପରିଚିତ । ଏକନାଥ ସିନ୍ଦେ ୨୦୦୧ ଓ ୨୦୦୨ରେ ଥାନେ ମହାନଗର ନିଗମ ନିର୍ବାଚନରେ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଥିଲେ । ପରେ ୨୦୧୪ ଓ ୨୦୧୯ରେ ସେ ଥାନେର କୋପରୀ ପଚପାଖାଡି ଆସନରୁ ବିଜୟୀ ହୋଇଆସୁଛନ୍ତି । ଗତକାଲି ଏକନାଥଙ୍କୁ ଚେକ୍ ଦେବାକୁ ଯାଇ ଥାନେର ସାଂସଦଙ୍କୁ ଲୋକସଭାର ମୁଖ୍ୟ ସଚେତକ କରାଇଥିଲା ଉଦ୍ଧବ ନେତୃତ୍ୱାଧୀନ ଶିବସେନା । ବୁଧବାର ଲୋକସଭାରେ ସାଂସଦ ଭାବନା ଗୱାଲିଙ୍କ ସ୍ଥାନରେ ରାଜନ ବିଚାରେଙ୍କୁ ଦଳର ମୁଖ୍ୟ ସଚେତକ ଭାବେ ମନୋନୀତ କରିଛି । ସଂସଦୀୟ ଦଳର ନେତା ସଞ୍ଜୟ ରାଉତ ଏ ନେଇ ▶▶ପୃଷ୍ଠା ୭

## ଧୋକା ଦେଲେ ସହଯୋଗୀ ଦଳ ! ପଶ୍ଚିମବଙ୍ଗ, ଝାଡଖଣ୍ଡ ଯିବେନି ଯଶୱନ୍ତ ସିହ୍ନା

ନୂଆଦିଲ୍ଲୀ, ୦୭/୦୭ : ଜୁଲାଇ ୧୮ ତାରିଖରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ଦୁଇ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଏବଂ ଯଶୱନ୍ତ ସିହ୍ନା ସବୁ ରାଜ୍ୟ ବୁଲି ସମର୍ଥନ ମାଗୁଛନ୍ତି । ବିଭିନ୍ନ ରାଜ୍ୟ ବୁଲି ଭୋଟ ମାଗୁଥିବା ଯଶୱନ୍ତ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ଗସ୍ତକୁ ବାତିଲ କରିଦେଇଛନ୍ତି । ଝାଡଖଣ୍ଡର ଜେଏମଏମ ଦଳ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବ ବୋଲି କୁହାଯାଉଥିବା ବେଳେ ଆଦିବାସୀ ଭୋଟ ବ୍ୟାଙ୍କକୁ ନେଇ ଚିନ୍ତାରେ ଅଛନ୍ତି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ଟିଏମସି ନେତ୍ରୀ ମମତା ବାନାର୍ଜୀ । ଯେଉଁଥିପାଇଁ ଯଶୱନ୍ତ ପଶ୍ଚିମବଙ୍ଗ ଏବଂ ତାଙ୍କର ନିଜ ରାଜ୍ୟ ଝାଡଖଣ୍ଡ ଯାଇ ପ୍ରଚାର କରିବେ ନାହିଁ ବୋଲି



ନିଷ୍ପତି ନେଇଥିବା ବୋଲି କୁହାଯାଉଛି । ହେଲେ ମମତା ପଶ୍ଚିମବଙ୍ଗର ଭୋଟ କଥା ବୁଝିବାକୁ ପ୍ରତିଶ୍ରୁତି ଦେଇଥିବାରୁ ଯଶୱନ୍ତ ସେଠାକୁ ଯିବେ ନାହିଁ ବୋଲି ସିହ୍ନାଙ୍କ ପକ୍ଷରୁ କୁହାଯାଇଛି । ଯଶୱନ୍ତ ସିହ୍ନାଙ୍କୁ ମିଳିତ ବିରୋଧୀ ପ୍ରାର୍ଥୀ କରିଥିବାରେ ପ୍ରମୁଖ ଭୂମିକା ନିଭାଇଥିବା ମମତା ବାନାର୍ଜୀ ଏବେ ତାଙ୍କୁ ନେଇ ପ୍ରଚାର କରିବାକୁ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି । କାରଣ ପଶ୍ଚିବଙ୍ଗର ଆଦିବାସୀ ସମ୍ପ୍ରଦାୟର ୮୦ ପ୍ରତିଶତ ଲୋକ ସାନ୍ତାଳୀ ବର୍ଗର, ▶▶ପୃଷ୍ଠା ୭

## ଗୁରପ୍ରୀତଙ୍କ ହାତ ଧରିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ଚଣ୍ଡିଗଡ, ୦୭/୦୭ (ନି.ପ୍ର): ମୁଣ୍ଡରେ ହଳଦିଆ ପଗଡି, ହାତରେ ପାରମ୍ପରିକ ଖଣ୍ଡା । ସେରୱାନି ପିନ୍ଧି ବର ବେଶରେ ନଜର ଆସିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ । ସେପଟେ ନାଲି ଲେହେଙ୍ଗା ପିନ୍ଧି କନିଆଁ ବେଶରେ ସେଜଇ ହୋଇଛନ୍ତି ଡାକ୍ତର ଗୁରପ୍ରୀତ କୌର । ଗୁରୁଦ୍ୱାରାରେ ଗୁରପ୍ରୀତଙ୍କ ସହ ବିବାହ କରିଛନ୍ତି ୪୮ ବର୍ଷୀୟ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ । ଏହି ବିବାହ ବେଳର ଫଟୋ ଏବେ ସୋଶାଲ ମିଡିଆରେ ଭାଇରାଲ ହୋଇଛି । ସବୁଠୁ ବଡ କଥା ହେଉଛି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ବିବାହ ଉତ୍ସବରେ ଉପସ୍ଥିତ ରହି ଭଗୱନ୍ତଙ୍କ ବାପା ଭାବେ ବିବାହର ସବୁ କର୍ମ



ତୁଲାଇଛନ୍ତି । ଆରମ୍ଭରୁ ଶେଷ ଯାଏଁ କେଜ୍ରିୱାଲଙ୍କୁ ସବୁ ସ୍ଥାନରେ ଦେଖିବାକୁ ମିଳିଥିଲା । ମାନଙ୍କ ବଧୂ ହୋଇଥିବା ଗୁରୁପ୍ରୀତ୍ ତାଙ୍କଠାରୁ ୧୬ ବର୍ଷ ସାନ । ଦୁହିଁଙ୍କ ସାକ୍ଷାତ ୪ ବର୍ଷ ପୂର୍ବେ ହୋଇଥିଲା । ଯେତେବେଳ ମାନ୍ ହାସ୍ୟ ଅଭିନେତା ଭାବେ ସକ୍ରିୟ ଥିଲେ ସେବେଠାରୁ ଗୁରୁପ୍ରୀତ୍ ତାଙ୍କର ପ୍ରଶଂସକ ବୋଲି କୁହାଯାଉଛି । କେବଳ ସେତିକି ନୁହେଁ ୩୨ ବର୍ଷୀୟ ଗୁରପ୍ରୀତ ପଞ୍ଜାବ ନିର୍ବାଚନ ପ୍ରଚାର ବେଳେ ମାନଙ୍କୁ ସହାୟତା ମଧ୍ୟ କରିଥିଲେ । ଚଣ୍ଡିଗଡ଼ରେ ଏହି ବିବାହ ଅନୁଷ୍ଠିତ ହୋଇଛି । ଏହି ବିବାହ ▶▶ପୃଷ୍ଠା ୭

## ବିଜେବି କଲେଜରେ ପୁଣି ରାଗିଂ ଅଭିଯୋଗ

ଭୁବନେଶ୍ୱର,୦୭/୦୭ (ନି.ପ୍ର): ରାଗିଂ ପାଇଁ ବିଜେବି କଲେଜ୍ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା କରିଥିବା ବେଳେ ପୁଣି ଜଣେ ବିଜେବି କଲେଜ ଛାତ୍ରଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ରାଗିଂର ଶିକାର ହୋଇଥିବା ଛାତ୍ର ଜଣଙ୍କ ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ଛାତ୍ରଙ୍କୁ ସହପାଠୀମାନେ ମାଡ଼ ମାରିଥିବା ସେ ଅଭିଯୋଗ କରିଛନ୍ତି । ଛାତ୍ର ଜଣଙ୍କ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କମର୍ସ ବିଭାଗର ଛାତ୍ର । ତାଙ୍କ ନାଁ ରୁଦ୍ର ନାରାୟଣ ପାତ୍ର ।

## ଆଜି ଓଡ଼ିଶା ଆସବେ ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର,୦୭/୦୭ (ନି.ପ୍ର): ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି (ଶୁକ୍ରବାର) ଓଡ଼ିଶା ଆସବେ । ତାଙ୍କୁ ସ୍ୱାଗତ କରିବା ପାଇଁ ସରକାରଙ୍କ ପକ୍ଷରୁ ଭବ୍ୟ ଆୟୋଜନ କରାଯାଇଛି । ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରର ବିମାନବନ୍ଦରରେ ପହଂଚିବା ପରେ ପ୍ରଥମେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବେ । ତାପରେ ସେ ବିଧାନସଭାକୁ ଆସିବେ । ବିଧାନସଭାର ୫୪ ନମ୍ବର କକ୍ଷରେ ବିଜେଡିର ସମସ୍ତ ବିଧାୟକ ଓ ସାଂସଦଙ୍କୁ ଦ୍ରୌପଦୀ ଭେଟି ରାଷ୍ଟ୍ରପତି ନିର୍ବାଚନରେ ତାଙ୍କୁ



ସମର୍ଥନ ଦେବାକୁ ନିବେଦନ କରିବେ । ସେହିପରି ରାଜ୍ୟ ବିଜେପି ପକ୍ଷରୁ ମଧ୍ୟ ଦ୍ରୌପଦୀ ମୁର୍ମୁଙ୍କୁ ଭବ୍ୟ ସ୍ୱାଗତ କରିବାକୁ ପ୍ରସ୍ତୁତି କରାଯାଇଛି । ବିଜେପି ବିଧାୟକ ଓ ସାଂସଦ ମଧ୍ୟ ତାଙ୍କୁ ଭେଟିବେ ବୋଲି ସୂଚନା ରହିଛି । ସୂଚନାଯୋଗ୍ୟ ଏନ୍‌ଡିଏ ପକ୍ଷରୁ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସମର୍ଥନ ଜଣାଇବେ ବୋଲି ଘୋଷଣା କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ଦଳମତ ନିର୍ବିଶେଷରେ ଓଡିଆ ଝିଅ ଦ୍ରୌପଦୀଙ୍କୁ ସମର୍ଥନ କରିବାକୁ ଅପିଲ୍ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କୁ ଭେଟିଥିବା ବେଳେ ଦ୍ରୌପଦୀଙ୍କୁ ସମର୍ଥନ ଦେବାକୁ ରାଜି ହୋଇଛନ୍ତି ମକରନ୍ଦ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଓ ବିଜେଡିର ଅନ୍ୟ ମନ୍ତ୍ରୀ ଏବଂ ବିଧାୟକମାନେ କଂଗ୍ରେସ ଓ ସିପିଏମ୍ ବିଧାୟକମାନଙ୍କୁ ଭେଟି ଆଲୋଚନା କରିଛନ୍ତି ।

## ସମ୍ବିଧାନ ପରେ ରାଷ୍ଟ୍ରୀୟ ଶିକ୍ଷା ନୀତି ହେଉଛି ଏକ ପବିତ୍ର ଦସ୍ତାବିଜ୍ : ଧର୍ମେନ୍ଦ୍ର

ବାରାଣସୀ, ୦୭/୦୭ (ନି.ପ୍ର): ଜାତୀୟ ଶିକ୍ଷା ନୀତିର ମୂଳ ଆଧାର ଶିକ୍ଷାକୁ ଏକ ସଂକୀର୍ଣ୍ଣ ଚିନ୍ତାଧାରାରୁ ବାହାର କରିବା ଏବଂ ଏହାକୁ ଏକବିଂଶ ଶତାବ୍ଦୀର ଆଧୁନିକ ଚିନ୍ତାଧାରା ସହିତ ଯୋଡିବା ବୋଲି ଗୁରୁବାର ଉତର ପ୍ରଦେଶର ବାରାଣସୀ ଠାରେ ତିନିଦିନିଆ 'ଅଖିଳ ଭାରତୀୟ ଶିକ୍ଷା ସମାଗମ'କୁ ଉଦଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ରାଷ୍ଟ୍ରୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ପାଇଁ ବିଚାରବିମର୍ଷ କରିବା ଦିଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ



ପ୍ରଧାନମନ୍ତ୍ରୀ ସମ୍ବୋଧନ କରିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଶିଶୁଙ୍କ ପ୍ରତିଭା ଏବଂ ସେମାନଙ୍କର ଇଚ୍ଛାନୁସାରେ କୁଶଳୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ରାଷ୍ଟ୍ରୀୟ ଶିକ୍ଷା ନୀତି ଯୁବ ବର୍ଗଙ୍କୁ କୁଶଳୀ, ଆତ୍ମବିଶ୍ୱାସ, ପ୍ରାକ୍ଟିକାଲ, କାଲକୁଲେଟିଭ୍ କରିବା ଦିଗରେ କାର୍ଯ୍ୟ କରୁଛି । ଆମର ଶିକ୍ଷା ବ୍ୟବସ୍ଥା କେବଳ ଡିଗ୍ରୀଧାରୀ ଯୁବକ ପ୍ରସ୍ତୁତ କରିବା ନୁହେଁ ବରଂ ଦେଶକୁ ଆଗକୁ ନେବା ପାଇଁ ଦରକାର ଥିବା ମାନବ ସମ୍ବଳ ଦେଶକୁ ପ୍ରଦାନ କରୁ । ଏହି ସଂକଳ୍ପନାର ନେତୃତ୍ୱ ଆମର ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନକୁ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ଶିକ୍ଷା ନୀତି ଦ୍ୱାରା ଏବେ ମାତୃଭାଷାରେ ଶିକ୍ଷାଦାନର ରାସ୍ତା ବାହାର କରାଯାଉଛି । ଏହି କ୍ରମରେ ସଂସ୍କୃତ ଭଳି ପ୍ରାଚୀନ ଭାରତୀୟ ଭାଷାକୁ ବି ଆଗକୁ ବଢ଼ାଯାଉଛି । ଜାତୀୟ ଶିକ୍ଷା ନୀତି ପାଇଁ ଦେଶର ଶିକ୍ଷା ବ୍ୟବସ୍ଥାର ଢାଂଚାଗତ ପରିବର୍ତନ ପାଇଁ କାମ କରାଯାଇଛି । ଆଜି ଦେଶରେ ବ୍ୟାପକ ଭାବେ ନୂଆ କଲେଜ, ନୂଆ ବିଶ୍ୱବିଦ୍ୟାଳୟ ଖୋଲାଯିବା ସହ ଆଇଆଇଟି ଏବଂ ଆଇଆଇଏମର ସ୍ଥାପନା କରାଯାଉଛି । ଏହି ସମାରୋହରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଛନ୍ତି ଅସମ୍ଭବର ସ୍ୱପ୍ନ ଦେଖିବା ଏବଂ ସେହି ସ୍ୱପ୍ନକୁ ପୂରଣ କରିବା ହିଁ ଭବିଷ୍ୟତର ▶▶ପୃଷ୍ଠା ୭

## ୧୧ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୦୭/୦୭ (ନି.ପ୍ର): ମୌସୁମୀ ଟ୍ରଫ୍ ଲାଇନ ଏବଂ ଦକ୍ଷିଣ ଓଡ଼ିଶା ଉତର ଆନ୍ଧ୍ରପ୍ରଦେଶ ଉପକୂଳରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ । ଆଗାମୀ ୨୪ଘଂଟା ମଧ୍ୟରେ ସମଗ୍ର ରାଜ୍ୟରେ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା



ରହିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆଂଚଳିକ ପାଣିପାଗ କେନ୍ଦ୍ରର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ▶▶ପୃଷ୍ଠା ୭

## ୬ ଷ୍ଟୋନ କ୍ରସର ସିଲ୍

ମୁଖୀଗୁଡା,୭/୦୭ (ନି.ପ୍ର): କଳାହାଣ୍ଡି ଜିଲା ଜୟପାଟଣା ତହସିଲ ଅଂଚଳରେ ଚାଲୁଥିବା ୬ଟି ଷ୍ଟୋନ କ୍ରସରକୁ ମଙ୍ଗଳବାର ସନ୍ଧ୍ୟାରେ ଜୟପାଟଣା ତହସିଲଦାର ସିଲ କରିଛନ୍ତି । ଜୟପାଟଣା ତହସିଲ ଅଂଚଳରେଏହି ୬ଟି ଷ୍ଟୋନ କ୍ରସରକୁ କୌଣସି ପଥରଖାଦାନରୁ ପଥର ଆଣିବା ପାଇଁ ଲିଜ ଦିଆ ଯାଇନଥିବା ବେଳେ ସେମାନେ ପଥର ଚୋରା ଚାଲାଣ କରି କ୍ରସର ଚଳାଉ ଥିଲେ । ଦୀର୍ଘ ଦିନ ଧରି ଏହି ୟୁନିଟ ଗୁଡ଼ିକ ଚାଲୁଥିଲେ ହେଁ ଗତକାଲି ଜୟପାଟଣା ତହସିଲଦାର ସୁଭଦ୍ରା ମୁଣ୍ଡିକା ଏକଟାଗୁଡା ଠାରେ ଥିବା ସୁଶାନ୍ତ ମୁଣ୍ଡଙ୍କ ଷ୍ଟୋନ କ୍ରସର, ରାଣିବାହାଲ ଠାରେ ଥିବା ଜୟଦୁର୍ଗା ଷ୍ଟୋନ କ୍ରସର, ଅଗ୍ରୱାଲ ଷ୍ଟୋନ କ୍ରସର, ମୁଖୀଗୁଡା ସ୍ଥିତ ବିଦ୍ୟା ଷ୍ଟୋନ କ୍ରସର, ଶ୍ୟାମଜି ଷ୍ଟୋନ କ୍ରସର ମଙ୍ଗଳପୁର, ଡମ୍ବରୁ ଅଗ୍ରୱାଲଙ୍କ ହୀରାପୁର ସ୍ଥିତ ଷ୍ଟୋନ କ୍ରସରକୁ ସିଲ କରାଯାଇଛି ।
ଏଠାରେ ପ୍ରଶ୍ନ ଉଠୁଛି ଯେ, ଏତେ ଦିନ ଧରି ଏହି ଏହି କ୍ରସର ଚାଲୁଥିଲା କିପରି ଏବଂ ଏହି ୟୁନିଟ ଚାଲିବା ପାଇଁ କିଏ ସୁରକ୍ଷା ଯୋଗାଉଥିଲା । ଆଜି ଅନ୍ୟ ଷ୍ଟୋନ କ୍ରସରଗୁଡିକ ସିଲ ହେବ ବୋଲି ସୂଚନା ମିଳିଛି ।

## କୋଟଗଡରେ ବନ ମହୋତ୍ସବ ଅନୁଷ୍ଠିତ

କନ୍ଧମାଳ ,୭/୦୭ (ନି.ପ୍ର): କୋଟଗଡ ବନାଂଚଳ ପକ୍ଷରୁ ୭୩ ତମ ବନୋମାହୋତ୍ସବ ଡେଙ୍ଗୁଡ଼ା ଗ୍ରାମର ବୃକ୍ଷ ଚାରା ପୁନଃର୍ଜନନ କ୍ୟାମ୍ପ ରେ ଅନୁଷ୍ଠିତ ହୋଇଯାଇଛି ।ଏହି କ୍ୟାମ୍ପ କୋଟଗଡ ବନାଂଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହରାଙ୍କ ପରିଚାଳନାରେ ମୁଖ୍ୟ ଅତିଥି ରୂପେ ଜେଏମ ଏଫସି କୋର୍ଟର ବିଚାରପତି ଅନୁରାଗ ଦେହୁରୀ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦଘାଟନ କରି ଆମ୍ବ ଚାରାଗଛର ଚାରା ସହିତ ଅନ୍ୟାନ୍ୟ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଟଗଡ ପଂଚାୟତ ସମିତି ଅଧକ୍ଷା ପିଙ୍କି କହଁର, ଜିଲ୍ଲା ପରିଷଦ ଜିରୀମିୟ ସୁନାମାଝି, କୋଟଗଡ ସରପଂଚ ଶ୍ୱେତଲିନା ଶୁକମାଝି ସମେତ ଡେଙ୍ଗୁଡ଼ା ଯୁବକ ସଙ୍ଘ, ଇକୋ ଗ୍ରୁପ କେଶରାଗୁଡା ଓ ମହିଳା ସ୍ୱୟଂସହୟିକାମାନେ ଯୋଗଦେଇ ବିଭିନ୍ନ ପ୍ରକାର ର ବୃକ୍ଷ ଚାରା ରୋପଣ କରିଥିଲେ। ବନରକ୍ଷୀ ଯୋଗେନ୍ଦ୍ର ଧାରୁଆ, ବିଶ୍ୱଜିତ ମିଶ୍ର ସମେତ ସମସ୍ତ ବନକର୍ମଚାରି ଉପସ୍ଥିତ ରହି ଚାରାରୋପଣକୁ ତ୍ୱରାନ୍ୱିତ କରିଥିଲେ।

## ଡମଶାଳ ହାଇସ୍କୁଲ ବନ ମହୋତ୍ସବରେ ଶତାଧିକ ଚାରାରୋପଣ

ଭୁବନ,୭/୦୭ (ନି.ପ୍ର): ଭୁବନ ବ୍ଲକ ଓଡିଶା ପଂଚାୟତ ଅନ୍ତର୍ଗତ ଡମଶାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ଷଡଙ୍ଗୀ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରି ବୃକ୍ଷରୋପଣର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ । ପରେ ବିଦ୍ୟାଳୟର ଶିକ୍ଷକ ଛବି ସାହୁ, ସତ୍ୟରଂଜନ ଦାଶ, ପ୍ରମୋଦ କୁମାର ଭୋଇ, ଅଜିତ କୁମାର ନାୟକ, ଭଗବାନ ଦେହୁରୀ, ପ୍ରସନ୍ନ କୁମାର ମଲ୍ଲିକ, ବିକାଶ କୁମାର ସାହୁ, ଅନିଲ କୁମାର ସେଠୀ, ମିହିର ରଂଜନ ନନ୍ଦ, ଇନ୍ଦ୍ରମଣି ସାହୁ , ପ୍ରକାଶ ଚନ୍ଦ୍ର ଦଳେଇ , ଶିକ୍ଷୟିତ୍ରୀ ଲିଳାବତୀ ବେହେରା , ଚିନ୍ମୟୀ ମିଶ୍ର, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀଙ୍କ ସହଯୋଗରେ ଆମ୍ବ, ବଉଳ, ଜାମୁ, ନିମ୍ବ, କଇଥ , କରଂଜ ଇତ୍ୟାଦି ଶତାଧିକ ଚାରାରୋପଣ କରାଯାଇଥିଲା ।

# ହଜିଥିବା ମୋବାଇଲ ଓ ଟଙ୍କା ଫେରାଇ ରେଲୱେ ସୁଇପରଙ୍କ ହୃଦୟ ଜିଣିଲେ ବିଜୟିନୀ

ବଲାଙ୍ଗିର,୭/୦୭ (ନି.ପ୍ର): ରେଳ ବିଭାଗର ମହିଳା ସୁଇପର ବି. ରେଡ୍ଡୀଙ୍କ ହଜିଥିବା ମୋବାଇଲ ଓ ମନିପର୍ସ ଟଙ୍କା ଫେରାଇ ମାନବିକତା ଓ ମଣିଷ ପଣିଆର ପରିଚୟ ଦେଇଛନ୍ତି ସୁବର୍ଣ୍ଣପୁରର ଝିଅ ବିଜୟିନୀ ରଥ।
ପ୍ରକାଶ ଥାଉ କି, ହାଇଦ୍ରାବାଦର ଏକ ସାମାଜିକ ଉତ୍ସବରେ ଯୋଗଦେଇ ସୁବର୍ଣ୍ଣପୁର ବଡ଼ ବଜାରର ବୃନ୍ଦାବନ ରଥଙ୍କ ପରିବାର ଲୋକେ ଫେରୁଥିବା ବେଳେ ଗତ ୩ ତାରିଖ ରେ ସିକନ୍ଦାରବାଦ ୪ ନମ୍ବର ପ୍ଲାଟଫର୍ମରେ ଏକ ଦାମିକା ମୋବାଇଲ, ଦୁଇ ହଜାର ଟଙ୍କା ଓ କିଛି ଜରୁରୀ କାଗଜପତ୍ର ଥିବା ଏକ ମନିପର୍ସ କୁ ଶ୍ରୀ ରଥଙ୍କ ବିବାହିତା ଝିଅ ବିଜୟିନୀ ପାଇଥିଲେ। ପ୍ରାୟତଃ ଲୋକେ ମୋବାଇଲ ଟଙ୍କା କିଛି ମୂଲ୍ୟବାନ ଜିନିଷ ପାଇବା ପରେ ତୁରନ୍ତ ଜାଗା ଛାଡି ଫେରାର ମାରିବା ଘଟଣା ଆପଣ ଦେଖିଥିବେ ଓ ଶୁଣିଥିବେ। କିନ୍ତୁ, ଏଠି ବିଜୟିନୀଙ୍କ କ୍ଷେତ୍ରରେ ଘଟିଛି କିଛି ଅଲଗା। ସିକନ୍ଦରାବାଦ ଷ୍ଟେସନରେ ଅଟକି ଥିବା ଓ ଟ୍ରେନ ଛାଡିବାର ମାତ୍ର ୧୦/ ୧୫ ମିନିଟ ଭିତରେ ପ୍ଲାଟଫର୍ମରେ ପାଇଥିବା ଏ ସବୁ ଜିନିଷ ତୁରନ୍ତ କେମିତି ହଜାଇଥିବା ଲୋକଙ୍କୁ ଫେରାଇ ନିଜର ଭାରାକ୍ରାନ୍ତ ମନକୁ ହାଲକା କରିବେ ସେ ନେଇ ବିଜୟିନୀ ଖୁବ ବ୍ୟସ୍ତ ବିବ୍ରତ ହୋଇ ପଡୁଥିବା ବେଳେ ହଜିଥିବା ମୋବାଇଲକୁ ବ୍ୟସ୍ତ ବିବ୍ରତ ସ୍ୱରରେ ଫୋନ କଲ ଆସିଲା, ମ୍ୟାଡାମ ଆପଣ କେଉଁଠି ପ୍ଲିଜ ମୋ ଫୋନ ଆଉ ଟଙ୍କା ଫେରାଇ ଦିଅନ୍ତୁ, ଆଉ ଏପଟୁ ବିଜୟିନୀ ଖୁସିରେ ଉତର ଦେଲେ ବ୍ୟସ୍ତ ହୁଅନ୍ତୁନି ଆପଣ ୪ ନମ୍ବର ପ୍ଲାଟଫର୍ମକୁ ତୁରନ୍ତ ପହଂଚି ଜିନିଷ ସବୁ ନେଇଯାଆନ୍ତୁ। ଦୁଇ ମିନିଟ ବାକି ଥିଲା ସମୟ ଟ୍ରେନ ଛାଡିବା। ଆଉ ଠିକ ସେତିକି ବେଳେ ରେଲୱେ ସୁଇପର ବି. ରେଡ୍ଡୀ ହାତ ହଲାଇ ଦୌଡ଼ି ଦୌଡ଼ି ଆସୁଥିଲେ। ବିଜୟିନୀଙ୍କ ପାଖରୁ ସବୁ ଜିନିଷ ଉଦ୍ଧାର କରି ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ। ସେଇ ଖୁସିର ମୁହୂର୍ତକୁ ଷ୍ଟେସନର ଲୋକେ ଦେଖୁଥିବା ସମୟରେ ଟ୍ରେନ ଗଡ଼ିବା ଆରମ୍ଭ ହୋଇଯାଇଥିଲା, ଆଉ ବିଜୟିନୀ ମଧ ଶ୍ରୀମତୀ ରେଡ୍ଡୀଙ୍କୁ ଖୁସି ଓ ବିନମ୍ରତାର ସହିତ ପ୍ରତି ନମସ୍କାର ଜଣାଇ ଖୁବ ତରବରରେ ଟ୍ରେନ ବଗିକୁ ଦୌଡ଼ି ଚଢ଼ିଥିଲେ। ଆଉ ଏଇ କାହାଣୀ ଓ ଦୃଶ୍ୟ ସିନେମା ଠୁଁ କିଛି କମ ନୁହେଁ। କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ। ତାଙ୍କର ଏହି ସହୃଦୟତା ପାଇଁ ଏବେ ସବୁ ମହଲରୁ ତାଙ୍କୁ ମିଳିଛି ଭୁରି ଭୁରି ପ୍ରଶଂସା। ଏଡ଼ଭୋକେଟ ଶ୍ରୀମତୀ ରଥଙ୍କ ଏଭଳି ପ୍ରୟାସ ଓ ମହତ କାର୍ଯ୍ୟକୁ ସୁବର୍ଣ୍ଣପୁର, କଳାହାଣ୍ଡି ସହର ଓ କଟକ ହାଇକୋର୍ଟ ଅଂଚଳରେ ଭୁୟସୀ ପ୍ରଶଂସା କରାଯାଇଥିବା ବେଳେ ଆଗାମୀ ଯୁବ ପିଢୀଙ୍କୁ ଏହା ପ୍ରେରଣାର ବାର୍ତା ଦେବ ନିଶ୍ଚିତ। ବିଜୟିନୀଙ୍କ ବାପା ବୃନ୍ଦାବନ ରଥ ଯିଏ କି ଦୀର୍ଘ ବର୍ଷରୁ ସୁବର୍ଣ୍ଣପୁରର କୁଷ୍ଠାଶ୍ରମକୁ ଯାଇ ପ୍ରତିଦିନ କୁଷ୍ଠ ରୋଗୀଙ୍କ ସେବା ଓ ତାଙ୍କ ଦୁଃଖ ସୁଖରେ ସାମିଲ ହୋଇ ଆସିଛନ୍ତି। ବାପା, ମା ଓ ଭାଇ ନାରାୟଣ ରଥ ସ୍ୱଚ୍ଛ ଭାରତ ସୋନପୁରର ସଦସ୍ୟ ଥିବା ବେଳେ ହାଇକୋର୍ଟରେ ଲ ପ୍ରାକ୍ଟିସ କରୁଥିବା ବିଜୟିନୀଙ୍କ ସ୍ୱାମୀ ବଲାଙ୍ଗିର ସଇଁତଳାରେ ଆୟୁଷ ଡାକ୍ତର ଭାବେ କାର୍ଯ୍ୟରତ।

# ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଫୁଲବାଣୀଠାରେ ପ୍ରତିଯୋଗିତା

କନ୍ଧମାଳ,୭/୦୭ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀ ର ବାର୍ଷିକ ଉତ୍ସବ ଉପଲକ୍ଷେ ଫୁଲବାଣୀ ସଦର ମହକୁମା ଠାରେ ଜିଲାସଂସ୍କୃତି ବିଭାଗ ଓ ବନଜ୍ୟୋସ୍ନା ସାହିତ୍ୟ ସଂସଦ ତରଫରୁ ଜିଲାର ବିଭିନ୍ନ ବିଦ୍ୟାଳୟକୁ ନେଇ ପ୍ରବନ୍ଧ, ବକ୍ତୃତା, କବିତା ଆବୃତି, ସାଧାରଣ ଜ୍ଞାନ ଓ ଇଂରାଜୀ ଭାଷାରୁ ଓଡିଆ ଅନୁବାଦ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଜିଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୦ ତାରିଖ ଦିନ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । କନ୍ଧମାଳ ଜିଲାର ବିଭିନ୍ନ ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ ର ୮୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାକୁ ଅନୁଷ୍ଠାନର ଡକ୍ଟର କାହ୍ନୁ ଚରଣ ଶତପଥୀ, ପ୍ରଶାନ୍ତ କୁମାର ବେହେରା, ଗୋପାଳକୃଷ୍ଣ ପଟ୍ଟନାୟକ ଏବଂ ପ୍ରଣତି ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇଥିବା ବେଳେ । ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ଓ ସଂସ୍କୃତି ବିଭାଗର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଦିବସ ଅବସରରେ ଏନୱାଇକେର ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ

କନ୍ଧମାଳ ,୭/୦୭ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ରକ୍ତ ଭଣ୍ଡାର ଫୁଲବାଣୀ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଅଛି। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ଉପ ଜ଼ିଲ୍ଲାପାଳ ଶ୍ରୀ ଶେଷଦେବ ମିଶ୍ର ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଫୁଲବାଣୀ ମୁନିସିପାଲିଟିର ଅଧକ୍ଷ ସ୍ମିତାରାଣୀ ମହାନ୍ତି, ଜ଼ିଲ୍ଲା ଆପତକାଳୀନ ଅଧିକାରୀ ପଦ୍ମ୍ୟୁନ ମଣ୍ଡଳ, ରକ୍ତଭଣ୍ଡାରର ଅଧିକାରୀ ଜୟଦେବ ଘୋଷ, ବରିଷ୍ଠ ତଥା ଶତାଧିକ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତଭଣ୍ଡାରର କର୍ମଚାରୀ ତୁଷାର କାନ୍ତ ପ୍ରଧାନ, ଲକ୍ଷ୍ମୀଧର ମଣ୍ଡଳ, ପ୍ରଶାନ୍ତ କୁମାର ରତ୍ନାଲୁ, ସୁଜିତ କୁମାର ସାହୁ, ସଞ୍ଜୁକ୍ତା ଦଳଛତ୍ର, ବରୁଣ ବେହେରା ପ୍ରମୁଖ ସମ୍ପାଦନ କରିଥିଲେ। ନେହରୁ ଯୁବକେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଫୁଲବାଣୀ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ଏବଂ ଯୁବକ ସଙ୍ଘର ସଭ୍ୟ ସଭ୍ୟା, ନେହରୁ ଯୁବ କେନ୍ଦ୍ର ର ସ୍ୱେଚ୍ଛା ସେବୀ ପ୍ରମୁଖ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରକ୍ତଦାନ ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପରେ ଶ୍ୟାମପ୍ରସାଦଙ୍କ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଏଥିରେ ଫୁଲବାଣୀ ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ଅଧକ୍ଷ ତଥା ଭାରତୀୟ ଜନତା ପାର୍ଟି ର ବରିଷ୍ଠ ସଦସ୍ୟ କମଳାକାନ୍ତ ପାଣ୍ଡେ, ଭାରତୀୟ ଜନତା ପାର୍ଟି ର ଜ଼ିଲ୍ଲା ସମ୍ପାଦକ, ପୂର୍ବତନ ଡି ଜି ନୋମିନୀ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ଭଗବାନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ,। ଏହି ଦିବସରେ ବୃକ୍ଷ ରୋପଣ, ପଦଯାତ୍ରା, ଚିତ୍ରାଙ୍କନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା ।ମୁଖ୍ୟ ଅତିଥି ଅନୁ ଥିତ ଦିବସ ର ମୁକ୍ଷ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ଅବ ଗତ କରିଥିଲେ । ବୈଠକରେ ରନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀ, ଯୁବକ ଭାଇ ଓ ଭଉଣୀମାନଙ୍କୁ ସ୍ୱାଗତ କରିଥିବା ବେଳେ ଚନ୍ଦ୍ରମନି ଦେହୁରୀ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରି ଥିଲେ।

# ପଶ୍ଚିମାଞ୍ଚଳରେ ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ନେଇ ବିଧାନସଭାରେ ବିଧାୟକଙ୍କ ଦାବି ଉପସ୍ଥାପନ

ସମ୍ବଲପୁର,୭/୦୭ (ନି.ପ୍ର): ଆଜି ବିଧାନସଭାରେ ପଶ୍ଚିମାଂଚଳରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରସଙ୍ଗ ଉଠାଛନ୍ତି ରେଙ୍ଗାଲି ବିଧାୟକ ନାଉରି ନାୟକ । ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଏ ସମ୍ପର୍କରେ ଜିଲ୍ଲା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।
ସେ କହିଛନ୍ତି ପଶ୍ଚିମାଂଚଳରେ ହାଇକୋର୍ଟର ସ୍ଥାୟୀ ବେଂଚ ସ୍ଥାପନ ଦାବି ଆଜିର ନୁହେଁ କି କେବଳ ଆଇନଜୀବୀ ମାନଙ୍କ ଦାବି ମଧ୍ୟରେ ସିମୀତ ହୋଇ ରହିନାହିଁ । ଦୀର୍ଘ ୪ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟରୁ ଚାଲୁଥିବା ଏହି ଆନ୍ଦୋଳନ ଏବେ ଗଣଆନ୍ଦୋଳନର ରୂପ ନେବାରେ ଲାଗିଛି । ଜାତି, ଧର୍ମ, ବର୍ଣ୍ଣ ଓ ନିର୍ବିଶେଷରେ ସମଗ୍ର ପଶ୍ଚିମାଂଚଳବାସୀ ଏହି ଆନ୍ଦୋଳନରେ ଧିରେ ଧିରେ ସାମିଲ ହେବାରେ ଲାଗିଛନ୍ତି । କୋଟି କୋଟି ଲୋକଙ୍କର ଏକ ନ୍ୟାର୍ଯ୍ୟ ଦାବିକୁ ସରକାର ଅଣଦେଖା କରିବା ବସ୍ତୁତଃ ଏହା ଏକ ଅଗଣତାନ୍ତ୍ରିକ ଓ ସଙ୍କୀର୍ଣ୍ଣ ମନୋଭାବ ବୋଲି ଚର୍ଚ୍ଚାର ପ୍ରସଙ୍ଗ ହେବାରେ ଲାଗିଛି ।
ପଶ୍ଚିମାଂଚଳ ଓ ଦକ୍ଷିଣାଂଚଳରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ବାରମ୍ବାର ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପାଇଁ ଅନୁରୋଧ କରୁଥିଲେ ମଧ ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଏଡାଇ ଯିବା ସହ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ମାନ୍ୟବର ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ମତାମତ କି ସଂଲଗ୍ନ କରି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତାବ ଓ ଦସ୍ତାବେଜ ସହିତ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବା ପାଇଁ କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜ୍ଜୁ ଚିଠି ଲେଖିବାର ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ଅଦ୍ୟାବଧି କେବଳ ନୀରବଦ୍ରଷ୍ଟା ସାଜିଛନ୍ତି । ପ୍ରତ୍ୟେକ ଲୋକଙ୍କ ଦ୍ୱାରରେ ଆଇନକୁ ପହଂଚାଇବା, ଆଂଚଳିକ ବୈଶ୍ୟମତାକୁ ଦୂର କରିବା ପାଇଁ ରାଜ୍ୟରେ ହାଇକୋର୍ଟର ଦୁଇଟି ବେଂଚ ପ୍ରତିଷ୍ଠା ଜରୁରୀ । ପଶ୍ଚିମାଂଚଳ ଓ ଦକ୍ଷିଣାଂଚଳରେ ହାଇକୋର୍ଟର ସ୍ଥାୟୀ ବେଂଚ ସ୍ଥାପନ ଦାବି ବହୁ ପୁରୁଣା ଓ ଏକ ନ୍ୟାର୍ଯ୍ୟ ଅଧିକାର ମଧ । ଏହା ବିଚାର ବିଭାଗୀୟ ବ୍ୟବସ୍ଥାକୁ ବିକେନ୍ଦ୍ରିକରଣ କରିବା ସହିତ ବିଚାର ପ୍ରକ୍ରିୟାକୁ ଆହୁରି ସରଳ ଓ ସହଜ କରିବ । ପ୍ରତ୍ୟେକ ପରିବାରର ଦ୍ୱାର ଦେଶ ପର୍ଯ୍ୟନ୍ତ ଆଇନ ବ୍ୟବସ୍ଥାକୁ ପହଂଚାଇବା ପାଇଁ ଏକ ମାଇଲ ଖୁଂଟ ସଦୃଶ୍ୟ ହେବ । ଯାହାକି ଏହି ଦୁଇ ଅଂଚଳବାସୀଙ୍କ ଭାବାବେଗ ସହିତ ମଧ ଜଡିତ । ଏଣୁ ରାଜ୍ୟ ସରକାର ଯଥା ଶୀଘ୍ର ଏହି ବିଷୟକୁ ଗୁରୁତ୍ୱ ସହକାରେ ଗ୍ରହଣ କରି କେନ୍ଦ୍ର ଆଇନ ମନ୍ତ୍ରୀ ଶ୍ରୀ ରିଜ୍ଜୁଙ୍କ ପତ୍ରର ଉତର ଦିଅନ୍ତୁ ଓ ପଶ୍ଚିମାଂଚଳରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ଆଇନ ମନ୍ତ୍ରୀ ମାଗିଥିବା ସମସ୍ତ ବିଷୟକୁ ସମ୍ବଳିତ କରି ଏକ ଠୋସ ଓ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପ୍ରେରଣ କରନ୍ତୁ ବୋଲି ଦାବି କରିଥିବା ଜିଲ୍ଲା ବିଜେପି ମୁଖପାତ୍ର ଜଣାଇଛନ୍ତି ।

# ଗୁରୁଯୁଙ୍ଗଠାରେ ରାଧାକ୍ରିଷ୍ଣ ମନ୍ଦିରରେ କୁମ୍ଭଭରା ସମ୍ପୂର୍ଣ୍ଣ

ଭବାନୀପାଟଣା,୭/୦୭ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ମିଲକି ପ୍ରଗଣାର ଗୁରୁଯୁଙ୍ଗ ଗ୍ରାମ ଠାରେ ଆଧାତ୍ମିକ ପରିବେଶରେ ଦୀର୍ଘ ଦିନର ଅଭିଳାଷ ପୂରଣ ହେଲା। ଆଜି ମନ୍ଦିରର କୁମ୍ଭ ପୂର୍ଣ୍ଣ କରାଗଲା। ଖୋଳ କୀର୍ତନ ସହ ଭକ୍ତ ମାନେ, ମହିଳା ପୁରୁଷ ଆବାଳ ବୃଦ୍ଧ ବନିତା ସମସ୍ତେ ପୂଜାର୍ଚ୍ଚନା, ହୋମ ଯଜ୍ଞରେ ସାମିଲ ହୋଇଥିଲେ। ଅଂଚଳର ବହୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ କର୍ତା ଭାବରେ ପର୍ଶୁରାମ ନାଏକଙ୍କ ଦମ୍ପତି ଯଜ୍ଞରେ ବସିଥିଲେ।

# ବାଲ୍ୟ ବିବାହ ରୋକିବାରେ ପ୍ରଶାସନିକ ସଫଳତା

ବଲାଙ୍ଗିର ,୭/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ବ୍ଲକ୍ କୁମ୍ଭାରୀ ଗ୍ରାମର ଜଣେ ୧୪ ବର୍ଷର ନାବାଳିକା ଝିଅକୁ ବିବାହ କରୁଥିବା ନେଇ ପୁଲିସ ଖବର ପାଇବା ପରେ ଚଢ଼ଉ କରି ସଫଳତା ହାସଲ କରିଛି। ସୂଚନା ମତେ କୁମ୍ଭାରୀ ଗାଁ'ର ନାବାଳିକା ଝିଅକୁ ତାଙ୍କର ସମ୍ପର୍କୀୟଙ୍କ ସହ ସମ୍ବଲପୁର ଜିଲ୍ଲା ଗୋଡ଼ଭଙ୍ଗା ଗ୍ରାମର ଜଣେ ପୁଅଙ୍କ ସହ ବିବାହ କରିବା ପାଇଁ ପ୍ରସ୍ତୁତ ହେବା ପରେ ଅଟୋ ମାଧମରେ ପରିବାର ଲୋକେ ବିବାହ କରିବା ପାଇଁ ନେଉଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ଏବଂ ସଇଁନ୍ତଳା ଥାନାକୁ ଏସ୍‌ଆଇ ସଂଗୀତା ବେଙ୍କ ଆଣି ପଚରାଉଚରା କରିବା ପରେ ତାର ବୟସ ୧୪ ବୋଲି ଜାଣିବାକୁ ପାଇଥିଲା। ପରେ ସିଡ଼ିପିଓ ସବିତା ଦାସଙ୍କୁ ଖବର ଦେବା ମାତ୍ରେ ଥାନାକୁ ଆସି ତଦନ୍ତ କରିଥିଲେ। ବୟସ ନହେବା ପର୍ଯ୍ୟନ୍ତ ଝିଅର ବାହା ହୋଇପାରିବ ନାହିଁ ବୋଲି ପରିବାର ଲୋକଙ୍କୁ ପୁଲିସ ପ୍ରଶାସନ ବୁଝାସୁଝା କରିବା ପରେ ପରିବାର ଲୋକଙ୍କୁ ଝିଅଙ୍କୁ ହସ୍ତାନ୍ତର କରିଦେଇଥିବା ଜଣାପଡିଛି। ତେବେ ବିଭିନ୍ନ ସମୟ ରେ ନାବାଳିକା ଝିଅଙ୍କର ବିବାହ କରୁଥିବା ସମୟରେ ପୁଲିସ ପ୍ରଶାସନ ଓ ସିଡ଼ିପିଓଙ୍କ ଧରପଗଡ଼ କରୁଥିବା ଦେଖିବାକୁ ମିଳିଛି।

# କେନ୍ଦୁଝରରେ ମହିଳାମାନେ ନିଷ୍ଠାର ସହ ପାଳନ କଲେ ମା ତାରେଣୀଙ୍କ ବ୍ରତ

କେନ୍ଦୁଝର ,୭/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ମହିଳାମାନେ ନିଷ୍ଠାର ସହ ପାଳନ କରିଛନ୍ତି ମା ତାରେଣୀଙ୍କ ବ୍ରତ । ଏଥିପାଇଁ ମନ୍ଦିରରେ ମହିଳାମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ମହାନ ଜଗନ୍ନାଥ ସଂସ୍କୃତିରୁ ସୃ,ଷ୍ଟି ଏହି ପବିତ୍ର ତାରେଣୀ ବ୍ରତ । ରଥଯାତ୍ରା ସହିତ ଜଡିତ ଅଟେ ତାରେଣୀ ବ୍ରତ । ରଥ ଯାତ୍ରା ଦିବସ ଠାରୁ ବାହୁଡା ଯାତ୍ରା ମଧ୍ୟରେ ମଙ୍ଗଳବାର ରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ସମସ୍ତ ବପଦରୁ ମୁକ୍ତ ରଖିବା ପାଇଁ ପ୍ରଭୁ ମା ତାରେଣୀଙ୍କ ବ୍ରତ କରିଥିଲେ। ତେଣୁ ରଥ ଯାତ୍ରାରୁ ବାହୁଡା ମଧ୍ୟରେ ଶ୍ରୀ ଜୀଉ ମାଉସୀ ମା ମନ୍ଦିରରେ ଥିବା ସମୟ ମଧ୍ୟରେ ମଙ୍ଗଳବାରରେ ଏହି ବ୍ରତକୁ ମହିଳା ମାନେ ବିଭିନ୍ନ ଶକ୍ତି ପୀଠରେ ତାରେଣୀ ବ୍ରତ ଭାବେ ଶ୍ରଦ୍ଧାରେ ସହିତ ପରିବାରର ଶୁଭ ମନାସୀ ପାଳନ କରିଥିଲେ । ଏହି ତାରେଣୀ ବ୍ରତ ଅବସରରେ ଘଟଗାଁ ମା ତାରେଣୀ ଙ୍କ ପୀଠରେ ହଜାର ହଜାର ସଂଖ୍ୟାରେ ମହିଳାମାନେ ବ୍ରତ ପାଳନ କରି ନିଜ ପରିବାର ର ମଙ୍ଗଳ କାମନା କରିଥାନ୍ତି । ଏହି କାରଣରୁ ଏହି ବ୍ରତ କୁ ମଧ୍ୟ ବିପଦ ତାରାଣୀ ବ୍ରତ କୁହାଯାଇଥାଏ । କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରେଣୀ ପୀଠରେ ମଙ୍ଗଳବାର ଦିନ ତାରେଣୀ ବ୍ରତ ପାଳନ ହୋଇଛି । ହଜାର ହଜାର ସଂଖ୍ୟାରେ ମହିଳାମାନେ ହାତରେ ହାତରେ ଭୋଗଡାଲା ସହ ତାରାଣୀ ବ୍ରତ ଧରି ମା ଙ୍କର ପୂଜା ଅର୍ଚ୍ଚନା କରିଥିଲେ । ନିଜ ପରିବାର କୁ ବିପ୍ମୁକ୍ତ କରି ରଖିବା ସହ ମଙ୍ଗଳ କାମନା କରି ବ୍ରତରେ ୧୩ ଟି ଗଣ୍ଠି ପକାଇଥାନ୍ତି ଓ ଭକ୍ତିପୁତ ଚିତରେ ମା ଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି। ତେବେ ଜଗନ୍ନାଥଙ୍କର ରଥ ଯାତ୍ରା ସହ ତାରିଣୀ ବ୍ରତର ମହିମା ଜଡିତ ଥିବା କାରଣରୁ ରଥ ଯାତ୍ରା ରେ ତିନି ଠାକୁର ମାଉସୀ ମା ଙ୍କ ଘରକୁ ଯାଇଥିବା ବେଳେ ଏହି ବ୍ରତ ପାଳନ ହୋଇଥାଏ । ତାରିଣୀ ବ୍ରତ ଅବସରରେ ଘଟଗାଁ ମା ତାରିଣୀ ଙ୍କୁ ସୁନା ବେଶ କରାଯିବା ସହ ମା ଶୁର ତାରିଣୀ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇ ଥାଆନ୍ତି । ଏହି ଅବସରରେ ମାଙ୍କ ସ୍ନାନ ମାଜଣା ଓ ଯଥା ରିତିନୀତିରେ ପୂଜା କରାଯାଇଥାଏ ।

## ପର୍ଶୁରାମ ଭବନ ଏବଂ ବୈଦିକ ବିଦ୍ୟାପୀଠ ଉଦଘାଟନ

ଜୟପୁର,୭/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବ୍ରାହ୍ମଣ ସମାଜର ପର୍ଶୁରାମ ଭବନ ଏବଂ ବୈଦିକ ବିଦ୍ୟାପୀଠ ଉଦଘାଟନ ହୋଇଯାଇଛି । ଜୟପୁର ଦ୍ୱିତୀୟ ଦୈନିକ ବଜାର ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମାଜର କୁଳପତି ବୈଦ୍ୟନାଥ ମିଶ୍ର ସମ୍ପାଦକ ପ୍ରମୋଥ ନାଥ ମିଶ୍ର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ମିଶ୍ରଙ୍କ କୋରକୋମଳରେ ଉଦ୍ ଘାଟନ ହୋଇଛି । ଉପସ୍ଥିତ ବରିଷ୍ଠ ବ୍ରାହ୍ମଣ ମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ନରସିଂହ ପ୍ରସାଦ ମିଶ୍ର,ଶ୍ରୀ ଚନ୍ଦ୍ର ଶେଖର ରଥ, ଶରତ ଚନ୍ଦ୍ର ଖଡ଼ଗରାଇ, ରମେଶ ଚନ୍ଦ୍ର ତ୍ରିପାଠୀ, ବାବୁଭାଇ ବଜରଙ୍ଗୀ, ବୁନୁ ରଥ, ରାଧାନାଥ ଭଟ୍ଟ,ଗଣେଶ ପାଢ଼ୀ , ଭବାନୀ ଆଚାର୍ଯ୍ୟ, ପୁରୁଷତମ ନନ୍ଦ,କିଶୋର ପଣ୍ଡା,ବିଜୟ ଭଟ୍ଟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦେଶି ମଦ ଚାଲାଣ: ଜଣେ ଗିରଫ

ଜୟପୁର,୭/୦୭ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ବି ମାଳିଗୁଡା ରେ ଚଢାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ପ୍ରଭାତ ସାହୁ । ଅଭିଯୁକ୍ତ ପ୍ରଭାତ ଦେଶି ମଦ ଚାଲାଣ କରୁଥିବା ଅବକାରି ବିଭାଗ ସୁଚନା ପାଇ ଚଢାଉ କରିଥିଲା। ପ୍ରଭାତ ଠାରୁ ୧୯ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତ କୁ ଗିରଫ କରିଥିବା ଅବକାରି ବିଭାଗ ତରଫରୁ ସୁଚନା ଦିଆଯାଇଛି ।

# ଗଙ୍ଗାଧର ସାରସ୍ୱତ ସମିତି ଏବଂ ସବୁଜିମାର ସ୍ୱର ପରିବାର ତରଫରୁ ବୃକ୍ଷ ରୋପଣ

ନୂଆପଡ଼ା,୭/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲିର ସଦା ସକ୍ରିୟ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ଏବଂ ସବୁଜିମାର ସ୍ୱର ପରିବାରର ମିଳିତ ଉଦ୍ୟମରେ ସିନାପାଲି କେଂନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ବୁଧବାର ବନମହୋତ୍ସବ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସମିତିର ସଭାପତି ତଥା ସବୁଜିମାର ସ୍ୱରର ସଂଯୋଜକ ବୈଷ୍ଣବ ମେହେର, ସାରସ୍ୱତ ସମିତିର ବରିଷ୍ଠ ସଦସ୍ୟ ରବିଂନ୍ଦ୍ରନାଥ ଯୋଷୀ, ସଂପାଦକ ତରୁଣ କୁମାର ମେହେର, ସହସଂପାଦକ ଲଳିତ କୁମାର ସୁନାରୀ, ଗୌତମ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ କଲେଜ ଅଧ୍ୟକ୍ଷ ଲମ୍ବୋଦର ମେହେର, ସମାଜସେବୀ ପ୍ରଦୀପ ଜୈନ୍, ବରିଷ୍ଠ ଶିକ୍ଷକ ହୃଦାନନ୍ଦ ମାଝୀ ପ୍ରମୁଖ ଯୋଗଦାନ କରି ବୃକ୍ଷରୋପଣ ଭଳି ମହତ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ କ୍ଷ ଏହି ଅବସରରେ ନିମ୍ବ, ବାଦାମ, ପଣସ, ଅଁଳା,ପିଜୁଳି, ସାଗୁଆନ ଆଦି ବୃକ୍ଷ ରୋପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଯୋଷୀ, ସତ୍ୟବ୍ରତ ଗହିର, ଧବଚରଣ ପଧାନ, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ତ୍ରୀନାଥ ମେହେର, ପରେଶନାଥ ପାଣିଗ୍ରାହୀ, ସୁବାସ ସାହୁ, ଶିବପ୍ରସାଦ ମେହେର, କମଳଜୀତ ବୈକାର, ସୂର୍ଯ୍ୟକାନ୍ତ ବାରିକ, ହରେକୃଷ୍ଣ ମେହେର, ସାନୁର୍ଯ୍ୟ ମେହେର, ନିଳାଂଚଳ ମେହେର, କମଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଖରିଫ ଚାଷ ପାଇଁ ମଙ୍ଗଳପୁର ହାତୀ ବ୍ୟାରେଜରୁ ପାଣି ଛଡ଼ାଗଲା

ମୁଖୀଗୁଡା,୭/୦୭ (ନି.ପ୍ର): ଆଜି ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପ ମଙ୍ଗଳପୁର ବ୍ୟାରେଜ ରୁ ଖରିଫ ଚାଷ ପାଇଁ ପାଣି ଛଡା ଯାଇଛି ।ଉପର ଇନ୍ଦ୍ରାବତୀ ପ୍ରକଳ୍ପ କେନାଲ ଯୋଗେ ଖରିଫ ୨୦୨୨ପାଇଁ ୧୧୨୮୬୬ ହେକ୍ଟର ଜମି ରେ ଜଳ ସେଚନ ପାଇଁ ଲକ୍ଷ୍ୟ ରଖାଯାଇଛି ।
ବାମ କେନାଲ ରେ ୫୯ ୨୪୨ହେକ୍ଟର ଓ ଡାହାଣ କେନାଲରେ ୨୭୩୪୭ହେକ୍ଟର ଏବଂ ଲିଫ୍ଟ କେନାଲ ୨୫୨୭୪ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରଖାଯାଇଛି । ଆଜି ମଙ୍ଗଳପୁର ହାତୀ ବ୍ୟାରେଜ ରୁ ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତ ରେ ଜଳ ଯୋଗାଣ ଆରମ୍ଭ ହୋଇଛି ।ବାମ କେନାଲ ରେ ୫ କ୍ୟୁମେକ୍ସ ଓ ଡାହାଣ କେନାଲ ରେ ୭.୪ କ୍ୟୁମେକ୍ସପାଣି ଛଡା ଯାଉଛି । ଉଠା ଜଳସେଚନ କେନାଲ ରେ ୧୦ ତାରିଖ ରେ ପାଣି ଛଡା ଯିବ ବୋଲି ଜଣାପଡ଼ିଛି । ଜଳ ନିଷ୍କାସନ ସମୟରେ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅନୀଲ ପାଣିଗ୍ରାହୀ, ଡାହାଣ କେନାଲ ଅଧୀକ୍ଷଣ ଯନ୍ତ୍ରୀ ରାଜକୁମାର ବେହେରା, ବାମ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ପାତ୍ର ସହ ବିଭାଗୀୟ ଏସ୍ଡିଓ, କନିଷ୍ଠ ଯନ୍ତ୍ରୀ ଓ ବ୍ୟାରେଜ ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦ୍ରାବତୀ ଜଳଭଣ୍ଡାର ଜଳସ୍ତର ଆଜି ୬୨୯.୬୦ ରହି ଥିବାବେଳେ ଆଗାମୀ ୨୦ତାରିଖ ସୁଦ୍ଧା ଇନ୍ଦ୍ରାବତୀ ଜଳଭଣ୍ଡାର ର ଜଳସ୍ତର ବୃଦ୍ଧି ନପାଇଲେ ଆଗାମୀ ଦିନରେ ରୋଟେସନ ରେ ପାଣି ଛଡ଼ାଯିବ ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ କହିଛନ୍ତି।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ

ନୂଆପଡ଼ା,୭/୦୭ (ନି.ପ୍ର): ନୂଆପଡା ଜିଲ୍ଲା ସଦର ମହକୁମା ସ୍ଥିତ ଘାସିରାମ ମାଝୀ ଧର୍ମଶାଳା ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଖାମ ସିଂ ମାଝୀଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଅଛି। ଏହି ଉପଲକ୍ଷେ ନୂତନ ରୂପେ ଯୋଗ ଦେଇଥିବା ଜିଲ୍ଲାପାଳ ହେମକାନ୍ତ ସାଏଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଜଣେ ଆଦିବାସୀଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ଦେବା ପାଇଁ ନୂଆପଡା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସାଧୁବାଦ ଜଣାଇଛନ୍ତି। ମାନନୀୟା ଦ୍ରୌପଦୀ ମୁର୍ମୁ ଦେଶର ସମସ୍ତ ଆଦିବାସୀ ଭାଇ ଓ ଭଉଣୀଙ୍କ ପ୍ରତିନିଧିତ୍ୱ କରିବା ସହ ସେ ଜଣେ ନିର୍ଭୀକ, ସଚ୍ଚୋଟ ଏବଂ ସଂଗ୍ରାମୀ ମହିଳା ଅଟନ୍ତି। ସେ ବିପତି ଆସିଲେ ମଧ ଭାଙ୍ଗି ନଥିଲେ। ନିଜ ଦଳର ଦାୟିତ୍ୱରେ ଆଗେଇ ଚାଲି ଚାଲି ଜଣେ କର୍ମଠ ମହିଳାର ପରିଚୟ ଦେଇଥିଲେ। ତାଙ୍କର ଏହି କର୍ମଠ କାରଣରୁ ଆଜି ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ମିଳିପାରିଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ଶବର, ସମ୍ମାନିତ ଅତିଥି ରୂପେ ଜୟରାମ ଶବର, ଉପଦେଷ୍ଟା ଜୟନନ୍ଦ ମାଝୀ, ଯଜ୍ଞାସିନୀ ମାଝୀ, ଖଡ଼ିଆଳ ସଭାପତି କାର୍ତିକେଶ୍ୱର ମାଝୀ ସମେତ ଶତାଧିକ ନେତୃମଣ୍ଡଳୀ ଯୋଗ ଦେଇଥିଲେ।

# ୫୦ଲକ୍ଷ ରୋଜଗାର କରୁଥିବା ଗରିବ !



ଶିରୋନାମା ପଢ଼ି ହୁଏତ ଆପଣଙ୍କ ଭିତରୁ କାହାକୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ । ମାତ୍ର ଏହା ସତ । ଆମ ଦେଶରେ ଯାହାର ଦରମା ଏକଲକ୍ଷ ବା ତଦୁର୍ଦ୍ଧ୍ୱ, ସେ ଧନୀକ ଶ୍ରେଣୀର ହୋଇଥାନ୍ତି । କିନ୍ତୁ ବିଶ୍ୱରେ ଏମିତି ସ୍ଥାନ ରହିଛି, ଯେଉଁଠାରେ ୮୦ ଲକ୍ଷ ରୋଜଗାର କରୁଥିବା ଲୋକ ମଧ ଗରିବ । ଏମିତି ସହର ହେଉଛି ଆମେରିକାର ସାନ ଫ୍ରାନସିସ୍କୋ । ଆମେରିକାର ଆବାସୀୟ ଏବଂ ସହର ବିକାଶ ବିଭାଗ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ସାନ ଫ୍ରାନସିସ୍କୋ, ସାନ ମାଟିଓ ଏବଂ ଏହାର ଆଖପାଖରେ ରହୁଥିବା ୪ ସଦସ୍ୟ ବିଶିଷ୍ଟ ପରିବାର ଯଦି ୮୦ ଲକ୍ଷ ରୋଜଗାର କରୁଥାନ୍ତି, ତେବେ ସେମାନେ 'କମବେତନ' ପରିବାର ଶ୍ରେଣୀରେ ରହିଥାନ୍ତି । କିନ୍ତୁ ଯଦି କୌଣସି ପରିବାର ୫୦ ଲକ୍ଷ ବେତନ ପାଉଥାନ୍ତି, ତେବେ ସେମାନେ ଗରିବ ଶ୍ରେଣୀ ପର୍ଯ୍ୟାୟଭୁକ୍ତ । ଏହି ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ଏଠାରେ ଗରିବଙ୍କ ସଂଖ୍ୟା ଅଧିକ । ଆମେରିକାର ସମୁଦାୟ ଜନସଂଖ୍ୟା ୩୨.୬କୋଟି ହୋଇଥିବାବେଳେ ପ୍ରାୟ ୪କୋଟି ଲୋକ ଗରିବ ସୀମାରେଖା ତଳେ ରହିଥାନ୍ତି ।

# ଶରୀରରେ ବିଷ ବଢ଼ାଉଛି ୧୨ ପ୍ରକାର ଫଳ ଓ ପନିପରିବା



ଶରୀରରେ ବିଷର ମାତ୍ରା ବଢ଼ାଉଛି ୧୨ ପ୍ରକାର ଫଳ ଓ ପନିପରିବା। ଯାହା ଭିତରେ ରହିଛି ଆପଣଙ୍କ ପସନ୍ଦର ଅନେକ ଫଳ। ଏହାକୁ ଜାଣିବା ଜରୁରୀ।

ଫଳ ଓ ପନିପରିବା ଖାଇଲେ ଶରୀରକୁ ଅନେକ ପୋଷଣ ମିଳିଥାଏ। ତେଣୁ ସମସ୍ତେ ଏହା ଆବଶ୍ୟକ ପରିମାଣର ଖାଇବା ଉଚିତ୍। ଫଳ ଓ ପନିପରିବା ଖାଇବା ଦ୍ୱାରା ଶରୀରରେ ହଜମ ଶକ୍ତି ଠିକ୍ ରହିଥାଏ। ଶରୀରକୁ ଭିଟାମିନ, ଖଣିଜ ପ୍ରଭୃତି ମିଳିଥାଏ। ଉକ୍ତ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

ହେଲେ ନିକଟରେ ଜାରି ଏକ ରିପୋର୍ଟ ମୁତାବକ ୧୨ ପ୍ରକାର ଫଳ ଓ ପନିପରିବା ଖାଇବା ଦ୍ୱାରା ଶରୀରରେ ବିଷର ମାତ୍ରା ବଢ଼ି ଯାଇଥାଏ। ଏହା ଦ୍ୱାରା ଶରୀରରେ ଗମ୍ଭୀର ରୋଗ ସୃଷ୍ଟି ହୋଇପାରେ। ଆମେରିକାର ଏନଭାୟାରମେଣ୍ଟ ୱାର୍କିଂ ଗ୍ରୁପ୍ ଦ୍ୱାରା ଚଳିତ ବର୍ଷ ଜାରି ହୋଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି।

ଶରୀରରେ ବିଷ ବଢ଼ାଉଥିବା ଫଳ ଓ ପରିବା ତାଲିକାରେ ଷ୍ଟ୍ରବେରୀ, ପାଳଙ୍ଗ ଶାଗ, ସୋରିଷ ଶାଗ, ସେଓ, ଅଙ୍ଗୁର, ସିମଳା ଲଙ୍କା ଓ ରାଗ ଲଙ୍କା, ଚେରି, ନାସପାତି, ଟମାଟୋଳ ନେକ୍ଟରିନ ଓ ସେଲେରି ପ୍ରମୁଖ ରହିଛି। ଏହା ଶରୀରରେ କ୍ୟାନ୍ସର ବଢ଼ାଇବାର ମଧ କାରଣ ହୋଇପାରେ। ତେବେ ବିଶେଷଜ୍ଞଙ୍କ ମୁତାବକ ଜୈବିକ ଖତ ଦ୍ୱାରା ଉତ୍ପାଦିତ ଏହି ଖାଦ୍ୟଗୁଡ଼ିକ ଶରୀର ପ୍ରତି ସେତେ ଅଧିକ ହାନିକାରକ ନୁହେଁ। କାରଣ ଏଥିରୁ ମଧ ଶରୀରକୁ ଅନେକ ଖାଦ୍ୟ ସାର ଓ ଖଣିଜ ମିଳିଥାଏ। ଖାଦ୍ୟ ଅଭାବ ପୂରଣ ନିମନ୍ତେ ଚାଷ କାର୍ଯ୍ୟରେ ଅଧିକ ପରିମାଣର ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଫଳ ଓ ପରିବାରେ ବିଷର ପରିମାଣ ବଢ଼ାଉଛି।

ସେହିପରି ଶରୀରରେ କମ୍ କୀଟନାଶକ ବା ବିଷ ବଢ଼ାଉ ଥିବା ଫଳ ମଧରେ ମିଠା ମକା, ସପୁରୀ, ପିଆଜ, ଅମୃତଭଣ୍ଡା, ମିଠା ମଟର, ଶତାବରୀ, ମିଠା ତରଭୁଜ, କିୱି, ବନ୍ଧାକୋବି, ଛତୁ, ଖରଭୁଜ, ଆମ୍ବ, ତରଭୁଜ ଓ କନ୍ଦମୂଳ ପ୍ରଭୃତି ରହିଛି।

# ଜୀବନ ରଙ୍ଗ : ବୋତଲ କହୁଛି ପାଣି କେତେ ଗରମ

ଜୀବନଧାରଣ ପାଇଁ ମଣିଷ ପାଣି ପିଇବା ଏକ ସାଧାରଣ କଥା। କିନ୍ତୁ ପ୍ରତିଟି କଥାରେ ଫ୍ୟାସନ୍ ଚାହୁଁଥିବା ମଣିଷ ଏବେ ପାଣି ପାଇବା ପାଇଁ ହାତରେ ଫ୍ୟାସନେବୁଲ ବୋତଲଟିଏ ମଧ ଚାହୁଁଛି। ଏଣୁ ବିଭିନ୍ନ କମ୍ପାନି ଗ୍ରାହକଙ୍କୁ ଆକର୍ଷିତ କଲା ଭଳି ବୋତଲ ସବୁ ବଜାରକୁ ଛାଡୁଛନ୍ତି। ପୁରୁଣା ପରମ୍ପରାକୁ ଫେରି ମଣିଷ ଏବେ ଷ୍ଟାଇଲିସ୍ ମାଟି ପାଣି ବୋତଲ ସହ ଷ୍ଟେନ୍‌ଲେସ୍ ଥର୍ମୋ ଷ୍ଟିଲ ପାଣି ବୋତଲ ଓ ତମ୍ବା ବୋତଲ ବ୍ୟବହାର କରୁଛି। ଯାହାକି ପ୍ଲାଷ୍ଟିକ ବୋତଲ ଭଳି ଶରୀର ପାଇଁ ହାନିକାରକ ନୁହେଁ, ଓଲଟି ବିଭିନ୍ନ ପେଟ ରୋଗ ପାଇଁ ଲାଭକାରୀ। କିନ୍ତୁ କିଛି ବ୍ରାଣ୍ଡେଣ୍ଡ୍ କମ୍ପାନି କିଛି ବାଟ ଆଗକୁ ଯାଇ ତିଆରି କରିଛନ୍ତି 'ସ୍ମାର୍ଟ ପାଣି ବୋତଲ'। ଏଥିରେ କେବଳ ଥଣ୍ଡା ବା ଗରମ ପାଣି ଲମ୍ବା ସମୟ ଧରି ନିଜ ତାପମାତ୍ରା ଧରି ରଖେନି, ଏହା ବୋତଲ ଭିତରେ ଥିବା ପାଣିର ତାପମାତ୍ରା ମଧ ଦର୍ଶାଇଥାଏ। ବାପୁଜୀନଗର ସୁଧାକର ଇଲେକ୍ଟ୍ରିକାଲର ବ୍ୟବସାୟୀ କୁମାର ସୋମେଶ କହିଛନ୍ତି, ଏହି ବୋତଲ ଡବଲ ଲେୟାର ଷ୍ଟେନ୍‌ଲେସ୍ ଷ୍ଟିଲ୍ ହୋଇଥିବା ବେଳେ ଏହାର ଉପରି ଭାଗରେ ଏକ ଏଲଇଡି ସ୍କ୍ରିନ୍ ଲାଗିଥାଏ। ଏହି ସ୍କ୍ରିନ୍‌ରେ ବୋତଲ ନ ଖୋଲି ଜଣେ ବୋତଲ ଭିତରେ ଗରମ କି ଥଣ୍ଡା ପାଣି ରହିଛି, କିମ୍ବା ଏହାର ତାପମାତ୍ରା କେତେ ରହିଛି; ତାହା ଜାଣିହେବ। ଏ ପର୍ଯ୍ୟନ୍ତ ଅଳ୍ପ ଟଙ୍କାରେ ବ୍ରାଣ୍ଡେଡ୍ କମ୍ପାନିର ସ୍ମାର୍ଟ ପାଣି ବୋତଲ ରାଜଧାନୀ ବଜାରକୁ ଆସିନାହିଁ। ଏହା ପକେଟକୁ ସୁହାଇବା ଦାମ୍‌ରେ ଆମାଜନ, ଫ୍ଲିପ୍‌କାର୍ଟ ଭଳି ଅନ୍‌ଲାଇନ୍ ସପିଂ ସାଇଟ୍‌ରେ ଉପଲବ୍ଧ ରହୁଛି। ବଜାରରେ ଆସୁଥିବା ଲୋକାଲ କମ୍ପାନି ସ୍ମାର୍ଟ ପାଣି ବୋତଲ ବ୍ରାଣ୍ଡେଡ ନହେଲେ ମଧ ଭଲ ବିକ୍ରି ହେଉଥିବା ସେ କହିଛନ୍ତି। ବଜାରରରେ ଏହି ବୋତଲ ୩୦୦ରୁ ୩ହଜାର ଟଙ୍କା ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ବ୍ରାଣ୍ଡର ଆଡଭାନ୍ସ ଫିଚର ଓ ଏଥିରେ କେତେ ପାଣି ରହିବ, ତାକୁ ନେଇ ଏହି ପାଣି ବୋତଲର ଦାମ୍ ରହିଛି। ଜେନେରିକ ପ୍ରଡକ୍ଟ, ଇନ୍‌କ୍ରିଜ୍‌ମା ଭଳି କମ୍ପାନି ଏହାକୁ ତିଆରି କରୁଥିବା ବେଳେ ଏବେ ଏକାଧିକ ଲୋକାଲ କମ୍ପାନି ମଧ ତିଆରି କଲେଣି। ବିଭିନ୍ନ ଅନ୍‌ଲାଇନ ସପିଂ ସାଇଟ୍, ସହରର ବିଭିନ୍ନ ମଲ୍ ଓ ୟୁନିଟ୍-୧ ହାଟରେ ଏହା ମିଳୁଛି। ଏଥିସହ ଯୁବପିଢ଼ିଙ୍କ ମଧରେ କଷ୍ଟମାଇଜ୍‌ଡ୍ ପାଣି ବୋତଲର ଚାହିଦା ମଧ ରହିଛି। ଏଥିରେ ନିଜ ନାମ ସହ ବିଭିନ୍ନ ଫଟୋ ଓ କଳାକୃତିକୁ ଖୋଦେଇ କରାଯାଇପାରୁଛି।



# ଏକ୍ସପାଏରୀ ଫୁଡ୍‌ର ସୁପରମାର୍କେଟ୍



ଗୋଟିଏ ପଟେ ପୃଥିବୀରେ ଅନେକ ଲୋକ ଖାଦ୍ୟାଭାବରୁ ମୃତ୍ୟୁର ଶିକାର ହେଉଥିବା ବେଳେ ଅନ୍ୟପଟେ ପ୍ରତଦିନ ନଷ୍ଟହୁଏ ହଜାର ହଜାର ଟନର ଖାଦ୍ୟ। ଅନେକ ସମୟରେ କୌଣସି ଖାଦ୍ୟ ନଷ୍ଟ ହୋଇ ନଥିଲେ ବି ତାର ଖରାପ ପ୍ୟାକେଜିଂ ଯୋଗୁଁ ଉକ୍ତ ପ୍ରଡ଼କ୍ଟ କମ୍ପାନୀକୁ ପୁଣିଥରେ ଫେରାଇ ଦିଆଯାଏ। ବର୍ତ୍ତମାନ ଏହି ଖାଦ୍ୟ ଅପଚୟକୁ କମ୍ କରିବା ପାଇଁ ଡେନମାର୍କ ଠାରେ ପ୍ରଥମ କରି 'ୱିଫୁଡ୍' ନାମକ ଏକ ସୁପରମାର୍କେଟ ଖୋଲାଯାଇଛି, ଯେଉଁଠି ବିକ୍ରିହୁଏ ଏକ୍ସପାଏରୀ ଫୁଡ୍। ତେବେ ଏହି ଖାଦ୍ୟ ବାସି ନୁହେଁ କିମ୍ବା ନଷ୍ଟ ହୋଇ ନଥାଏ। କେବଳ ଠିକ୍ ପ୍ୟାକେଜିଂ ହୋଇ ନଥିବା ଅଥବା ଉକ୍ତ ଖାଦ୍ୟ କିମ୍ବା ଜିନିଷର କମ୍ ବ୍ୟବହାର ଯୋଗୁଁ ମାର୍କେଟରୁ ଫେରାଯାଇଥିବା ପ୍ରଡ଼କ୍ଟଗୁଡ଼ିକ ଏହି ସୁପରମାର୍କେଟରେ ବିକ୍ରିହୁଏ। ତେବେ ଏଠାରେ କେବଳ ଖାଦ୍ୟ ପଦାର୍ଥ ନୁହେଁ, କସମେଟିକ୍ ଏବଂ ଅନ୍ୟ ଘରକରଣା ଜିନିଷ ମଧ ବିକ୍ରିହୁଏ। ତାହା ପୁଣି ମାର୍କେଟ ମୂଲ୍ୟଠାର ୩୦ରୁ ୫୦ ପ୍ରତିଶତ ରିହାତିରେ। ଏହା ହେଉଛି ପୃଥିବୀର ପ୍ରଥମ ସୁପରମାର୍କେଟ, ଯାହା ଲୋକଙ୍କୁ କମ୍ ଦାମରେ ଖାଦ୍ୟ ଯୋଗାଇବା ସହିତ ଏହାକୁ ନଷ୍ଟ ନକରିବା ଲାଗି ସତର୍କ କରାଇଥାଏ।

# ଲଙ୍କା ମୀନାର: ଯେଉଁଠି ଭାଇଉଣୀଙ୍କୁ ଯିବା ବାରଣ




ଉତ୍ତରପ୍ରଦେଶର କଲପିରେ ରହିଛି ୨୧୦ ଫୁଟ ଉଚ୍ଚ 'ଲଙ୍କା ମୀନାର ।' ଏହି ମୀନାର ମଧରେ ରବଣଙ୍କ ପୂରା ପରିବାରର ଚିତ୍ରଣ କରାଯାଇଛି । ମୀନାରକୁ ନେଇ ରହିଛି ଏକ ରୋଚକ କଥା । କୁହାଯାଏ ଏହା ଭିତରକୁ ଭାଇଭଉଣୀ ଏକତ୍ର ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଛି । ଭାବୁଥିବେ ଏଭଳି ନିୟମ ପଛର ରହସ୍ୟ କଣ ? ପ୍ରକୃତରେ ମୀନାର ନିର୍ମାଣଶୈଳୀ ଏହି ନିୟମ ପାଳନ ପାଇଁ ବାଧ କରିଛି । ମୀନାରର ତଳୁ ଉପରକୁ ଯିବା ପାଇଁ ହେଲେ ସାତଥର ପରିକ୍ରମା କରିବାକୁ ପଡ଼ିଥାଏ । ଯାହା କେବଳ ପତିପତ୍ନୀଙ୍କ ପାଇଁ ଉଦ୍ଦିଷ୍ଟ । ତେଣୁ ଏଠାକୁ ଭାଇଭଉଣୀ ଏକତ୍ର ଆସିପାରନ୍ତି ନାହିଁ । ମୀନାରର ନିର୍ମାଣ ମଥୁରା ପ୍ରସାଦ କରିଥିଲେ; ଯିଏକି ରାମଲୀଳାରେ ସର୍ବଦା ରାବଣଙ୍କ ଚରିତ୍ର ନିର୍ବାହ କରୁଥିଲେ । ରାବରଙ୍କ ଭୂମିକା କରି କରି ସେ ଏତେ ମାତ୍ରାରେ ଚରିତ୍ର ଭିତରେ ବୁଡ଼ିଗଲେ ଯେ, ଲଙ୍କା ନିର୍ମାଣ ପାଇଁ ମନ ବଳାଇଲେ । ୧୮୭୫ରେ ମଥୁରା ପ୍ରସାଦ ନିଗମରେ ରାବରଙ୍କ ସ୍ମୃତିରେ ଏହି ମୀନାର ନିର୍ମାଣ କଲେ । ଶଙ୍ଖ, କଉଡ଼ି ଆଦିରେ ସେ ଏହି ମୀନାର ନିର୍ମାଣ କରିଛନ୍ତି । ଏଥିପାଇଁ ତାଙ୍କୁ ୨୦ବର୍ଷ ସମୟ ଲାଗିଥିଲା । ମୀନାର ମଧରେ ଶହେ ଫୁଟ୍ ଲମ୍ବର କୁମ୍ଭକର୍ଣ୍ଣ ଏବଂ ୬୫ ଫୁଟ୍ ଲମ୍ବର ମେଘନାଦଙ୍କ ପ୍ରତିମା ରହିଛି । ସେହିପରି ମୀନାର ସମ୍ମୁଖରେ ଭଗବାନ ଚିତ୍ରଗୁପ୍ତ ଏବଂ ଭଗବାନ ଶଙ୍କରଙ୍କ ମୂର୍ତ୍ତି ରହିଛି । ମନ୍ଦିରର ନିର୍ମାଣ ଏଭଳି ଭାବେ କରାଯାଇଛି ଯେ ଭଗବାନ ଶିବଙ୍କୁ ୨୪ଘଣ୍ଟା ଦର୍ଶନ କରିହେବ ।

# କାର୍ଯ୍ୟଦକ୍ଷତା ହ୍ରାସ କରେ ବ୍ୟବହାର



ନିଜର ଆଚାର ବ୍ୟବହାର ଉପରେ ନିଜ କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ । ହୁଏତ କେତେକ କହିପାରନ୍ତି ସେ କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଏବଂ ଦକ୍ଷତା ଉପରେ ନିର୍ଭ କରେ । କିନ୍ତୁ ନିଜ ବ୍ୟବହାର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି ଇଂଲର୍ଡର ମନୋବିଜ୍ଞାନୀମାନେ । କାର୍ଯ୍ୟ କରିବା ସମୟରେ କାହାର ବ୍ୟବହାର କିପରି ରହୁଛି ଏବଂ ତାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହା ଅନୁଧ୍ୟାନ କରାଯାଇଥିଲା । କାମ କରିବା ସମୟରେ କେତେକଙ୍କର ସ୍ୱଭାବ ଚିଡ଼ିଚିଡ଼ା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ସ୍ଥିର ରହିନଥାଏ । ତେଣୁ ଏଭଳି ପରିସ୍ଥିତିରେ କାମକୁ ଠିକ୍ ଭାବରେ କରିବା ସମ୍ଭବ ହୋଇନଥାଏ । କାମ କରିବା ସମୟରେ ଟେନସନ କିମ୍ବା କିଛି କାରଣରୁ କେତେଜଣଙ୍କର ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କ ବ୍ୟବହାର ମଧ ପ୍ରଭାବିତ ହୋଇଥାଏ । ଫଳରେ ସେମାନେ ଠିକ୍ ଭାବରେ କାମଟିକୁ କରିପାରି ନଥାନ୍ତି । ତେଣୁ କାମ କରିବା ସମୟରେ ନିଜ ବ୍ୟବହାର ସମ୍ପର୍କରେ ସଚେତନ ରହିବା ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

# ଘଣ୍ଟା ଚଢ଼ାଇଲେ ପୂରଣ ହୁଏ ମନୋବାଞ୍ଛା

ଆମ ଦେଶରେ ଏମିତି ଅନେକ ମନ୍ଦିର, ଦରଗାହ, ମଜାର ରହିଛି, ଯେଉଁଠାରେ ଲୋକମାନେ ନିଜ ମନୋବାଞ୍ଛା ପୂରଣ ପାଇଁ ବିଭିନ୍ନ ଜିନିଷ ଦେଇଥାନ୍ତି । ଏମିତି ଏକ ମଜାର ରହିଛି, ଯେଉଁଠାରେ ମନୋବାଞ୍ଛା ପୂରଣ ହେଲେ ଦେବାକୁ ପଡ଼େ ଘଣ୍ଟା । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ବହୁ ଲୋକ ନିଜର ଇଚ୍ଛା ପୂରଣ ପାଇଁ ଏହି ମଜାରରେ ଘଣ୍ଟା ଚଢ଼ାଇଥାନ୍ତି । ଏହି ମଜାର ରହିଛି ପଞ୍ଜାବ-ହରିଆନା ସୀମାରେ ଥିବା ଶାହବାଦ ନିକଟରେ । ଏହା ବାବା ସୟଦନ ଇବ୍ରାହିମଙ୍କ ୯ଗଜର ମଜାର, ଯାହାର ଲମ୍ବା ୩୪ ଇଞ୍ଚ ହୋଇଥିବାବେଳେ ଚଉଡ଼ା ୧୫ଇଞ୍ଚ । ମାନ୍ୟତା ରହିଛି ଯେ ୧୫୦୦ବର୍ଷ ପୂର୍ବେ ହରିଆନାର ଶାହବାଦ ଜିଲ୍ଲାରେ ଜଣେ ପୀରବାବା ରହୁଥିଲେ । ତାଙ୍କ ପାଖରେ ବହୁ ଚମ୍ତ୍କାରୀ ଶକ୍ତି ରହିଥିଲା, ସେ ଲୋକମାନଙ୍କର ଭଲ ପାଇଁ ଚମ୍ତ୍କାରୀ ଶକ୍ତିର ବିନିଯୋଗ କରୁଥିଲେ । ତେଣୁ ଲୋକମାନେ ତାଙ୍କୁ ସନ୍ଥ ଭାବରେ ଗ୍ରହଣ କରିଥିଲେ । ତାଙ୍କର ଉଚ୍ଚତା ୮ଫୁଟ୍ ଥିଲା । ମୃତ୍ୟୁ ପରେ ତାଙ୍କର ମଜାର ନୌଦାରା ପୋଲ ତଳେ କରାଯାଇଥିଲା । ପରେ ସରକାର ଏହାକୁ ଦାର୍ଶନିକ ସ୍ଥଳ ଭାବେ ଘୋଷଣା କରିଥିଲେ । ଏହାର ଠିକ୍ ସାମନାରେ ରହିଛି ଏକ ଶିବ ମନ୍ଦିର ।

# ଅଫିସରେ ମାନ୍ଦା ଲାଗିଲେ....

**ଅନେକ ସମୟରେ ଅଫିସରେ ସହକର୍ମୀଙ୍କ ବ୍ୟବହାର ହେଉ କିମ୍ବା କାମ ଚାପ ଯୋଗୁ ଖୁବ ଟେନସନ ଲାଗେ । ଏହା ଏକ ସ୍ୱାଭାବିକ ଧାରା । ତେବେ ଏଭଳି ଟେନସନ ନିଜ କାମ ଉପରେ ପ୍ରଭାବ ପକାଏ । ଏଥିରୁ ମୁକ୍ତ ରହିବା ଲାଗି ଏମିତି କେତେକ ଉପାୟ ଆପଣାଇ ପାରନ୍ତି ।**

**ସଙ୍ଗୀତ ଶୁଣନ୍ତୁ:** କାନାଡ଼ାର ୱିଣ୍ଡସର ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଗବେଷଣାରୁ ଜଣାଯାଇଛି ଯେ କାମ କରିବା ବେଳେ ସଙ୍ଗୀତ ଶୁଣିଲେ ସକାରାତ୍ମକ ଶକ୍ତି ମିଳିଥାଏ । ମସ୍ତିଷ୍କରେ ଏକାଗ୍ରତା ରହେ । ଫଳରେ କାମ ଭଲଭାବେ ହୋଇପାରେ । ତେବେ ମାନସିକ ସ୍ତରରେ କରୁଥିବା କାର୍ଯ୍ୟସମୟରେ ସଙ୍ଗୀତ ଶୁଣିବା ଅନ୍ୟମନସ୍କ କରିପାରେ ।

**ପିଠି ଯନ୍ତ୍ରଣା:** ଅଫିସରେ କାମ କରିବା ସମୟରେ ସବୁଠାରୁ ଅଧିକ ସମସ୍ୟା ସୃଷ୍ଟି କରେ ପିଠି ଯନ୍ତ୍ରଣା । ଏହାର ମୁଖ୍ୟ କାରଣ ଚୌକି । ଯଦି ଚୌକିରେ ଠିକ୍ ଭାବେ ବସି ହେଉନଥିବ ତେବେ ପିଠି ଏବଂ ବେକ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଏହାର ଉପଶମ ପାଇଁ ବେକର ବ୍ୟାୟାମ କରନ୍ତୁ ।

**ଚାଲବୁଲ କରନ୍ତୁ:** କ୍ରମାଗତ ଭାବେ ଚୌକିରେ ବସି ରହିବା ଅପେକ୍ଷା କିଛି କିଛି ସମୟ ବ୍ୟବଧାନରେ ଚାଲବୁଲ କରନ୍ତୁ । ଏହି ସମୟରେ ସହକର୍ମୀମାନଙ୍କ ସହ କଥାବାର୍ତ୍ତା ବି ହୋଇପାରିବେ । ଏପରି କରିବା ଦ୍ୱାରା ଶରୀରରେ ସଠିକ୍ ଭାବେ ରକ୍ତ ସଞ୍ଚାର ହୋଇଥାଏ ଏବଂ କାମ କରୁଥିବା ବେଳେ ନିଦ ବି ଲାଗେନାହିଁ ।

**ଆଲୋଚନା କରନ୍ତୁ :** ନିଜ କାମ ସମ୍ପର୍କରେ ଉଚ୍ଚାଧିକାରୀଙ୍କ ସହ ଆଲୋଚନା କରନ୍ତୁ । ଯାହା କାମ କରିଛନ୍ତି, ସେ ସମ୍ପର୍କରେ ସୂଚନା ଦେବା ସହିତ ନିଜ ଯୋଜନା ସମ୍ପର୍କରେ ସୂଚନା ଦେବା ସହିତ ନିଜ ଯୋଜନା ସମ୍ପର୍କରେ ଜଣାନ୍ତୁ । ଏପରି କରିବା ଦ୍ୱାରା ଶାନ୍ତି ଏବଂ ଆତ୍ମସନ୍ତୋଷ ମିଳିବ । ମୁକ୍ତ ମନରେ କାମରେ ଆଗେଇ ପାରିବେ ।



**ପେଟର ଯତ୍ନନିଅନ୍ତୁ:**
ଖାଦ୍ୟପେୟ ମଧ କାମ କରିବାର ଇଚ୍ଛାକୁ ପ୍ରଭାବିତ କରିପାରେ । ତେଣୁ ଅଫିସରା ଦ୍ୱିପ୍ରହର ଖାଦ୍ୟ ସମୟରେ ସବୁବେଳେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ। ଖାଦ୍ୟ ଭଲଭାବେ ରୋଷେଇ ହେବା ସହ ଅଧିକ ତେଲ, ମସଲାଯୁକ୍ତ ହୋଇନଥିବା ଭଲ । ସାଲାଡ ଏବଂ ସବୁଜ ପତ୍ରଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ ।



# ଲେମ୍ବୁରୁ ପରିବେଶ ଅନୁକୂଳ ପ୍ଲାଷ୍ଟିକ୍

ଲେମ୍ବୁର ଏକ ଉପାଦାନ ଲିମୋନିନ୍ ଓ ଅଙ୍ଗାରକାମ୍ଳ ବ୍ୟବହାର କରି, ବିଜ୍ଞାନୀମାନେ ପରୀକ୍ଷାଗାରରେ ଏକ ପ୍ରକାରର ପରିବେଶ ଅନୁକୂଳ ପ୍ଲାସଟିକ୍ ତିଆରିକରିବାରେ ସଫଳ ହୋଇଛନ୍ତି । ଦୈନନ୍ଦିନ ଜୀବନରେ ମଣିଷ ବ୍ୟବହାରୀ କରୁଥିବା ଅଧିକାଂଶ ପ୍ଲାସଟିକ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ କ୍ଷତିକାରକ । ଏହାର ମୁଖ୍ୟ ଉପାଦନ ବିସଫେନୋଲ -ଏ । ଲେମ୍ବୁରୁ ତିଆରି ପରିବେଶ ଅନୁକୂଳ ପ୍ଲାସଟିକ, ଏହାର ବିକଳ୍ପ ହୋଇପାରିବ । ଏହା ଫୋନ କେଦ, ବୋତଲ, ଡବା ଆଦି ତିଆରିରେ ବ୍ୟବହୃତ ହେବ । ଏହାର ଉତ୍ପାଦନ ମୂଲ୍ୟ ଅଧିକ ହେବାର ସଂଭାବନା ମଧ ନାହିଁ । ତେଣୁ, ବହୁଳ ଭାବେ ଆଦୃତ ହେବ ବୋଲି ଆଶା କରାଯାଉଛି ।



# ଅଧିକ ଉତ୍ତାପ ସହଣି ଯୌଗିକ ପଦାର୍ଥ ଚିହ୍ନଟ



'ଇଂପେରିଆଲ କଲେଜ ଅଫ୍ ଲଣ୍ଡନ'ର ଗବେଷକମାନେ ଉତ୍ତାପ ସହଣି କ୍ଷମତା ବେଶ୍ ଅଧିକ ଥିବା ଦୁଇଟି ରାସାୟନିକ ଯୌଗିକ ଦପାର୍ଥ ଚିହ୍ନଟ କରିଛନ୍ତି । ସେହି ଦୁଇଟି ହେଉଛି- ଟାଣ୍ଟାଲମ କାରବାଇଡ୍ ଓ ହାଫନିଅମ କାରବାଇଡ୍ । ଦୁଇଟିଯାକ ଯୌଗିକ ପଦାର୍ଥ ଚାରି ହଜାର ଡିଗ୍ରି ସେଲସିଅସ୍ ଉଚ୍ଚ ତାପମାତ୍ରା ସହିବାକୁ ସକ୍ଷମ । ଭବିଷ୍ୟତରେ ଅତିଦ୍ରୁତ ବେଗରେ ଗତି କରୁଥିବା ମହାକାଶଯାନ ତିଆରିରେ ଏ ଦୁଇଟି ବ୍ୟବହୃତ ହେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପଡ଼ୋଶୀଙ୍କ ଷଡ଼ଯନ୍ତ୍ର...

୧୯୩୬ ସାଲରେ ଭାଷା ଭିତ୍ତିରେ ଗଠିତ ଉତ୍କଳ ପ୍ରଦେଶ ବା ଓଡ଼ିଶା ବିରୋଧରେ ପଡୋଶୀ ରାଜ୍ୟମାନେ ଷଡଯନ୍ତ୍ର ଚଳାଇ ଆସିବାର ଦୃଷ୍ଟାନ୍ତ ଜଳଜଳ ଦିଶିଯାଉଛି । ଏପଟେ ଛତିଶଗଡ଼, ସେପଟେ ଆନ୍ଧ୍ର ପ୍ରଦେଶ । ନାମକୁ ସେମାନେ ପଡୋଶୀ ବୋଲି କହୁଛନ୍ତି ସିନା ସେମାନଙ୍କ ଆଚରଣ ଓଡ଼ିଶାର ସ୍ୱାର୍ଥ ବିରୋଧୀ ପ୍ରମାଣିତ ହେଉଛି । ଆମ ରାଜ୍ୟର ଜାଣତରେ ହେଉ କି' ଅଜାଣତରେ ଚାଲିଆସିଛି ରାଜ୍ୟ ବିରୋଧୀ କାର୍ଯ୍ୟକଳାପ । ଓଡ଼ିଶା ବିରୋଧରେ ଏଭଳି ହୀନ କାର୍ଯ୍ୟକଳାପ ଚାଲୁଥିବା ସମୟରେ ଆମ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବାର କିଛି ସୂଚନା ନାହିଁ । ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷାକୁ ଅପମାନିତ କରାଯାଉଥିବାର ପ୍ରମାଣ ମିଳିସାରିଲାଣି । ଆଦିବାସୀ ଭାଷା ସହ ତୁଳନା କରାଯାଉଥିବାର ପ୍ରମାଣ ସୀମାନ୍ତ ଜିଲ୍ଲାରେ ବଣ୍ଟାଯାଉଥିବା ପ୍ରକରଣରୁ ପୁଷ୍ଟ ହୋଇସାରିଛି । ଆନ୍ଧ୍ର ସରକାର ଏହି ଓଡ଼ିଶା-ବିରୋଧୀ ଏଜେଣ୍ଡା ଚଳାଇ ଥିବା ସମୟରେ ଆମ ସରକାର ନିଦା ବିଷ୍ଣୁ ସାଜିଥିବା ସମସ୍ତଙ୍କୁ ବ୍ୟଥିତ କରିଛି । ଆଉ କେତେକ କ୍ଷେତ୍ରରେ ଓଡ଼ିଶା ଓ ଓଡ଼ିଆମାନଙ୍କୁ ହୀନ ଦୃଷ୍ଟିରେ ଦେଖୁଥିବା ଓଡ଼ିଶାବିରୋଧୀ ଚକ୍ରାନ୍ତକୁ ଆମେ କିଭଳି ହଜମ କରିପାରୁଛୁ ତାହା ବିଡମ୍ବନାର ବିଷୟ ହୋଇଛି । ଅଳ୍ପଦିନ ଭିତରେ ଅଣ-ଓଡ଼ିଆ ପଢା ବହି ଛାପି ଆନ୍ଧ୍ର ସରକାର ପାଖାପାଖି ପଚାଶ ହଜାର ବାଣ୍ଟି ସାରିଥିବା ଖବର ଓଡ଼ିଆପ୍ରେମୀଙ୍କୁ ଆଘାତ ଦେଇଛି । ଆନ୍ଧ୍ର ପ୍ରଦେଶର ଜଣେ ଉପ-ମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷ ଭାବରେ ଏହି ଓଡ଼ିଆ ବିରୋଧୀ ଚକ୍ରାନ୍ତର ଅଂଶବିଶେଷ ହୋଇଛନ୍ତି । ଚଳିତ ଶିକ୍ଷାବର୍ଷରେ ଆନ୍ଧ୍ର ପ୍ରଦେଶର ମାତୃଭାଷା ତେଲୁଗୁ ଓ ଇଂରାଜୀ ବ୍ୟତୀତ କୁଇ, କୋୟା ଭଳି ଆଦିବାସୀମାନଙ୍କ ଲାଗି ଉଦ୍ଦିଷ୍ଟ ଭାଷାର ପ୍ରଚଳନ ପୂର୍ବକ ଓଡ଼ିଆକୁ ହୀନ ଭାଷା ରୂପେ ସାବ୍ୟସ୍ତ କରିବାକୁ ଚାହିଁଛନ୍ତି ଆନ୍ଧ୍ର ସରକାର । ଏହା ଓଡ଼ିଶା ବିରୋଧରେ ଆନ୍ଧ୍ରର ଭାଷାକାର୍ଡ଼ ବୋଲି ବିବେଚନା କରାଯାଇପାରେ । ଆନ୍ଧ୍ର ପ୍ରଦେଶର ଉପ- ମୁଖ୍ୟମନ୍ତ୍ରୀ ତଥା ଗିରିଜନ ମଙ୍ଗଳ ବିଭାଗ ଦାୟିତ୍ୱରେ ଥିବା ସାଲୁର ବିଧାୟକ ପି.ରାଜାନ୍ନା ଦୋରା ଛଅଟି ଭାଷାରେ ପ୍ରସ୍ତୁତ ପାଠ୍ୟ ପୁସ୍ତକର ଉନ୍ମୋଚନ କରିଛନ୍ତି ଗତ ମାସ ୨୫ତାରିଖ ଦିନ । ସେହି ପୁସ୍ତକଗୁଡ଼ିକ ତେଲୁଗୁ ଓ ଇଂଲିଶ ଭାଷାରେ ପଠନ ଉପଯୁକ୍ତ । ସୀମାନ୍ତ ଜିଲ୍ଲାରେ ତେଲୁଗୁ ଜାଣିନଥିବା ଓଡ଼ିଆ ପିଲାଙ୍କୁ ଭାଷାଶିକ୍ଷାରୁ ବଞ୍ଚିତ କରିବା ନେଇ ଏହା ରୀତିମତ ଚକ୍ରାନ୍ତ ଛଡ଼ା ଆଉ କିଛି ହୋଇନପାରେ । କୋଟିଆ ଗ୍ରାମପୁଂଜରେ ଏହି ଅଣ-ଓଡ଼ିଆ ଓ ଓଡ଼ିଶା-ବିରୋଧୀମାନେ କିଭଳି ସକ୍ରିୟ ଅଛନ୍ତି, ତାହାର ରହିଛି ଭୂରି ଭୂରି ପ୍ରମାଣ । ତାହା ପୋଲାଭରମ ପ୍ରକଳ୍ପ ହେଉ କି'ବଂଶଧାରା ନଦୀ ଜଳଧାରା, କୌଣସି ନା' କୌଣସି ଭାବରେ କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବାକୁ ବାହାରି ପଡ଼ିଛି ଆନ୍ଧ୍ର ପ୍ରଦେଶ । କେନ୍ଦ୍ର ସରକାର ପୋଲାଭରମ୍‌କୁ ଜାତୀୟ ଗ୍ରୀନ୍ ପ୍ରୋଜେକ୍ଟ ମାନ୍ୟତା ଦେବା ପରେ ତାହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଓଡ଼ିଶା ସରକାରଙ୍କ ତଥାକଥିତ ବିରୋଧର କିଛି ପ୍ରଭାବ ରହିଲା ନାହିଁ । ସେ କ୍ଷେତ୍ରରେ କେନ୍ଦ୍ର ସରକାର ପକ୍ଷଭୁକ୍ତ ହୋଇସାରିଥିବା ବେଳେ ଓଡ଼ିଶା ପକ୍ଷରୁ ପ୍ରତିବାଦ ତ ଦୂରର କଥା, ଚିରାଚରିତ ଉଦାସୀନତା ପୋଲାଭରମ୍ ପ୍ରକ୍ରିୟା ସକାଶେ ପଥ ପରିଷ୍କାର କଲା । ତେଣେ ଓଡ଼ିଶା ସରକାର ନାମ ମାତ୍ର ଧମକାଣ ଦେଖାଇ ଗୋଟିଏ ବ୍ୟାରେଜ୍‌ର ଭୂମିପୂଜା କରିଥିଲେ । ସେଥିରେ ଆଦୌ ଅଗ୍ରଗତି ହେଲା ନାହିଁ । ସେ ସମ୍ପର୍କରେ ସରକାରଙ୍କ ଆନ୍ତରିକତା କେତେ ତାହା ଜାଣିବାରେ ସମସ୍ୟା ନାହିଁ । କଥାରେ ଅଛି: ଶୋଇଲା ପୁଅର ଭାଗ ନାହିଁ । ଜାଗ୍ରତ ଓ ସଚେତନ ହିଁ ଉପଯୁକ୍ତତା ଦାବି କରିପାରିବ। ନଚେତ୍ ଅନ୍ୟମାନେ ସେଥିରୁ ଫାଇଦା ଉଠାଇଲେ ନିଦ୍ରାଳୁର କିଛି କହିବାକୁ ନଥି। ତାହା ଅଧିକାର କ୍ଷେତ୍ରରେ ଯାହା, କର୍ତ୍ତବ୍ୟ ଓ ଦାୟିତ୍ୱ ପରିପାଳନ କ୍ଷେତ୍ରରେ ସମାନ । ଏ ବାବଦରେ ଓଡ଼ିଶା ସରକାର ଚେତିବା ସହିତ ପ୍ରତିବେଶୀ ରାଜ୍ୟ ଚଳାଇଥିବା ହାକିମାତିକୁ କିଭଳି ପ୍ରତିହତ କରିହେବ, ତାହା ଦେଖୁବାକୁ ହେବ । ଅନ୍ୟଥା ନେଡ଼ିଗୁଡ଼ କହୁଣିକୁ ବୋହିଯିବା ସାର ହେବ । ସରକାରୀ ବ୍ୟବସ୍ଥା ବାଦ୍ ଭାଷା ସଚେତନତାର ବୃଦ୍ଧି ଓ ବିକାଶ ଉପରେ ସମସ୍ତଙ୍କୁ ଅବଶ୍ୟ ପ୍ରୟାସ କରିବାକୁ ପଡ଼ିବ। ଭାଷାପ୍ରେମୀମାନଙ୍କ ଏ ଦିଗରେ ରହିଛି ପରମ କର୍ତ୍ତବ୍ୟ । ତାହାକୁ ବିସ୍ମୃତ ଗଲେ ସମସ୍ତଙ୍କୁ ମହଙ୍ଗା ମୂଲ୍ୟ ଦେବାକୁ ପଡ଼ିପାରେ ।

## ମୋ ବସ୍‌କୁ ଜାତିସଂଘ ପୁରସ୍କାର



**ସୌମେନ୍ଦ୍ର ଜେନା**

ଓଡିଶା ପାଇଁ ଖୁସିର ଖବର ହେଉଛି ରାଜ୍ୟର ସହରାଞ୍ଚଳ ବସ୍ ସେବା ମଧ୍ୟରୁ ପୁରୀ-ଭୁବନେଶ୍ୱର-ଖୋର୍ଦ୍ଧା-କଟକ ମଧ୍ୟରେ ଗ୍ଭଲୁଥିବା ମୋ ବସ୍ ସେବାକୁ ଆନ୍ତର୍ଜାତିକ ସ୍ତରରେ ସମ୍ମାନ ମିଳିବା । ଜାତିସଂଘର ସାଧାରଣ ସେବା ପ୍ରକଳ୍ପ ମଧ୍ୟରେ ପୃଥିବୀର ଭିନ୍ନ ଭିନ୍ନ ଦେଶରୁ ମୋଟ ୧୦ଟି ସଂସ୍ଥାକୁ ନିକଟରେ ପୁରସ୍କାର ପାଇଁ ଚୟନ କରାଯାଇଛି । ତନ୍ମଧ୍ୟରେ ବ୍ରାଜିଲ, କାନାଡା, ଭାରତ, ପାନାମା, ଆୟର୍ଲାଣ୍ଡ, ଥାଇଲାଣ୍ଡ, ଫିଲିପାଇନ୍ସ, ପୋଲାଣ୍ଡ, ସାଉଦି ଆରବ, ୟୁକ୍ରେନ ଦେଶର ନାମ ରହିଛି । ଭାରତରୁ ଏକମାତ୍ର ମୋ ବସ୍‌କୁ ଏହି ପୁରସ୍କାର ପାଇଁ ବଛାଯିବା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ନିଶ୍ଚୟ ।

ଏକଥା ସତ ଯେ କୋରୋନା ସମୟରେ ନାନାବିଧ ଅସୁବିଧା, ତୈଳଦର ବୃଦ୍ଧି ସତ୍ତ୍ୱେ ଏହି ସେବାରେ କୌଣସି ପ୍ରକାର ଫରକ୍ ଆସିନାହିଁ । ସେବା କ୍ଷେତ୍ରର ଟିକଟଦର ବୃଦ୍ଧି ନକରି ଏହି ସେବା ଯାତ୍ରୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି । ଫଳରେ ସହରାଞ୍ଚଳର ୫୭ପ୍ରତିଶତ ଯାତ୍ରୀ ଏଥିରୁ ଉପକୃତ ହେଉଛନ୍ତି । ଜାତିସଂଘର ଆର୍ଥିକ ଏବଂ ସାମାଜିକ ବ୍ୟାପାର ବିଭାଗ ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ମୋ ବସ୍‌ର ପରିଗ୍ଭଳନା ବୁଝୁଥିବା ସଂସ୍ଥା କ୍ରୁଟକୁ (କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ) ପ୍ରଦାନ କରାଯାଇଛି । ୨୦୨୨ର ଏହି ପୁରସ୍କାରକୁ ଜାତିସଂଘର ଅନୁଶାସନ ସାଧାରଣ ସଚିବ ଲିଉ ଝେନମିନ୍ ଘୋଷଣା କରିଛନ୍ତି । ୨୦୦୩ରୁ ଏହି ପୁରସ୍କାର ଦିଆଯାଇଆସୁଛି । ନିରନ୍ତର ବିକାଶ କ୍ଷେତ୍ରରେ ସର୍ବଶ୍ରେଷ୍ଠ ୧୦ ଉଦ୍ୟମକୁ ସ୍ୱୀକୃତି ଦେବାଲାଗି ଏହି ପ୍ରୋତ୍ସାହନର ପ୍ରୟାସ ହୋଇଛି । ଜାତିସଂଘ ପକ୍ଷରୁ ସାର୍ବଜନୀନ ସେବାରେ ରଚନାତ୍ମକ ସଫଳତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି । ୨୩ଜୁନ୍ ୨୦୨୨ ଦିନ ଜାତିସଂଘ ସାଧାରଣ ସେବା ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଇଛି । କ୍ରୁଟକୁ ଏହି ପୁରସ୍କାର ଦେବା ପଛରେ ସାଧାରଣ ସେବା ପ୍ରଦାନ ବେଳେ ଲିଙ୍ଗଗତ ସମାନତାକୁ ଜୋର ଦେଇ ନିରନ୍ତର ବିକାଶର ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟକରିବା ସମୟରେ ଅତ୍ୟାଧୁନିକ ଟେକ୍‌ନୋଲୋଜିର ବ୍ୟବହାର, ସମାଜର ବଞ୍ଚିତ ବର୍ଗକୁ ଗୁରୁତ୍ୱ ପ୍ରଦାନ କରିଥିବା କାରଣ ରହିଛି ।

ଭୁବନେଶ୍ୱର-ଖୋର୍ଦ୍ଧା ଏବଂ କଟକ ପରି ମହାନଗର ଅନ୍ତର୍ଗତ ଅଞ୍ଚଳ ସହ ପୁରୀର ଯାତ୍ରୀ ପରିବହନକୁ ସୁଦୃଢ କରିବା, ବିଶ୍ୱସନୀୟ ଏବଂ ଏକୀକୃତ ବସ୍‌ସେବା ଯୋଗାଇ ଦେବା ଲକ୍ଷ୍ୟରେ ୪ମଇ ୨୦୧୮ରେ କ୍ରୁଟ ଆରମ୍ଭ ହୋଇ ୬ ନଭେମ୍ବର ୨୦୧୮ରେ ମୋ ବସ୍ ସେବାର ଆରମ୍ଭ କରିଥିଲା । ଏହି ବସ୍ ସେବା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟରେ ବସ୍ ଚଳାଚଳ, ସିସିଟିଭି କ୍ୟାମେରା ବ୍ୟବସ୍ଥା, ଇ-ଟିକେଟ୍ ପ୍ରଦାନ, ଗାଡି ଟ୍ରାକିଂ ବ୍ୟବସ୍ଥା, ଇଲେକ୍‌ଟ୍ରୋନିକ୍ ଘୋଷଣା, ୱାଇଫାଇ ସେବା, ୪୦ପ୍ରତିଶତ ମହିଳା କଣ୍ଡକ୍ଟରଙ୍କୁ ନିଯୁକ୍ତି ଦେବା ପରି ଉତ୍ତମ ପଦକ୍ଷେପ ଲୋକସେବା କ୍ଷେତ୍ରରେ ପ୍ରୟୋଗ କରି କ୍ରୁଟ ଅନ୍ୟମାନଙ୍କଠାରୁ ନିଜକୁ ସ୍ୱତନ୍ତ୍ର କରି ଗଢି ତୋଳିଛି । ଏଥିରେ ବୟସ୍କଙ୍କୁ ୫୦ ପ୍ରତିଶତ ରିହାତି, ଦିବ୍ୟାଙ୍ଗଙ୍କୁ ମାଗଣା ଯାତ୍ରାର ସୁବିଧା ପ୍ରଦାନ କରାଯାଇଛି । ବସ୍ ମଧ୍ୟରେ ବୟସ୍କ, ଦିବ୍ୟାଙ୍ଗ ଏବଂ ମହିଳା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସିଟର ସୁବିଧା କରାଯାଇଛି । ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ଜାଣିବା ପାଇଁ ୟୁନିଫର୍ମର ବ୍ୟବସ୍ଥା ରହିଛି । କ୍ରୁଟର ପ୍ରାୟ ୩୧୦ ବସ୍‌ସେବା ମାଧ୍ୟମରେ ଦୈନିକ ୩୨୦୦୦ ଲୋକେ ଯାତ୍ରା କରୁଛନ୍ତି । ସଂସ୍ଥା ପକ୍ଷରୁ ଗ୍ଭଲୁଥିବା ଇ-ରିକ୍ସା କ୍ଷେତ୍ରରେ ୧୦୦ ପ୍ରତିଶତ ମହିଳା ଏବଂ କିନ୍ନରଙ୍କୁ ନିଯୁକ୍ତି ଦେଇ କ୍ରୁଟ ଉଦାହରଣ ସୃଷ୍ଟି କରିପାରିଛି । ଉତ୍ତମ ସେବା ଯୋଗାଣ ଏବଂ ଡିଜିଟାଲ ପେମେଣ୍ଟ ପାଇଁ ସ୍ୱତନ୍ତ୍ର ଆପର ବ୍ୟବସ୍ଥା ହୋଇଛି । ପୁରୀ, କୋଣାର୍କ, ଖଣ୍ଡଗିରି, ଲିଙ୍ଗରାଜ ମନ୍ଦିର, ନନ୍ଦନକାନନ, ବାରବାଟୀ ଦୁର୍ଗ ପରି ଐତିହାସିକ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯୋଡି ବସ୍‌ସେବା ପ୍ରଦାନ କରାଯାଉଥିବା ହେତୁ ସହରାଞ୍ଚଳ ଲୋକେ ନିଜସ୍ୱ ଗାଡିର ବ୍ୟବହାର କମ୍ କରିଛନ୍ତି । ଫଳରେ ସହରାଞ୍ଚଳରେ ୩୦ରୁ ୫୦ପ୍ରତିଶତ ପର୍ଯ୍ୟନ୍ତ ପ୍ରଦୂଷଣ ହ୍ରାସ ପାଇଛି । ପ୍ରଥମେ ଭୁବନେଶ୍ୱର - ପୁରୀ ମଧ୍ୟରେ ବସ୍‌ସେବା ଯୋଗାଣ ଏହାର ଲକ୍ଷ୍ୟ ଥିଲେ ହେଁ ଏହି ସେବା ଅଧିକରୁ ଅଧିକ ସ୍ଥାନକୁ ଯୋଡିବାରେ ସକ୍ଷମ ହୋଇଛି, ଲୋକମାନଙ୍କର ବିଶ୍ୱାସ ଅର୍ଜନ କରିପାରିଛି । ଉତ୍ତମମାନର ବସ୍‌ରହଣି ସ୍ଥାନରେ ଆଲୋକର ବ୍ୟବସ୍ଥା, ବସ୍‌ଚଳାଚଳ ସଂପର୍କୀତ ରୁଟ୍‌ର ସୂଚନା ଫଳକ ଆଦି ରହିବା ଫଳରେ ଲୋକେ ନିଜନିଜର ସୁବିଧା ମୁତାବକ ଯାତ୍ରା କରିବାକୁ ସକ୍ଷମ ହେଉଛନ୍ତି । ଏହି ବସ୍‌ସେବା ଯୋଗୁ ସଂଖ୍ୟାଧିକ ବେସରକାରୀ ପୁରୁଣାବସ୍ ଯାହା ପୂର୍ବରୁ ଚଳାଚଳ କରୁଥିଲା ସେସବୁ ବନ୍ଦ ହୋଇଛି । ମୋ ବସ୍ ଚଳାଚଳ କରିବାର ପ୍ରଥମାବସ୍ଥାରେ ଭିନ୍ନ ଭିନ୍ନ ସ୍ଥାନରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଲୋକେ ପ୍ରତିବନ୍ଧକ ସୃଷ୍ଟି କରି ଆଇନ- କାନୁନ ସମସ୍ୟା ମାଧ୍ୟମରେ ପ୍ରତିବନ୍ଧକ ଆଣିଥିଲେ ମଧ୍ୟ ସଂସ୍ଥା ସମସ୍ତ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇ ନିରନ୍ତର ସେବା ଯୋଗାଇଦେଇ ପ୍ରଶଂସାର ପାତ୍ର ହୋଇଛି । ବସ୍‌ଗୁଡିକର ଭିନ୍ନ ଭିନ୍ନ ସ୍ଥାନରେ ରାତ୍ରୀ ରହଣି ପାଇଁ ଡିପୋର ବ୍ୟବସ୍ଥା କରାଯାଇଛି । ଭୋର ସମୟରୁ ରାତି ୯ଟା ପର୍ଯ୍ୟନ୍ତ ଏହି ସେବା ଦ୍ୱାରା ବହୁ ଲୋକେ ଉପକୃତ ହେଉଛନ୍ତି । ସହରର କୋଣାନୁକୋଣକୁ ବସ୍ ସଂଯୋଗ କରାଯିବା ଦ୍ୱାରା ନୂଆ ଜନବସତି ଗଢିଉଠିଛି । କ୍ରୁଟ ପକ୍ଷରୁ ଭିନ୍ନ ଭିନ୍ନ ବସ୍‌ରୁଟ ଯୋଗେ ଯେଉଁ ସବୁ ଯୋଗାଯୋଗ ମାର୍ଗ ପ୍ରସ୍ତୁତ କରାଯାଇଛି ତାହା ଏହିପରି : ରୁଟନଂ ୧୦- ଭୁବନେଶ୍ୱର ବିମାନ ବନ୍ଦରରୁ କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ (ଭାୟା ନନ୍ଦନକାନନ) । ରୁଟନଂ ୧୧-ନନ୍ଦନ ବିହାରରୁ ଭୁବନେଶ୍ୱର ରେଳ ଷ୍ଟେସନ । ରୁଟ ୧୨- ଭୁବନେଶ୍ୱର ରେଳଷ୍ଟେସନରୁ ନନ୍ଦନକାନନ । ରୁଟ ୧୩ - ନନ୍ଦନବିହାରରୁ ଲିଙ୍ଗିପୁର, ରୁଟ ୧୬- ଭୁବନେଶ୍ୱର ରେଳଷ୍ଟେସନରୁ କଟକର ବିଜୁପଟ୍ଟନାୟକ ପାର୍କ । ରୁଟ ୧୭- ବିମାନବନ୍ଦର-ବାରବାଟୀ ଷ୍ଟାଡିୟମ୍, ରୁଟ ୧୮-ବରମୁଣ୍ଡାରୁ ଜଗତପୁର (ନନ୍ଦନକାନନ) । ରୁଟ ୧୯- ଏମ୍ସରୁ ଓଏମ୍‌ପି ଛକ । ରୁଟ୍ ୨୦- ଭୁବନେଶ୍ୱର ରେଳଷ୍ଟେସନ-ଖୋର୍ଦ୍ଧା ଭାୟା ବାଣୀବିହାର । ରୁଟ-୨୧ ରେଳଷ୍ଟେସନ -ଖୋର୍ଦ୍ଧା (ଭାୟା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ) । ରୁଟ- ୨୨ ଭୁବନେଶ୍ୱର ରେଳଷ୍ଟେସନ - ଖୋର୍ଦ୍ଧା (ଜଟଣୀ) । ରୁଟ ୨୩- ରେଳଷ୍ଟେସନରୁ ସମ୍ ହସ୍‌ପଟାଲ । ରୁଟ ୨୪-ସାଇମନ୍ଦିର-କଳିଙ୍ଗ ବିହାର । ରୁଟ୍ ୨୫- ମଞ୍ଚେଶ୍ୱରରୁ ଡୁମୁଡୁମା (ରଣସିଂହପୁର)। ରୁଟ ୨୬- ଚକେଇସିଆଣିରୁ ଡୁମଡୁମା (ଯଦୁପୁର) । ରୁଟ-୨୭ ଷ୍ଟେସନରୁ ଏମ୍ସ । ରୁଟ୍ ୨୮ -ଷ୍ଟେସନରୁ କଳିଙ୍ଗନଗର । ରୁଟ୍ ୨୯ କଳିଙ୍ଗ ବିହାର (କେ ୯ ବି)- ସାଇମନ୍ଦିର । ରୁଟ ୨୯ଇ- କଳିଙ୍ଗ ବିହାରରୁ ଏସ୍‌ବିଆଇ କଲୋନୀ (କେଶୁରା) । ରୁଟ-୩୦ ଷ୍ଟେସନରୁ ଛତାବର (ସମ ହସପିଟାଲ) । ରୁଟ୍ ୩୧- ଷ୍ଟେସନ- ହାଇଟେକ ହସପିଟାଲ । ରୁଟ ୩୨- ବରମୁଣ୍ଡାରୁ ଲିଙ୍ଗରାଜ ମନ୍ଦିର । ରୁଟ ୩୩- ଷ୍ଟେସନ - ପିପିଲି । ରୁଟ ୩୪- ଷ୍ଟେସନ -ବାଳକାଟୀ । ରୁଟ୍ ୫୦ - ଷ୍ଟେସନରୁ ପୁରୀ । ରୁଟ ୫୧- ବରମୁଣ୍ଡା ବସ୍‌ଷ୍ଟାଣ୍ଡ-ପୁରୀ । ରୁଟ ୭୦- ବରମୁଣ୍ଡାରୁ-କୋଣାର୍କ । ଭୁବନେଶ୍ୱର ରେଳଷ୍ଟେସନ ନିକଟରେ ମୋ ବସ୍‌ର ମୁଖ୍ୟ ବସ୍‌ଷ୍ଟାଣ୍ଡ ରହିଛି । ଷ୍ଟେସନ କହିଲେ ଭୁବନେଶ୍ୱର ରେଳ ଷ୍ଟେସନକୁ ହିଁ ବୁଝିବାକୁ ହେବ ।

କ୍ରୁଟର ବସ୍‌ସେବାକୁ ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳକୁ ପରିବ୍ୟାପ୍ତ କରାଯିବା ସହ ଉନ୍ନତମାନର ବସ୍‌ସେବା ଯୋଗାଇଦେବା ପାଇଁ ପ୍ରୟାସ କରାଯିବା ଦରକାର । ଅନ୍ୟାନ୍ୟ ସହରାଞ୍ଚଳରେ ପ୍ରଥମେ ପ୍ରଥମେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ପ୍ରଥମେ ସମସ୍ୟା ସୃଷ୍ଟି କରିପାରନ୍ତି, ପ୍ରତିବନ୍ଧକ ଛିଡା କରିପାରନ୍ତି । ରାଜ୍ୟ ସରକାର ଲୋକସେବାକୁ ଅଧିକ ଗୁରୁତ୍ୱଦେଇ ଏହି ସୁବିଧାକୁ ରାଜ୍ୟର ସହରାଞ୍ଚଳରେ ପରିବ୍ୟାପ୍ତ କରାଇଲେ ନାଗରିକମାନେ ଉତ୍ତମ ସେବା ଲାଭ କରିବା ସହ ପ୍ରଦୂଷଣ ହ୍ରାସ ପାଇବ । ଜିଲ୍ଲା ପ୍ରଶାସନ ଏବଂ ଜନସାଧାରଣ ଏହି ବସ୍ ଚଳାଚଳରେ ସହଯୋଗ କଲେ ରାଜ୍ୟର ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ଏଥିରେ ସନ୍ଦେହ ନାହିଁ ।


ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର-୭୫୧୦୦୩


## ସ୍ୱତନ୍ତ୍ର କୋଶଳ ଦାବିର ଯଥାର୍ଥତା



**କବି ବିପ୍ଳବ**

କିଛି ବର୍ଷ ଧରି ଓଡିଶାକୁ ଭାଙ୍ଗି ସ୍ୱତନ୍ତ୍ର କୋଶଳ ରାଜ୍ୟଟିଏ ଗଢିବାର ଆନ୍ଦୋଳନ ହେଉଛି । କିଛି ଦିନର ହୋ ହଲ୍ଲା ପରେ ପୁଣି ନିରବି ଯାଉଛି। ଓଡ଼ିଶାର କିଛି ଅଂଚଳକୁ ବିଶେଷ କରି ପଶ୍ଚିମର କିଛି ଅଂଚଳକୁ ଅଲଗା କରିବାର ଦାବିହେଇ ଆସୁଛି । ମୂଳ ଅଭିଯୋଗଟି ହେଲା ସେମାନେ ଉପକୂଳ ଓଡିଶାର ଜିଲ୍ଲା ପରି ସରକାରଙ୍କ ସୁ ନଜରରେ ରହୁ ନାହାଁନ୍ତି, ସେଥିପାଇଁ ସେମାନେ ପଛୁଆ ହେଇ ରହିଛନ୍ତି । ଅଲଗା ହେଇଗଲେ ସେମାନେ ଖୁସିରେ ରହିବେ ଆଉ ତାଙ୍କର ବି ଉନ୍ନତି ହେବ । ଯେଉଁ ଅଞ୍ଚଳକୁ କାଟି ନୂଆ ରାଜ୍ୟ ପାଇଁ ଦାବି ହେଉଛି ସେଗୁଡିକ ହେଲା ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଝାରସୁଗୁଡା,କଳାହାଣ୍ଡି, ବୌଦ୍ଧ, ସୁନ୍ଦରଗଡ, ନୂଆପଡା, ସୁବର୍ଣ୍ଣପୁର ଏବଂ ଅନୁଗୁଳର ଆଠମଲ୍ଲିକ ।

ଏବେ କୋଶଳର ଐତିହାସିକ ପୃଷ୍ଠାଭୂମି ଉପରେ ସମ୍ୟକ୍ ସୂଚନା ଦେବାକୁ ଉଚିତ ମନେ କରୁଛି। ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଉତ୍କଳ ଇତିହାସରେ ବର୍ଣ୍ଣନା କରାଯାଇଛି ଯେ କୋଶଳ ରାଜ୍ୟର ସୃଷ୍ଟି କଳିଙ୍ଗ ପୂର୍ବରୁ ନୁହେଁ। କଳିଙ୍ଗ ଓ ବିନ୍ଧ୍ୟ ପର୍ବତ ମଝିରେ କାଶୀ କୋଶଳ ରାଜ୍ୟ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ଏହା ଉତ୍କଳ କୋଶଳ ନାମରେ ପରିଚିତ ହେଲା। ସମୟ କ୍ରମେ ଏହା ବିସ୍ତାରିତହେଇ ନାମ ବଦଳାଇ ଛତିଶଗଡ଼ ହେଲା। ବର୍ତ୍ତମାନ ଛତିଶଗଡ଼ ରାଜ୍ୟର ରାୟ ପୁର, ବିଳାସ ପୁର ପ୍ରଭୃତି ଜିଲା ସେଇ କୋଶଳର ଅନ୍ତର୍ଭୁକ୍ତ ଥିଲା। କାଳକ୍ରମେ କୋଶଳର ବିଲୋପ ହେଲା।ଏବେ ଓଡ଼ିଶାର ଯେଉଁ ଅଂଚଳକୁ ନେଇ କୋଶଳ ରାଜ୍ୟ ଗଠନର ଦାବି ଉଠୁଛି ତାହା ସହ ପ୍ରାଚୀନ କୋଶଳର ସମ୍ପର୍କ ନାହିଁ କହିଲେ ଚଳେ । ମୁଖ୍ୟ ଅଭିଯୋଗ ସେମାନେ ଅବହେଳିତ ଆଉ ଅନୁନ୍ନତ । ସେମାନଙ୍କ ଉନ୍ନତି କଳ୍ପେ କିଛି ସରକାରୀ ଯୋଜନା ଯେ ହୋଇନାହିଁ କହିବା ଅମୂଳକ ହେବ। କାହିଁକି ନା ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଆଉ କୋରାପୁଟକୁ ନେଇ ରାଜ୍ୟ ସରକାର ୧୧ ନଭେମ୍ବର୧୯୯୮ରେ କେବିକେ ବା ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ କରିଥିଲେ। ସମୁଦାୟ ୮୯ ଟି ବ୍ଲକ ଏହାର ଅଧୀନ । ପି ସି ଘଡେଇ କମିଟିଙ୍କ ମତାନୁଯାୟୀ ଏଥି ମଧ୍ୟରୁ ୩୪ଟି ଅତି ପଛୁଆ, ୨୫ ଟି ପଛୁଆ, ୨୫ ଟି ବିକାଶ ଉନ୍ମୋଖି ଏବଂ ୫ ଟି ବିକଶିତ ବ୍ଲକ । ଅଭିଯୋଗ ହୁଏ ଯେ ବିକାଶ ପରିଷଦ ଖୋଲିବାର ୨୧ ବର୍ଷ ବିତି ଯାଇଥିଲେ ବି ତାର ମୁଖ୍ୟ କାର୍ଯ୍ୟାଳୟ ପାଇଁ ସ୍ଥାନ ନିରୂପଣ ହେଇ ପାରୁନାହିଁ। ବିଧାନ ସଭାରେ ବିଭାଗୀୟ ମନ୍ତ୍ରୀ ଦାବି କରିଛନ୍ତି ଯେ ପରିଷଦ ଗଠନ ହେବା ଦିନଠୁ

ଏପର୍ଯ୍ୟନ୍ତ ୧୬୪୨.୫୨ କୋଟି ଟଙ୍କା ଅନୁଦାନ ଦିଆ ଯାଇଛି। ମାତ୍ର ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ ପଶ୍ଚିମ ଓଡିଶା ବିକାଶ ପାଇଁ ସରକାରଙ୍କର କୌଣସି ଭିଜନ ନାହିଁ। କେବଳ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଦିଆ ଯାଇଛି ଏବଂ ପରେ ରାସ୍ତା ଖୋଜିଲେ ମିଳୁନି। ଇଏ ହେଲା ସରକାରୀ ବିକାଶ !

ଗୋଟାଏ ଛୋଟ ଉଦାହରଣ ନିଆଯାଉ। ଗୋଟିଏ ଅଂଚଳରେ ଚୋରା ଦେଶୀ ମଦ କାରବାର ହେଉଥିଲା। ମଦର ପ୍ରସାର ହେତୁ ସଦାବେଳେ ଗଣ୍ଡଗୋଳ ସହ ପରିବେଶ ଉତ୍ତେଜିତ ରହୁଥିଲା। ଜଣେ ଯୁବକ ସାହସ ସଞ୍ଚୟ କରି ଥାନାରେ ଅଭିଯୋଗ କଲେ। ମଦ ବେପାରୀ ଗିରଫ ହେଲାନି ଓଲଟି ସେ ଯୁବକକୁ ବାଟରେ ଅଟକେଇ ଗାଳି ଦେଲା ଆଉ ମାଡ଼ ମାରିଲା। ପଛରେ ଜଣା ପଡିଲା ଥାନାବାଲା ସହ ମଦ ବେପାରୀର ସମ୍ପର୍କ ନିବିଡ଼ । ଅଭିଯୋଗକାରୀ ଯୁବକ ନ୍ୟାୟ ପାଇବା ପରିବର୍ତ୍ତେ ମାଡ଼ ଖାଇଲା। ଯୁବକଟି ନ୍ୟାୟ ପାଇବା ପାଇଁ କି ପଦକ୍ଷେପ ଗ୍ରହଣ କରିବ ?

ଥାନାର ଉପର ଅଧିକାରୀ ନିକଟରେ ଦାବି ଜଣେଇବ, ରାସ୍ତା ରୋକ କରିବ ନା ନୂଆ ଥାନା ଗଠନ ପାଇଁ ଜିଦ ଧରିବ ? ବିଚାର ଆପଣମାନଙ୍କର।

ବିକାଶ ହେଉନାହିଁ ଅର୍ଥ ସେମାନଙ୍କ ପାଇଁ ଯୋଜନା ଜମା ହେଉନି ଅଥବା ହେଉଥିବା ଯୋଜନାର ସୁଫଳ ମିଳୁନାହିଁ। ସୁଫଳ ପହଂଚି ପାରୁନି ଅର୍ଥ ତାହା ବାଟ ମାରଣା ହେଉଛି। ବାଟ ମାରଣା କରୁଛି କିଏ ? ସମ୍ପୃକ୍ତ ଅଧିକାରୀ ନହେଲେ ସ୍ଥାନୀୟ ରାଜନୈତିକ ବ୍ୟକ୍ତି ବିଶେଷ। ଏମାନେ ସେଇ ଅଞ୍ଚଳର ଅଧିକାରୀ, ନେତା ନା ଉପକୂଳ ଓଡିଶାର ? ମନେକର କୋଶଳ ରାଜ୍ୟ ହେଇଗଲା । ସେଠି ସରକାର ଗଠନ ପାଇଁ ନେତା କୋଉଠୁ ବାହାରିବେ ଆଉ କର୍ମଚାରୀ ସେଇଠାରୁ ନା ମଙ୍ଗଳ ଗ୍ରହରୁ ଆସିବେ ? ସେଇଠୁ । ଅର୍ଥାତ ସେଇ ଚୋର ଯେଉଁମାନେ ଏବେ ତାଙ୍କ ଅନୁଦାନ ହରିଲୁଟ କରୁଛନ୍ତି ସେଇମାନେ ନୂଆ ଲେବୁଲ ମାରି ହରିଲୁଟ କରିବେ। ତାହେଲେ ଉନ୍ନତି କେମିତି ହେବ ? କୋଉଠି ଘଳିଆ ପଡିଛି ତାକୁ ବନ୍ଧେଇବା ନା ବନ୍ଧକୁ ଭାଙ୍ଗିଦେଲେ ସମାଧାନ ହେବ ? ଚୁଲି ଜଳୁନି । ଜାଳ ବଦଳେଇବା ନା ଚୁଲିକୁ ଭାଙ୍ଗିବା ? ରାସ୍ତାରେ ଗାଡ଼ି ଧକା ହେଲେ ଚାଳକ ସତର୍କ ହେବ ନା ନୂଆ ରାସ୍ତା ତିଆରି କରିବ ଖାଲି ନିଜେ ଯିବାକୁ ? ନିଷ୍ପତ୍ତି ଆପଣ ମାନଙ୍କର । ସଢ଼େଇକଳା, ଖରସୁଆ ଆମଠୁ ଅଲଗା ହେଇ ଯାଇଚି ଭାବିଲେ ବହୁତ କଷ୍ଟ ହୁଏ। ଆମର ଭିନ୍ନତା, ବିବିଧତା ସ୍ୱତେ ଆମେ ଗୋଟିଏ ମା'ର ସନ୍ତାନ। ଆମେ ଏକାଠି ହେବାର ଶହେ ବର୍ଷ ବି ହେଇନି। ଅଲଗା ହେଇଗଲେ କାହାରି ଲାଭ ହୁଏନି। ଖାଲି ଆନ୍ଦୋଳନ ପାଇଁ ପଛରେ ଥିବା କିଛି ବ୍ୟକ୍ତି ବିଶେଷ କ୍ଷମତା ଉପଭୋଗ କରନ୍ତି। ଗୋଟିଏ ବାଡିକୁ ଭାଙ୍ଗିବା ସହଜ, ବିଡାଏ କାଠକୁ ନୁହେ। ଆସ ଭିନ୍ନତା ଦୁରେଇ ଏକକ ଚିନ୍ତା କରିବା।


ମକୁନ୍ଦ ପୁର, ବାଙ୍କୀ

ମୋ : ୯୪୩୭୪୬୮୦୧୬





## କୋଣାର୍କ

**ଧ୍ରୁବ ଚରଣ ବେହେରା**

ଭବ୍ୟ କୋଣାର୍କର ରମ୍ୟ କାରୁକାର୍ଯ୍ୟ
ସ୍ମୃତିର ଝଲକ ଟିଏ
ବାରଶ ବଢେଇ ଅନ୍ତର ବେଦନା
ଶିଳା ଯା'ର କଥା କହେ ।।

ଅମୂଲ୍ୟ ଦାନର ଅମର ପ୍ରତିମା
ଖୋଦିତ କଳା କାହାଣୀ
ସପ୍ତାଶ୍ଚର୍ଯ୍ୟ ମଧ୍ୟ ବୈଦୁର୍ଯ୍ୟର ଆଭା
ଜୀବନ୍ତ ଉପମା ମଣି ।।

ଶ୍ରମର ସମରେ ହଜି ଯାଇ ଶିଳ୍ପୀ
ଫୁଟାଇଲେ ଯେଉଁ ଛବି
ବର୍ଣ୍ଣିବାକୁ ନାହିଁ ଶବ୍ଦର ଭଣ୍ଡାରେ
କାବ୍ୟ ରଣେ କେଉଁ କବି/କବୀ ।।

ନିଜକୁ ହଜାଇ ପ୍ରୀତିରେ ଭିଜାଇ
ଭୁଲି ଯାଇ ଶାନ୍ତି ସୁଖ
ଭରି ଦେଇଥିଲେ ପ୍ରେମ ମାଦକତା
ପ୍ରସ୍ତର ସରମେ ମୁଖ ।।

କାମଜ୍ୱଳା ତାଙ୍କ ବିଶ୍ୱ ପ୍ରତିବିମ୍ବ
ବଖାଣଇ ପ୍ରେମ ପୋଥି
ନିହାଣରେ ଯାର ପଥର କାମୁକ
ସରମେ କେତେ ଆଖି ।।

କେଉଁ ବିନ୍ଧାଣିର କଳା ଗୌରବେ
ହସେ ଆଜି ଖିଲି ଖିଲି
ପାରିଜାତ ସତେ ଫୁଟିଛି ଉତ୍କଳେ
ଆପଣା ପାଖୁଡା ମେଲି ।।

ନାହାଁନ୍ତି ଶିବେଇ କାଳ ବକ୍ଷେ ସିନା
ହୋଇଗଲେ ଦିନେ ଲୀନ
ଆଜିର ଶିଳ୍ପୀ ଯେ ନିରେଖେ ପ୍ରତିମା
ସେ ଅମୂଲ୍ୟ କଳା ଦାନ ।।

ଧନ୍ୟ କାରିଗର ମଉଡ ମଣି ହେ
ଶ୍ରେଷ୍ଠ ତୁମେ ମଙ୍ଗୁଆଳ
ନିଜ ସୁଖ ଭୁଲି କୁନି ହାତେ ଦିନେ
ଧରାଇଲ ମହାଥାଳ ।।

ବାର ବରଷର ତପସ୍ୟାର ଫଳ
ଟିକି ହସ୍ତେ ଝଲସିଲା
ଦିବ୍ୟ ସନ୍ତାନ ସେ ପାହାନ୍ତା ପ୍ରହରୁ
ମନ୍ଦିର ମୁଣ୍ଡି ମାରିଲା ।।

ମମତାମୟୀର ସୁନା ଧନ ସିଏ
ବାରଷ ମଉଡମଣି
ଧର୍ମ ପଦକୁ ଯେ କିଏ ସମତୁଲ
ଐକ୍ୟ କଳାର ବିନ୍ଧାଣି ।।

କଳାର କର୍ପୁର ଉଡିଅଛି ପଛେ
କଳା ତ ଯାଇନି ଫେରି
ଏବେବେ ବି ହସୁଛି
ସେ କଳା ପାଗୋଡା
ଉତ୍କଳର ସୁନା ଶିରୀ ।।

ଦିଶୁଅଛି ତା'ର ନାଟ୍ୟମଣ୍ଡପର
ଅଭିନବ ପ୍ରୀତି ପୂରି
ନାଚୁଛନ୍ତି କେତେ ନର୍ତ୍ତକୀର ପାଦ
ଜାନୁ ଯଉବନ ଚିରି ।।

ଶୁଭେ ରୁଣୁ ଝୁଣୁ ହୃଦୟ ଗହୋରେ
କଳ୍ପନାର ସାହାନାଇ
ଆଜି ବି ଦେଖୁଛି ବିଶ୍ୱର ମାନସ
ସଂସ୍କୃତି କୋଣାର୍କ ଛଇ ।।

ଓଡିଆ କଳାର ଶୌର୍ଯ୍ୟ ଶାନ୍ତ ମଣି
ସାଗର ସମିପେ ଚାହିଁ
ପରଷି ଦେଉଛି ଅତୀତର ସ୍ମୃତି
କୋଣାର୍କର ନାମ ବହି ।।


ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ , ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪




## ଗାଇ ନାମ ପରମକୁ

**ଯୋଗୀ କୃପାସିନ୍ଧୁ ମୁନି**

ସ୍ଥିର ହୋଇ ଯାଆରେ
ଗାଇ ନାମ ପରମକୁ
ନୟନ ଯୁଗଳ ପବିତ୍ର ଏ ସ୍ଥଳ
ଥୋଇଣ ମନପ୍ରାଣକୁ ।

ନାଶାରନ୍ଧ୍ର ପଥେ ପବନ ତୋଳିବ
ଶିଶୁ ମୁନା ମୂଳାଧାର ଭେଦିଯିବ
ପ୍ରବେଗ ହୋଇବ ଯାଇ ମଣିପୁର
ମନ୍ଥଇ ହୃଦ କମଳକୁ ।

ଶ୍ରୀମୁଖର ସ୍ୱର ହୋଇବ ଉଦ୍ଧାର
କରିଣ ଝଙ୍କାର ଝରଇ ଓଁକାର
ଉଚ୍ଚାରି ଲହରୀ ପଦ ପଡ଼େଝରୀ
ଶୁଣୁଥିବୁ କର୍ଣ୍ଣ ଡେରି ତୁ ।

କମ୍ପାଇ ମେଦିନି ହୁଏ ପ୍ରତିଧ୍ୱନୀ
ମାତୃଶକ୍ତି ଘେନି ଜାଗେ କୁଣ୍ଡଳିନୀ
ବୁଡ଼ିଯାରେ ଥରେ ଆନନ୍ଦ ସାଗରେ
ସୁସ୍ୱର ଲହରୀ ମାଳକୁ ।

ନିର୍ଗୁଣ ସେ ପଦ ନାଶେ ମୋହ ଦ୍ୱନ୍ଦ
ଚିତ୍ତବୃତ୍ତି ତୋର ହୋଇବ ନିରୋଧ
ଧରାଇଣ ସ୍ୱରୂପ ସଚ୍ଚିଦାନନ୍ଦରୂପ
ସଦଗୁରୁ ଶ୍ରୀପୟରକୁ ।


ଜୁଣବଳଦା, ଗୁଡ଼ିଖାଳ ଆଶ୍ରମ,
ବାଲେଶ୍ୱର


## ମୋ ଗାଁ କଥା ମନେପଡେ

**ପ୍ରଶାନ୍ତ ବ୍ରହ୍ମା**

ସମୟ ଚାଲି ଯାଉଛି ବୟଷ ବଢ଼ି ଯାଉଛି କିନ୍ତୁ ମୁଁ ରହି ପାରେନା ଗାଁ ରେ
ସତରେ ଗାଁ କଥା ଖାଲି ମନେପଡେ ସିନା କର୍ମରେ ବନ୍ଧା ମୁଁ ବିଦେଶ ରେ।

ମନେପଡେ ଆଜି କାହିଁ ସେଦିନର ସାଙ୍ଗ ସାଥି ବୁଲା ବୁଲିର କଥା
ଏବେ ସମୟ ସାଙ୍ଗରେ ସାଙ୍ଗ ହୋଇ ଚାଲିବାକୁ ପଡେ ମୁଣ୍ଡ ହୁଏ ବ୍ୟଥା।

ଯେତେବେଳେ ଥିଲି ଗାଁରେ ନଥିଲା କେବେବି ଚିନ୍ତା କି ଅର୍ଥ
ଏବେ ଅଭାବ ନଥିଲେ ବି କଉଥରେ କିନ୍ତୁ ଜୀବନ ଲାଗେ ବିଅର୍ଥ।

କାହିଁ କେଜାଣି ଆଜି ଲାଗେ ମୁଁ ଏ ଦୁନିଆରେ ଏକୁଟିଆ
ଗାଁ ମାଟିର ବାସ୍ନା ହାତଠାରି ଡାକୁଛି ଏ ପୁଅ ତୁ ଫେରିଆ।

ମୋ ଗାଁ ନୁହେଁ ସେ ମୋ ମାଁ ଆଜି ଶୋଇବାକୁ ମନ ହୁଏ ତା କୋଳରେ
ଜାଣି ପାରୁନି ସିନା ବୋଧେ ସେଥିପାଇଁ ଆଜି ଶୋଇ ପାରୁନି ମୁଁ ନିଦରେ।

ଛାତି ଭିତରେ ସତେ କିଏ ଟାଣି ଧରିଛି ନେଇ ପାରୁନାହିଁ ମୁଁ ନିଶ୍ୱାସ
ସତରେ ମୋର ଏବିବି ଅଛି ମୋ ଗାଁ ପାଇଁ ଭଲ ପାଇବା ବିଶ୍ୱାସ।


ପଲାଶପୁର, ଖୋର୍ଦ୍ଧା

# ପରିବାର ପ୍ରଭାବରେ ପାରଙ୍ଗମ, ଅଭିନେତ୍ରୀ କୀର୍ତ୍ତି ସୁରେଶ



ଜଣେ ସଫଳ କଳାକାରର ପେସାଗତ ଜୀବନ କିପରି ପାରିବାରିକ ଭିତ୍ତିଭୂମି ଦ୍ୱାରା ସକାରାତ୍ମକ ଭାବେ ପ୍ରଭାବିତ ହୋଇଥାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଦକ୍ଷିଣୀ ସିନେ ଅଭିନେତ୍ରୀ କୀର୍ତ୍ତି ସୁରେଶ। ମାଲୟଲୀ ସିନେ ପ୍ରଯୋଜକ ଜି. ସୁରେଶ କୁମାର ଓ ଅଭିନେତ୍ରୀ ମେନକାଙ୍କ କୋଳ ମଣ୍ଡନ କରିଥିବା କୀର୍ତ୍ତିଙ୍କୁ ଶିଶୁ କଳାକାର ଭାବରେ ସିନେମାରେ ସୁଯୋଗ ମିଳିବା ତ ହେଉଛି ତାଙ୍କର ପାରିବାରିକ ପ୍ରୋତ୍ସାହନ। ତେବେ ପିଲାଟି ଦିନୁ ସେହି କଳାକାର ପରିବେଶରେ କାଳ କାଟିଥିବା କୀର୍ତ୍ତି ପରେ ନିଜକୁ ଜଣେ ନାୟିକା ଭାବେ ପ୍ରତିଷ୍ଠିତ କରିପାରିବା ସହ ବାର ବାର ଥର ଜାତୀୟ ସ୍ତରୀୟ ପୁରସ୍କାର ହାତେଇବାର ଶ୍ରେୟ ନିଶ୍ଚୟ ତାଙ୍କ ଦକ୍ଷତାକୁ ହିଁ ମିଳିବ। ଚେନ୍ନାଇରେ ୧୯୯୨ ଅକ୍ଟୋବର ୧୭ ତାରିଖରେ ଜନ୍ମିତ କୀର୍ତ୍ତିଙ୍କର ଅଭିନୟକୁ ଜୀବନର ପେସା କରିବା ତାଙ୍କ ପାଇଁ କିଛି କଷ୍ଟସାଧ୍ୟ ବ୍ୟାପାର ନୁହେଁ। ତେବେ ସେ ଡିଜାଇନିଂକୁ ତାଙ୍କର ଅନ୍ୟତମ ନିଶା ଭାବେ ଗ୍ରହଣ କରିବେ ବୋଲି କହି ଆସିଛନ୍ତି। ମାତ୍ର ସିନେ ଦୁନିଆଁରେ ତାଙ୍କ ବ୍ୟସ୍ତତା ଓ ଲୋକପ୍ରିୟତା ତାଙ୍କୁ ଦ୍ୱିତୀୟ ପେସା ଭୁଲିଯିବାକୁ ବାଧ୍ୟ କରିଛି।

ସୂଚନାନୁଯାୟୀ, ତାଙ୍କୁ ମାତ୍ର ଆଠ ବର୍ଷ ବେଳେ ପିତାଙ୍କ ପ୍ରଯୋଜିତ ମାଲାୟଲୀ ଫିଲ୍ମ 'ପାଇଲଟ୍ସ'(୨୦୦୦)ରୁ ଆରମ୍ଭ କରି 'ଅଚାନେୟନେନି କ୍ରିସ୍ତମ୍'(୨୦୦୧) ଓ 'କୁବେରନ୍' (୨୦୦୨) ରେ ସେ ଜଣେ ଶିଶୁ କଳାକାର ଭାବେ ପିଲ୍ମ ଦୁନିଆଁ ସହ ଜଡ଼ିତ ହୋଇଥିଲେ। ତେବେ ୨୦୧୩ ମସିହାରେ ମାଲାୟଲୀ ଫିଲ୍ମ 'ଗୀତାଞ୍ଜଳି'ରେ ନାୟିକା ଭାବରେ ସେ ନିଭାଇଥିବା ଦ୍ୱୈତ ଚରିତ୍ରକୁ ଦର୍ଶକ ଖୁବ୍ ଗ୍ରହଣ କରିବା ସହ କୀର୍ତ୍ତି ଜଣେ ସ୍ୱୟଂ ସଂପୂର୍ଣ୍ଣା ଅଭିନେତ୍ରୀ ବୋଲି ସର୍ବତ୍ର ଚର୍ଚ୍ଚା ହେବା ଆରମ୍ଭ ହୋଇ ଯାଇଥିଲା। ଏଥି ପାଇଁ ତାଙ୍କୁ ୨୦୧୪ରେ ଶ୍ରେଷ୍ଠ ନବାଗତା ନାୟିକା ଭାବେ ତୃତୀୟ ସୀମା ସମ୍ମାନ(ଦକ୍ଷିଣ ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ସମ୍ମାନ) ଓ ଶ୍ରେଷ୍ଠ ଚେହେରା ଭାବେ ଷୋଡ଼ଶ ଏସିଆନେଟ୍ ଫିଲ୍ମ ସମ୍ମାନ ମିଳିଥିଲା। ତାଙ୍କର ପରବର୍ତ୍ତୀ ସିନେମା 'ରିଂ ମାଷ୍ଟର' ମଧ୍ୟ ଅନୁରୂପ ଦର୍ଶକୀୟ ସ୍ୱୀକୃତି ଅଜାଡ଼ି ଦେଇଥିଲା।

ଏହାପରେ ସେ ୨୦୧୫ରେ ତାମିଲ ସିନେମା 'ଇଧୁ ଏନ୍ନା ମାୟମ୍'ରେ ପ୍ରଥମ ପଦାର୍ପଣ କରି ଶ୍ରେଷ୍ଠ ଉଦୀୟମତୀ ତାରକା ଭାବେ ଏଡିସନ୍? ସମ୍ମାନ ଓ ଶ୍ରେଷ୍ଠ ନବାଗତା ଭାବେ ପଞ୍ଚମ ସୀମା ସମ୍ମାନ ହାସଲ କରିଥିଲେ। ସେହିପରି ୨୦୧୬ରେ ତେଲୁଗୁ ଫିଲ୍ମ 'ନେନୁ ଶୈଳଜା'ରେ ମଧ୍ୟ ପ୍ରଥମ ପଦାର୍ପଣ କରି ସେ ଜି' ସିନେ ସମ୍ମାନ ପାଇବାର ଗୌରବ ଅର୍ଜିଥିଲେ। ତେବେ ୨୦୧୭ରେ ଖେଳିଥିବା ତାଙ୍କ ଅଭିନୀତ ତଥା ଅଭିନେତ୍ରୀ ସାବିତ୍ରୀଙ୍କ ଜୀବନୀ ଉପରେ ଆଧାରିତ ତେଲୁଗୁ ଫିଲ୍ମ 'ମହାନତି' ହିଁ ତାଙ୍କ ପାଇଁ ଅଜସ୍ର ପ୍ରତିଷ୍ଠା ବରଷି ଦେଇଥିଲା। ଏଥି ପାଇଁ ସେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ଚଳଚ୍ଚିତ୍ର ସମ୍ମାନ ସମେତ ଛଅଟି ଅନ୍ୟ ଜାତୀୟ ସ୍ତରୀୟ ପୁରସ୍କାର ଲାଭ କରିଥିଲେ। ଗତବର୍ଷ ମୁକ୍ତିଲାଭ କରିଥିବା ତାଙ୍କର ତେଲୁଗୁ ଫିଲ୍ମ 'ରଙ୍ଗ ଦେ' ଯଥେଷ୍ଟ ଲୋକପ୍ରିୟ ହେବା ସହ ଚଳିତବର୍ଷର 'ଗୁଡ୍ ଲକ୍ ସଖି' ଓ ମାଲାୟଲୀ ଫିଲ୍ମ 'ବାସି' ମଧ୍ୟ ଅନୁରୂପ ଦର୍ଶକୀୟ ସ୍ୱୀକୃତି ଆଣିଛି। ନିକଟ ଭବିଷ୍ୟତରେ ତାଙ୍କର ଆହୁରି ଦୁଇଟି ତେଲୁଗୁ ଓ ଗୋଟିଏ ତାମିଲ ସିନେମା ମୁକ୍ତିଲାଭ କରିବାକୁ ଥିବା ବେଳେ ଆଗକୁ ତାଙ୍କର ଏହି ଲୋକପ୍ରିୟତା ବଜାୟ ରହିବ ବୋଲି ସମୀକ୍ଷକମାନେ ଭବିଷ୍ୟବାଣୀ କରିଛନ୍ତି।

# ଫିଲ୍ମ ଫ୍ଲପ୍ ପରେ ଫିସ୍ ବଢ଼ାଇଲେ ଶାହିଦ



ବଲିଉଡର ହ୍ୟାଣ୍ଡସମ ହଙ୍କ ଶାହିଦ କପୁର। ନିକଟରେ ତାଙ୍କ ଫିଲ୍ମ 'ଜର୍ସି' ରିଲିଜ ହୋଇଥିଲା। ତେବେ ଏହି ଫିଲ୍ମଟି ବକ୍ସ ଅଫିସରେ ସେତେଟା ଭଲ ବ୍ୟବସାୟ କରିନଥିଲା। କହିବାକୁ ଗଲେ ଏହା ଫ୍ଲପ୍ ହୋଇଯାଇଥିଲା। ତେବେ ଏହି ଫିଲ୍ମ ଫ୍ଲପ୍‌ର ପ୍ରଭାବ ଶାହିଦ କପୁରଙ୍କ ଉପରେ ଜମାରୁ ବି ପଡିନି। ଫିଲ୍ମ ଫ୍ଲପ ହୋଇଥିଲେ ମଧ୍ୟ ସେ ନିଜ ଫିସ୍ ବଢ଼ାଇ ଦେଇଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ ଶାହିଦ କପୁର ତାଙ୍କ ଫିସ ୫ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ବଡ କଥା ହେଉଛି 'ଜର୍ସି' ଫ୍ଲପ୍ ହେବା ପରେ ଶାହିଦ କପୁର ଏହି ଫିସ୍ ବୃଦ୍ଧି କରିଛନ୍ତି। ଏହି ଫିଲ୍ମଟି ମୋଟ୍ ୨୧ କୋଟି କଲେକସନ୍ କରିଥିଲା । ଫିଲ୍ମଟି ଓଟିଟିରେ ରିଲିଜ୍ ହେବା ପରେ ଦର୍ଶକଙ୍କ ଠାରୁ ଭଲ ରିଭ୍ୟୁ ପାଇଥିଲା।

କହିବାକୁ ଗଲେ ଶାହିଦ କପୁର ଜର୍ସି ଫିଲ୍ମ ପାଇଁ ୩୫ କୋଟି ଟଙ୍କା ନେଇଥିଲେ। ବର୍ତ୍ତମାନ ସେ ତାଙ୍କର ଫିଲ୍ମ ପାଇଁ ପ୍ରାୟ ୪୦ କୋଟି ଟଙ୍କା ଚାର୍ଜ କରିଛନ୍ତି। ଶାହିଦ କପୁର ୨୦୦୩ରେ 'ଇସ୍କ ଭିସ୍କ'ରୁ ଡେବ୍ୟୁ କରିଥିଲେ। କ୍ୟାରିଅର ଆରମ୍ଭରୁ ହିଁ ତାଙ୍କୁ ଚକୋଲେଟି ହିରୋ କୁହାଯାଉଥିଲା। କିନ୍ତୁ ସମୟ ବଦଳିବା ସହ ଶାହିଦ ନିଜକୁ ମଧ୍ୟ ବଦଳାଇଥିଲେ।

# କିଙ୍ଗ ଖାନ୍‌ଙ୍କ କ୍ରେଜ, ରିଲିଜ ପୂର୍ବରୁ କୋଟି କୋଟି ଟଙ୍କା ବ୍ୟବସାୟ କଲା 'ଜୱାନ'



ଜାରି ରହିଛି କିଙ୍ଗ ଖାନ୍‌ଙ୍କ କ୍ରେଜ। କିଛି ଦିନର ବିରତି ପରେ ପୁଣି ଥରେ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି ଶାହାରୁଖ। ଆସୁଛି ତାଙ୍କ ଅପ୍‌କମିଂ ଫିଲ୍ମ 'ଜୱାନ'। ତେବେ ରିଲିଜ ପୂର୍ବରୁ କୋଟି କୋଟି ଟଙ୍କାର ବ୍ୟବସାୟ କରିଛି ଏହି ଫିଲ୍ମ। ନିକଟରେ ଏହି ଫିଲ୍ମର ଟିଜର ରିଲିଜ ହୋଇଥିଲା। ଏହି ଟିଜରକୁ ପ୍ରଶଂସକମାନେ ଖୁବ ପସନ୍ଦ କରିଥିଲେ। ଏହି ଟିଜରଟି ଚାରିଆଡେ ଚହଳ ପକାଇଥିଲା। ଶହାରୁଖଙ୍କ ଏଥିରେ ନୂଆ ଅନ୍ଦାଜ ସମସ୍ତଙ୍କୁ ପସନ୍ଦ ଆସିଥିଲା।

ଖୁବଶୀଘ୍ର ଶାହାରୁଖଙ୍କ ଏହି ଫିଲ୍ମଟି ପରଦାକୁ ଆସିବ। ତେବେ ରିଲିଜ ପୂର୍ବରୁ ହିଁ ଏହି ଫିଲ୍ମର କ୍ରେଜ ଦେଖିବାକୁ ମିଳିଛି। ଫିଲ୍ମ ଜୱାନଙ୍କୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସ ମୋଟା ଅଙ୍କ ଦେଇ କିଣି ନେଇଥିବା ସୂଚନା ମିଳିଛି। ବଲିଉଡ ଲାଇଫର ଏକ ରିପୋର୍ଟ ମୁତାବକ, ଶାହରୁଖଙ୍କ ଫିଲ୍ମ 'ଜୱାନ' ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ହେବ। ନିର୍ମାତାମାନେ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସ ସହିତ ୧୨୦ କୋଟି ଟଙ୍କାର ଚୁକ୍ତି କରିଛନ୍ତି। କହିବାକୁ ଗଲେ ଜୱାନର ଡିଜିଟାଲ୍ ରାଇଟସ୍ ୧୨୦ କୋଟିରେ ବିକ୍ରି ହୋଇଛି। ଅନ୍ୟପଟେ କିଙ୍ଗଖାନ୍‌ଙ୍କ ପ୍ରଶଂସକମାନେ ତାଙ୍କ ଫିଲ୍ମକୁ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଛନ୍ତି। 'ଜିରୋ' ରିଲିଜ୍ ହେବା ପରେ ତାଙ୍କର କୌଣସି ଫିଲ୍ମ ବହୁ ବର୍ଷ ଧରି ରିଲିଜ୍ ହୋଇନଥିଲା। ବର୍ତ୍ତମାନ ଶାହାରୁଖ ଖାନ୍ ପୁଣି ଥରେ ବଡ ପରଦାକୁ ଫେରିବାକୁ ଯାଉଛନ୍ତି, ଯାହାକୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଆସନ୍ତା ବର୍ଷ ଜୁନ୍ ୨ ତାରିଖରେ ଏହି ଫିଲ୍ମଟି ରିଲିଜ ହେବ।

# ଫେମସ୍ ଗାୟକଙ୍କୁ ୩୦ ବର୍ଷ ଜେଲ



ଲୋକପ୍ରିୟ ଗାୟକଙ୍କୁ ଜେଲ। ୩୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଲେ କୋର୍ଟ। ବଢ଼ିଲା ଜଣାଶୁଣା ହଲିଉଡ ସିଙ୍ଗର ଆର କେଲିଙ୍କ ବଢ଼ିଲା ଅଡୁଆ। ମହିଳା, ଯୁବତୀ ଓ ଯୁବକଙ୍କ ଯୌନ ଶୋଷଣ କରିବା ଅଭିଯୋଗରେ ତାଙ୍କୁ ୩୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ।

ଉଲ୍ଲେଖଯୋଗ୍ୟ, ଗାୟକ ଆର କେଲିଙ୍କ ବିରୋଧରେ ଗତ ୨୦ ବର୍ଷ ହେଲା ମକଦ୍ଦମା ଚାଲିଥିଲା। ୫୫ ବର୍ଷୀୟ ଆମେରିକାନ ଗାୟକ କେଲି ୯ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ବ୍ରୁକଲିନ୍ ଫେଡେରାଲ କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୋଗକାରୀ ଆର କେଲିଙ୍କୁ ଅତି କମ୍‌ରେ ୨୫ ବର୍ଷର ଜେଲ ସଜା ହେଉ ବୋଲି କୋର୍ଟରେ ଦାବି କରିଥିଲେ। କାରଣ ଏଭଳି ବ୍ୟକ୍ତି ସମାଜ ପାଇଁ ବିପଦ ବୋଲି ସେ ନିଜ ଅଭିଯୋଗରେ କହିଥିଲେ। ଗାୟକ ଆର କେଲିଙ୍କୁ ଶିକାଗୋରେ ଆଉ ଏକ ମାମଲାର ସାମ୍ନା କରିବାକୁ ମଧ୍ୟ ପଡିବ। ଆସନ୍ତା ଅଗଷ୍ଟ ୧୫ରେ ଏହି ମାମଲାର ଟ୍ରାଏଲ ରହିଛି।

ସୂଚନା ମୁତାବକ କେଲି ଓ ତାଙ୍କ ଦୁଇ ସହଯୋଗୀଙ୍କ ବିରୋଧରେ ୨୦୦୮ରେ ପର୍ଣ୍ଣଗ୍ରାଫି ଟେଷ୍ଟରେ ହେରଫେର କରିବା ସହ ମିଛ ସାକ୍ଷୀ ଦେବା ଅଭିଯୋଗ ରହିଛି। ଏହି ମାମଲାର ଶୁଣାଣି ବେଳେ କୋର୍ଟରେ ୪୫ ଜଣ ସାକ୍ଷୀ କେଲିଙ୍କ ବିରୋଧରେ ବୟାନ ଦେଇଛନ୍ତି। କେବଳ ସେତିକି ନୁହେଁ ଦିବ୍ୟାଙ୍ଗ ଗାୟିକା ଆଲିଆଙ୍କ ସହ ସେ ଅବୈଧ ରୂପେ ବିବାହ କରିଥିବା ନେଇ ମଧ୍ୟ ତାଙ୍କ ନାଁରେ ଅଭିଯୋଗ ମଧ୍ୟ ରହିଛି।

# ଆଲିଆଙ୍କ ପରେ ଏବେ ମା' ହେବାକୁ ଉଛନ ରାଖୀ



ବି-ଟାଉନ୍‌ରେ ଏବେ ଆଲିଆ ଭଟ୍ଟ ମା' ହେବାକୁ ଯାଉଥିବା ଖବର ଚର୍ଚ୍ଚାରେ ରହିଛି। ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ଏବେ ସମସ୍ତେ କପୁର ପରିବାରର କୁନି ଅତିଥିଙ୍କୁ ଅପେକ୍ଷା କରିଛନ୍ତି। ଆଲିଆଙ୍କ ମା' ହେବା ପରେ ବର୍ତ୍ତମାନ ବଲିଉଡର 'ଡ୍ରାମା କୁଇନ୍' ରାଖୀ ସାୱନ୍ତ ମଧ୍ୟ ବିବାହ ନକରି ମା' ହେବାକୁ ଉଛନ ହୋଇପଡିଛନ୍ତି। ସେ ମଧ୍ୟ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ରାଖୀଙ୍କ ଏହି ଭିଡିଓ ଭାଇରାଲ ହେଉଛି। ଯେଉଁଥିରେ ସେ ନିଜେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଏହା କହିଛନ୍ତି। ଭିଡିଓରେ ରାଖୀ ତାଙ୍କ ବୟଫ୍ରେଣ୍ଡ ଆଦିଲ ଖାନଙ୍କ ସହ ହସ୍ପିଟାଲରୁ ବାହାରକୁ ଆସୁଥିବା ନଜର ଆସିଛନ୍ତି। ବାହାରକୁ ଆସିବା ପରେ ତାଙ୍କୁ ଫଟୋଗ୍ରାଫରମାନେ ଘେରି ଯାଉଛନ୍ତିଏବଂ ଆଲିଆଙ୍କ ଗର୍ଭଧାରଣ ବିଷୟରେ ପ୍ରଶ୍ନ ପଚାରୁଛନ୍ତି। ସେହି ସମୟରେ ରାଖୀ କହୁଛନ୍ତି, 'ମୁଁ କେବେ ମା' ହେବି ? ମୋ ଜୀବନରେ କେବେ ଖୁସି ଖବର ଆସିବ? ବିବାହ ପୂର୍ବରୁ ଆସିଲେ ବି କୌଣସି ଅସୁବିଧା ନାହିଁ। ଖୁସି ଖବର ଆସିବା ପରେ ହିଁ ମୁଁ ବିବାହ କରିବି ବୋଲି କହୁଛନ୍ତି।' କେବଳ ସେତିକି ନୁହେଁ ତାଙ୍କ ଗର୍ଭରୁ ଜନ୍ମ ହେବା ଛୁଆ କେମିତି ହେବ ସେ ନେଇ ମଧ୍ୟ ଉତ୍ତର ରଖିଛନ୍ତି ରାଖୀ। ସେ କହିଛନ୍ତି, 'ମୁଁ କେବଳ ଜାଣେ ଯେ ମୋ ଗର୍ଭରୁ ଯିଏ ଜନ୍ମ ହେବ ସେ ଗୋଟିଏ ମହାନ ତଥା ପ୍ରଭାବଶାଳୀ ହେବ। ଯାହା ଫଳରେ ସେ ଦେଶକୁ ବଞ୍ଚାଇବ। କାରଣ ତୁମେମାନେ ଜାଣିଛ ମୁଁ ଜଣେ ଭଲ ଝିଅ।' କହିବାକୁ ଗଲେ ରାଖୀ ସାୱନ୍ତ ତାଙ୍କ ବୟଫ୍ରେଣ୍ଡ ଆଦିଲ ଖାନ ଦୁରାନୀଙ୍କ ସହ ଲିଭ୍ ଇନ୍‌ରେ ରହୁଥିବା ନେଇ ଏକ ବାର୍ତ୍ତାଳାପରେ ନିଶ୍ଚିତ କରିଥିଲେ। ସେ କହିଥିଲେ ଯେ ହଁ, ଆଦିଲ ଏବଂ ମୁଁ ଏକାଠି ରହୁଛି। ରାଖୀଙ୍କ ଏହି ଭିଡିଓ ସାମ୍ନାକୁ ଆସିବା ପରେ ସେ ପୁଣି ଥରେ ସୋଶାଲ ମିଡିଆରେ ଟ୍ରୋଲର ଶିକାର ହୋଇଛନ୍ତି। ଲୋକେ ରାଖୀଙ୍କ ପ୍ରଭାବଶାଳୀ ଛୁଆ ଜନ୍ମ କରିବା କଥାକୁ ନେଇ ଟାହିଟାପରା କରୁଛନ୍ତି।



# ଆୟୁଷ୍ମାନଙ୍କ ସାଥିରେ ସାମନ୍ଥାଙ୍କ ବଲିଉଡ୍ ପ୍ରବେଶ



'ଉ ଅଣ୍ଟବା' ଗୀତଦୃଶ୍ୟରେ ଆକର୍ଷଣୀୟ ନୃତ୍ୟ କରି ଦେଶବ୍ୟାପୀ ଚହଳ ପକାଇଥିବା ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁଙ୍କ ବଲିଉଡ୍ ଆସିବା ଖବର ପ୍ରାୟ ଏକ ବର୍ଷ ହେଲା ଆମେ ଶୁଣିଆସୁଥିଲୁ। ବିଶେଷ କରି ସାମନ୍ଥାଙ୍କ ପ୍ରଶଂସକମାନେ ସେଥିପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିରହିଥିଲେ। ଶୀଘ୍ର ସେହି ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଗତ ଆଠ-ନଅ ମାସ ହେଲା ଅନେକ ଚଳଚ୍ଚିତ୍ର ନିର୍ମାତା ସାମନ୍ଥାଙ୍କୁ ନିଜନିଜ କାହାଣୀରେ ନାୟିକା ସାଜିବାକୁ ପ୍ରସ୍ତାବ ଦେଇଥିଲେ। ଶେଷରେ ତାଙ୍କୁ ଏକ ଚଳଚ୍ଚିତ୍ରର କାହାଣୀ ପସନ୍ଦ ଆସିଛି। ଶୁଣିବାକୁ ମିଳୁଛି ଯେ ସାମନ୍ଥା ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ସହିତ ଏକ ଫିଲ୍ମ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ବଡ଼ ବଜେଟ୍‌ର ଏହି ଚଳଚ୍ଚିତ୍ରର ପ୍ରଯୋଜକ ହେଉଛନ୍ତି ଦିନେଶ ବିଜନ। ଏବେ ଏହାର ସୁଟିଂ ତାରିଖ ଆଦି ନିର୍ଦ୍ଧାରିତ ହେଉଛି। ଯଦିଓ ଏହି ଚଳଚ୍ଚିତ୍ରର ନିର୍ମାତାଙ୍କ ପକ୍ଷରୁ ଅନ୍ୟ କୌଣସି ତଥ୍ୟ ପ୍ରଘଟ କରାଯାଇନାହିଁ, ଏହି ଚଳଚ୍ଚିତ୍ରରେ ବ୍ୟଙ୍ଗ, ରୋମାଞ୍ଚ ଓ ନାଟକୀୟତାର ପ୍ରାଚୁର୍ଯ୍ୟ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ଏ ବର୍ଷ ଶେଷ ସୁଦ୍ଧା ଏହାର ସୁଟିଂ ଆରମ୍ଭ ହେବ ଏବଂ ଆସନ୍ତା ବର୍ଷ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବ। ଅପରପକ୍ଷେ, ପ୍ରଯୋଜକ-ନିର୍ଦ୍ଦେଶକ କରନ ଜୋହରଙ୍କ ସାକ୍ଷାତକାର କାର୍ଯ୍ୟକ୍ରମ 'କଫି ୱିଥ୍ କରନ'ରେ ବଲିଉଡ୍ ତାରକା ଅକ୍ଷୟ କୁମାରଙ୍କ ସହିତ ସାମନ୍ଥା ଏକାଠି ଦେଖାଦେବେ ବୋଲି ଏହାର ଟ୍ରେଲରରୁ ସ୍ପଷ୍ଟ ହୋଇସାରିଛି। ତେଣୁ ସାମନ୍ଥା ତାଙ୍କର ଦ୍ୱିତୀୟ ବଲିଉଡ୍ ଚଳଚ୍ଚିତ୍ର ଖିଲାଡ଼ି କୁମାରଙ୍କ ସହିତ କରିବାର ଅନେକ ସମ୍ଭାବନା ଅଛି। ଉଲ୍ଲେଖଯୋଗ୍ୟ, ସାମନ୍ଥା 'ଦି ଫ୍ୟାମିଲି ମ୍ୟାନ୍' ନାମକ ଏକ ହିନ୍ଦୀ ୱେବ୍ ଧାରାବାହିକରେ ଅଭିନୟ କରି ସର୍ବଭାରତୀୟ ସ୍ତରରେ ଦର୍ଶକଙ୍କ ମନ ଜିଣିସାରିଛନ୍ତି।

# ଦର୍ଶକଙ୍କୁ ଚକିତ କରୁଛି ସୋନାକ୍ଷୀଙ୍କ ନୂଆ ଲୁକ୍, ସୋସିଆଲ୍ ମିଡିଆରେ ଚର୍ଚ୍ଚା ପାଲଟିଲା ଇନଷ୍ଟା ପୋଷ୍ଟ

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସୋସିଆଲ୍ ମିଡିଆରେ ବେଶ୍ ସକ୍ରିୟ। ସୋସିଆଲ୍ ମିଡିଆରେ ତାଙ୍କର ଅନେକ ଫଲୋର୍ସ ମଧ୍ୟ ଅଛନ୍ତି। ସେ ମଧ୍ୟ ପ୍ରଶଂସକମାନଙ୍କୁ ଆଦୌ ନିରାଶ କରନ୍ତି ନାହିଁ। କିଛି ଦିନ ଅନ୍ତରରେ ସୋନାକ୍ଷୀ ପ୍ରଶଂସକଙ୍କୁ ଖୁସି କରାଇବା ଭଳି କିଛି ନା କିଛି ସୋସିଆଲ୍ ମିଡିଆ ପୋଷ୍ଟ କରିଥାନ୍ତି। ନିକଟରେ ସୋନାକ୍ଷୀ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ୍‌ରେ ନିଜର ଏପରି ୨ଟି ଫଟୋ ସେୟାର କରିଛନ୍ତି ଯାହାକୁ ଦେଖିଲେ ପ୍ରଶଂସକ ଚକିତ ହୋଇ ଯାଉଛନ୍ତି। ସୋନାକ୍ଷୀ ପୋଷ୍ଟ କରିଥିବା ଫଟୋରେ ସେ ଏକଦମ ନିଆରା ଦିଶୁଛନ୍ତି। ତାଙ୍କ କେଶକୁ ସେ ବିଦେଶୀଙ୍କ କେଶ ପରି ରଂଗ କରି ଦେଇଥିବାରୁ ଆଦୌ ଚିହ୍ନି ହେଉନାହାନ୍ତି। ସୋନାକ୍ଷୀଙ୍କ ଏହି ନୂଆ ଲୁକ୍‌ର ଫଟୋ ସୋସିଅଆଲ୍ ମିଡିଆରେ ଖୁବ୍ ଜୋରରେ ଭାଇରାଲ୍ ହୋଇଛି। ସୋନାକ୍ଷୀ ତାଙ୍କ କେଶକୁ ମ୍ୟାଚ୍ କରିବା ପରି ପୋଷାକ ମଧ୍ୟ ପରିଧାନ କରିଛନ୍ତି। ଫଟୋରେ ସୋନାକ୍ଷୀଙ୍କ ପୋଷାକ ଓ କେଶ ବିଲ୍‌କୁଲ୍ ମ୍ୟାଚ୍ କରିଯାଉଛି। ସେ ତାଙ୍କର ଲୁକ୍‌କୁ ଆକର୍ଷଣୀୟ କରିବାକୁ ସ୍ମୋକି ଆଇ ମେକ୍‌ଅପ୍ ସହ ନିଉଡ୍ ଲିପ୍‌ଷ୍ଟିକ୍ ବ୍ୟବହାର କରିଛନ୍ତି। ସୋନାକ୍ଷୀଙ୍କର ଏହି ଲୁକ୍‌କୁ ପ୍ରଶଂସକରୁ ନେଇ ସେଲିବ୍ରେଟି ପର୍ଯ୍ୟନ୍ତ ସମସ୍ତେ ପସନ୍ଦ କରୁଛନ୍ତି। ତେବେ ସୋନାକ୍ଷୀଙ୍କ ପୋଷ୍ଟ୍‌ରେ ହୁମା କୁରେସୀ ଦେଇଥିବା କମେଣ୍ଟ୍ ସବୁଠାରୁ ଅଧିକ ଚର୍ଚ୍ଚା ପାଲଟିଛି। ସେ ସୋନାକ୍ଷୀଙ୍କ ଫଟୋରେ 'ଭୟଙ୍କର' ବୋଲି ଲେଖିଛନ୍ତି।





# ମିଳିତ ସ୍ୱାବଲମ୍ବୀ କାରିଗର ସଂଘର ଗଣଧାରଣା

ଭୁବନେଶ୍ୱର,୭/୦୭ (ନି.ପ୍ର): ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରୀଗର ସଂଘ ଡ଼ାକରାରେ ବିଧାନସଭା ସମ୍ମୁଖରେ ନଳକୂପ ମିସ୍ତ୍ରୀ ଓ ପମ୍ପଚାଳକମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଲୋୟର ପିଏମ୍‌ଜିରେ ଗଣଧାରଣାରେ ବସିଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥାରେ ନିୟୋଜିତ ନଳକୂପ ମିସ୍ତ୍ରୀ ଓ ପମ୍ପଚାଳକମାନଙ୍କୁ ଜଳ ଯୋଗାଣ କର୍ମଚାରୀର ମାନ୍ୟତା ପ୍ରଦାନ, ସର୍ବନିମ୍ନ ମଜୁରୀ ଓ କାମ କରିବା ସମୟରେ ଦୁର୍ଘଟଣାରେ ମୃତ୍ୟୁବରଣ କଲେ ପରିବାରକୁ ଅନ୍ୟୁନ କୋଡିଏ ଲକ୍ଷ ଟଙ୍କାର ବୀମା ସହାୟତା ପ୍ରଦାନ, ବସୁଧା ମେଗା ପ୍ରୋଜେକ୍ଟ ମେଂଟେନାନ୍ସ କାମରେ ଏସ.ଇ.ଏମ୍ ମାନଙ୍କୁ ପ୍ରୋଜେକ୍ଟ ମଜୁରୀ ହାରରେ ପାରିଶ୍ରମିକ ପ୍ରଦାନ କରି ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା ଦାବିରେ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରୀଗର ସଂଘର ସଭାପତି ପ୍ରଦୀପ୍ତ ରାମ ଏବଂ ସମ୍ପାଦକ ଜିତେନ୍ଦ୍ର ବଳବନ୍ତରାୟଙ୍କ ନେତୃତ୍ୱରେ ରାଜ୍ୟର ନଳକୂପ ମିସ୍ତ୍ରୀ ଓ ପମ୍ପଚାଳକମାନେ ୧୨ ଘଟିକା ସମୟରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭସ୍ଥଳରେ କାର୍ଯ୍ୟକାରୀ ସଭାପତି ରାଜକିଶୋର ମଲ୍ଲିକଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

ବିକ୍ଷୋଭ ସ୍ଥାନରୁ ସଭାପତି ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଏକ ଚାରିଜଣିଆ ପ୍ରତିନିଧି ମଣ୍ଡଳୀ ପଂଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ଏକ ୫ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ଅମାତ ଦାବି ଗୁଡ଼ିକ ହୃଦୟଙ୍ଗମ କରି ଖୁବ୍ ଶୀଘ୍ର ସରକାରଙ୍କ ସହିତ ପରାମର୍ଶ କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ରେଳ ଷ୍ଟେସନ ସୁରକ୍ଷା ବଢ଼ିବ : ଦେଶର ୭୫୬ ଷ୍ଟେସନରେ ଲାଗିବ ଭିଏସ୍‌ଏସ୍

ଭୁବନେଶ୍ୱର,୭/୦୭ (ନି.ପ୍ର): ରେଳ ଷ୍ଟେସନ୍ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ମଧ୍ୟରେ ୧୫ଟି ଷ୍ଟେସନ୍ ସମେତ ଦେଶର ୭୫୬ ଷ୍ଟେସନ୍‌ରେ ନିର୍ଭୟା ପାଣ୍ଠି ଅଧୀନରେ ଭିଡିଓ ସର୍ଭେଲାନ୍ସ ସିଷ୍ଟମ(ଭିଏସଏସ) ତଥା ସିସିଟିଭି କ୍ୟାମେରା ନେଟୱାର୍କ କାର୍ଯ୍ୟକାରୀ କରାଯିବ। ଏଜେନ୍ସି ମାଧ୍ୟମରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଏ-୧, ଏ, ବି, ସି ମାନ୍ୟତା ଥିବା ୭୫୬ ଷ୍ଟେସନ୍‌କୁ ଅନ୍ତର୍ଭୁକ୍ତ କରାଯାଇ ୨୦୨୩ ଜାନୁଆରି ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି।

ପୂର୍ବତଟ ରେଳପଥ ମଧ୍ୟରେ ଅନୁଗୁଳ, ଭଦ୍ରକ, ବ୍ରହ୍ମପୁର, ଢ଼େଙ୍କାନାଳ, ଯାଜପୁର କେନ୍ଦୁଝର ରୋଡ୍, ଖୋର୍ଦ୍ଧା ରୋଡ୍, ବଲାଙ୍ଗୀର, ସମ୍ବଲପୁର, ଟିଟିଲାଗଡ଼, କୋରାପୁଟ, ରାୟଗଡ଼ା, ପଲାସା, ଜଗଦଲପୁର, ଶ୍ରୀକାକୁଲମ୍ ରୋଡ୍ ଓ ବିଜୟନଗରମ୍ ଷ୍ଟେସନ୍‌ରେ ଭିଏସ୍‌ଏସ୍ କାର୍ଯ୍ୟକାରୀ ହେବ। ଅବଶିଷ୍ଟ ଷ୍ଟେସନ୍‌ଗୁଡ଼ିକରେ ଏହି ପ୍ରଣାଳୀର କାର୍ଯ୍ୟକାରୀ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯିବ। ରେଳ ଷ୍ଟେସନ୍ ସୁରକ୍ଷା ବୃଦ୍ଧି କରାଇବା ପାଇଁ ଭାରତୀୟ ରେଳ ଷ୍ଟେସନରେ ଇଣ୍ଟରନେଟ୍ ପ୍ରୋଟୋକଲ୍(ଆଇପି) ଆଧାରିତ ଭିଏସ୍‌ଏସ୍ ସ୍ଥାପନ ପ୍ରକ୍ରିୟାରେ ରହିଛି। ଯାହାକି ପ୍ରତୀକ୍ଷାଳୟ (ୱେଟିଂ ହଲ୍), ସଂରକ୍ଷଣ କାଉଂଟର, ପାର୍କିଂ କ୍ଷେତ୍ର, ମୁଖ୍ୟ ପ୍ରବେଶ/ପ୍ରସ୍ଥାନ, ପ୍ଲାଟଫର୍ମ, ଫୁଟ୍ ଓଭରବ୍ରିଜ୍, ବୁକିଂ ଅଫିସ୍ ଆଦି ସ୍ଥାନଗୁଡ଼ିକରେ ଭିଏସ୍‌ଏସ୍ ଯୋଗାଇବା ପାଇଁ କାର୍ଯ୍ୟ ଅନୁମୋଦନ ହୋଇଛି।

ଏହି ଭିଡିଓ ସର୍ଭେଲାନ୍ସ ପ୍ରଣାଳୀ ଆଇପି ଆଧାରିତ ହେବ। ଏଥିରେ ସିସିଟିଭି କ୍ୟାମେରାର ଏକ ନେଟୱାର୍କ ରହିବ। ସିସିଟିଭିଗୁଡ଼ିକ ଅପ୍ଟିକାଲ୍ ଫାଇବର କେବୁଲରେ ନେଟୱାର୍କ କରାଯାଉଛି ଏବଂ ସିସିଟିଭି କ୍ୟାମେରାର ଭିଡିଓ ଫିଡ୍ ସ୍ଥାନୀୟ ଆରପିଏଫ୍ ପୋଷ୍ଟ, ବିଭାଗୀୟ ଏବଂ ଜୋନାଲସ୍ତରରେ ଏକ କେନ୍ଦ୍ରୀଭୂତ ସିସିଟିଭି କଣ୍ଟ୍ରୋଲ ରୁମ୍‌ରେ ମଧ ପ୍ରଦର୍ଶିତ ହେବ। ରେଳ ପରିସରରେ ବର୍ଦ୍ଧିତ ସୁରକ୍ଷା ଓ ନିରାପତ୍ତା ସୁନିର୍ଶ୍ଚିତ କରିବା ଲାଗି ଷ୍ଟେସନ୍, ଭିଡିଓ ଫିଡର ସିସିଟିଭି କ୍ୟାମେରା ଦ୍ୱାରା ନଜର ରଖାଯାଇ ପାରିବ। ଏହି ପ୍ରଣାଳୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସକ୍ଷମ ଭିଡିଓ ଆନାଲିଟିକ୍ସ ସଫ୍ଟୱେର୍ ଓ ଫେସିଆଲ୍ ମାନ୍ୟତାପ୍ରାପ୍ତ ସଫ୍ଟୱେର୍ ସହ ଆସିଥାଏ। ଯାହା ଷ୍ଟେସନ୍ ପରିସରରେ ପ୍ରବେଶ କରିବା ସମୟରେ ଜଣାଶୁଣା ଅପରାଧୀଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ। କ୍ୟାମେରା, ସର୍ଭର, ୟୁପିଏସ୍ ଓ ସୁଇଚ୍ ଉପରେ ନଜର ରଖିବା ପାଇଁ ନେଟୱାର୍କ ମ୍ୟାନେଜମେଣ୍ଟ ସିଷ୍ଟମ (ଏନ୍‌ଏମ୍‌ଏସ୍) ପ୍ରଦାନ କରାଯାଇଛି। ରେଳ ପରିସରର ସର୍ବାଧିକ ବିସ୍ତୃତ ଅଞ୍ଚଳ ନିରୀକ୍ଷଣକୁ ନିର୍ଶ୍ଚିତ କରିବାକୁ ୪ପ୍ରକାରର ଆଇପି କ୍ୟାମେରା ଯଥା ଡୋମ୍, ବୁଲେଟ୍, ପ୍ୟାନ ଟିଲ୍ଟ ଜୁମ୍ ଓ ଅଲଟ୍ରା ଏଚ୍‌ଡି – ୪କେ ସ୍ଥାପନ କରାଯାଉଛି। ବର୍ଦ୍ଧିତ ସୁରକ୍ଷା ସୁନିର୍ଶ୍ଚିତ କରିବା ପାଇଁ ଏହା ଆରପିଏଫ୍ ଅଧିକାରୀଙ୍କୁ ଅତିରିକ୍ତ ସହାୟତା ପ୍ରଦାନ କରିବ। ସିସିଟିଭି କ୍ୟାମେରା ଦ୍ୱାରା ରେକର୍ଡିଂ କରାଯାଇଥିବା ଭିଡିଓ ଫିଡ୍ ୩୦ଦିନ ପାଇଁ ଗଚ୍ଛିତ ରହିବ।

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ରୋଲିଙ୍ଗ, ନିର୍ମାଣ, ନିରାପତ୍ତା, ସାଇବର ସୁରକ୍ଷା କିମ୍ବା ମାନବ ଜଡ଼ିତ ଥିବା ପରିସ୍ଥିତିରେ ରେଳପଥର ନୂତନ ଜ୍ଞାନକୌଶଳ ଶୀଘ୍ର ଗ୍ରହଣ କରାଯିବା ଆବଶ୍ୟକ। ରେଲଟେଲ ପରିଚାଳନା ନିର୍ଦ୍ଦେଶକ ଅରୁଣା ସିଂ କହିଛନ୍ତି ଯେ ଏହି ପ୍ରୋଜେକ୍ଟରେ ସବୁଠାରୁ ଆଧୁନିକ ସଫ୍ଟୱେର୍ ଓ ହାର୍ଡୱେର ବ୍ୟବହାର ହେବ।

# ଦୁର୍ନୀତିର ଗନ୍ତାଘର ସାଜିଛି ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ : ପ୍ରଦୀପ ପୁରୋହିତ୍

ଭୁବନେଶ୍ୱର,୭/୦୭ (ନି.ପ୍ର): ଶାସକ ବିଜେଡିର ପ୍ରତ୍ୟକ୍ଷ ହସ୍ତକ୍ଷେପ କାରଣରୁ ରାଜ୍ୟର ସମବାୟ ଆନ୍ଦୋଳନ ପ୍ରାୟତଃ ଧ୍ୱଂସ ହୋଇଯାଇଛି । ରାଜ୍ୟ ସରକାରଙ୍କ ପକ୍ଷପାତିତା ଏବଂ ତ୍ରୁଟିପୂର୍ଣ୍ଣ ନିଷ୍ପତି କାରଣରୁ ରାଜ୍ୟର ସମସ୍ତ ୧୭ଟି ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଂକ ଆଜି ଦୁର୍ନୀତିର ଗନ୍ତାଘର ସାଜିଛି । ଶାସକ ବିଜେଡିର ସୁରକ୍ଷା ବଳୟ ଭିତରେ ଥିବା ଅପରାଧୀମାନେ ଆଜି ବ୍ୟାଂକ ପରିଚାଳନା ଦାୟୀତ୍ୱରେ ଅଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଦେଖାଦେଇଛି ସୁନ୍ଦରଗଡ ଜିଲ୍ଲା ସମବାୟ ବ୍ୟାଂକ କ୍ଷେତ୍ରରେ । ବ୍ୟାଂକ ସିଇଓ ସୁରେଶ ଦାସଙ୍କ ନିଯୁକ୍ତି ପ୍ରଥମରୁ ବେଆଇନ ହୋଇଥିବା ସତ୍ତ୍ୱେ ତାଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିବାଦୀୟ ସିଇଓ ଶ୍ରୀ ଦାଶଙ୍କ ନିଯୁକ୍ତି ପରଠାରୁ ଚାଷୀମାନେ ଠିକଣା ସମୟରେ କୃଷି ଋଣ ନପାଇ ନାନାଦି ହଇରାଣର ଶିକାର ହୋଇଛନ୍ତି। ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ଆଧାରରେ ସୁନ୍ଦରଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଂକର ପୂର୍ବତନ ସଭାପତି ଭବାନୀ ଶଂକର ମାଝୀ ଏବଂ ସିଇଓ ସୁରେଶ ଦାଶଙ୍କ ବିରୋଧରେ ୪କୋଟି ୫୬ ଲକ୍ଷ ଟଙ୍କା ହଡପ୍ ଘଟଣା ଧରାପଡିଛି । ଏହି ଦୁର୍ନୀତିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବ୍ୟାଙ୍କ କର୍ମଚାରୀ ଓ ଅଡିଟ୍ ଅଧିକାରିଙ୍କୁ ଆକ୍ରୋଶମୂଳକ ଭାବେ ବଦଳି କରାଯାଇଛି। ବିଜେଡିର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଶ୍ରୀ ଦାଶ ଗତ କୃଷି ସେବା ସମବାୟ ସମିତିର ପ୍ରାଥମିକ ନିର୍ବାଚନରେ ଭାଗ ନେଇ ବୋର୍ଡ ଅଫ୍ ଡାଇରେକ୍ଟର ଭାବେ ନିର୍ବାଚିତ ମଧ ହୋଇଛନ୍ତି ବୋଲି ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି। ଏଭଳି ବେଆଇନ ନିଯୁକ୍ତି ଓ ଆର୍ଥିକ ଅନିୟମିତତାରେ ସଂପୃକ୍ତ ଥିବା ସିଇଓଙ୍କ ବିରୁଦ୍ଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ୨୦୧୯ ମସିହା ଡିସେମ୍ବର ମାସଠାରୁ ରାଜ୍ୟର ସମସ୍ତ ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଂକ ପରିଚାଳନା ଦାୟୀତ୍ୱରେ ଥିବା ସରକାରୀ ଅଧିକାରମାନଙ୍କ କାର୍ଯ୍ୟକାଳକୁ ମଧ ସ୍ୱତନ୍ତ୍ର ଅଡିଟ କରିବାକୁ ଶ୍ରୀ ପୁରୋହିତ୍ ଦାବୀ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀମତୀ କୁସୁମ ଟେଟେ, ଭବାନୀ ଭୋଇ, ଶଂକର ଓରାମ ଏବଂ ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ସହରାଞ୍ଚଳରେ ଶିକ୍ଷାରୁ ବଞ୍ଚିତ ପିଲାଙ୍କ ପାଇଁ ୧୨ ଜିଲ୍ଲାରେ ଆବାସିକ ଛାତ୍ରାବାସ



ଭୁବନେଶ୍ୱର,୭/୦୭ (ନି.ପ୍ର): ସହରାଞ୍ଚଳରେ ଶିକ୍ଷାରୁ ବଞ୍ଚିତ ପିଲାଙ୍କ ପାଇଁ ୧୨ଟି ଜିଲ୍ଲାରେ ଆବାସିକ ଛାତ୍ରାବାସ ଜରିଆରେ ପାଠପଢ଼ା ଚାଲୁଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ।

ବିଧାୟକ ସେ ?ମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଦାଶ କହିଛନ୍ତି, ବରଗଡ଼, କଟକ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରେ ଆବାସିକ ଛାତ୍ରାବାସ ଖୋଲା ଯାଇଛି। ଏହାସହ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା ଓ ବାଲେଶ୍ୱର ଜିଲ୍ଲାଗୁଡ଼ିକରେ ଋତୁକାଳୀନ ଆବାସିକ ଓ ଅଣ-ଆବାସିକ ଛାତ୍ରାବାସ ଖୋଲାଯାଇ ଦେଶାନ୍ତର ହେଉଥିବା ପିଲାଙ୍କୁ ଛାତ୍ରାବାସରେ ରଖାଯାଇ ଶିକ୍ଷା ଦିଆଯାଉଛି। ଫଳରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଏସବୁ ଜିଲ୍ଲାରେ କ୍ରମଶଃ ହ୍ରାସ ପାଉଛି। ସେହିପରି ମାଲକାନଗିରି ଜିଲ୍ଲାର କୋରକଣ୍ଡା ବ୍ଲକ୍ ଅଧୀନ ନୀଳାଦ୍ରିନଗର ପିୟୁପିଏସ୍, ପଡ଼ିଆ ବ୍ଲକର କଲଡ଼ାପାଲ ୟୁଜିଏଚ୍‌ଏସ୍‌ର ଏକ ୧୦୦ ସଂଖ୍ୟା ବିଶିଷ୍ଟ ଆବାସିକ ବିଦ୍ୟାଳୟ ଖୋଲାଯିବା ସହିତ ୬-୧୪ବର୍ଷ ପିଲାଙ୍କୁ ବିଦ୍ୟାଳୟରେ ଶିକ୍ଷା ଦିଆଯାଉଛି। କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ୍‌ର ନେରୀଡିଭାଲସା ପ୍ରାଥମିକ ବିଦ୍ୟାଳୟ ଓ ଦାସମନ୍ତପୁର ବ୍ଲକ୍‌ର ଗିରିଲିଗୁମା ୟୁଜିଏଚ୍‌ଏସ୍‌ରେ ୧୦୦ ସଂଖ୍ୟା ବିଶିଷ୍ଟ ଆବାସିକ ବିଦ୍ୟାଳୟ ଖୋଲାଯାଇଛି।

ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା, ପରିବହନ ଓ ରକ୍ଷଣ ଅନୁଗାମୀ ବ୍ୟବସ୍ଥା ଦିଆଯାଉଛି। ଯେଉଁ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀ ସଂଖ୍ୟା କମ୍ ଥାଇ ମିଶ୍ରଣ/ବନ୍ଦ ହୋଇଯାଏ, ସେହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୧.୫ କି.ମି ଦୂରତାଠାରୁ ଅଧିକ ନିକଟତମ ପ୍ରାଥମିକ ବିଦ୍ୟାଳୟ ଓ ୩.୫ କି.ମି ଦୂରତାଠାରୁ ଅଧିକ ନିକଟତମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନେ ଏହି ସୁବିଧା ପାଇବେ। ବର୍ଷାଋତୁରେ ଯେଉଁ ପିଲାମାନେ ନଦୀ/ଖାତ ଯୋଗୁଁ ବିଦ୍ୟାଳୟକୁ ଆସିପାରୁ ନ ଥିବେ ସେହି ପିଲାମାନେ ମଧ ଏହି ପରିବହନ ଓ ରକ୍ଷଣ ଅନୁଗାମୀ ବ୍ୟକ୍ତିର ସୁବିଧା ମିଳିବ। ଏହାସହ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ, ମାଗଣା ପୁସ୍ତକ ଓ ପୋଷାକ ପ୍ରଦାନ କରାଯାଉଥିବା ଶ୍ରୀ ଦାଶ ସୂଚନା ଦେଇଛନ୍ତି।

# ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ରୋଷେଇ ଘର ଉପରେ ଆକ୍ରମଣ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୭/୦୭ (ନି.ପ୍ର): ମହିଳା ସଶକ୍ତିକରଣ କଥା କହୁଥିବା ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାର ଦେଶବାସୀଙ୍କ ଉପରେ ଦିନକୁ ଦିନ ଦରଦାମ୍ ବୃଦ୍ଧିର ବୋଝ ଲଦି ଚାଲିଛନ୍ତି। ମୋଦି ସରକାର ଆଜି ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ୫୦ ଟଙ୍କା ବଢାଇଛନ୍ତି। ଫଳରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୧୦୨୯ ଟଙ୍କାରୁ ବୃଦ୍ଧି ପାଇ ଏହା ୧୦୭୯ଟଙ୍କାରେ ପହଂଚିଛି। ମୋଦି ସରକାରଙ୍କ ଏହା ସାଧାରଣ ଲୋକଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟିର ସଭାପତି ରବି ବେହେରା ଏକ ପ୍ରେସ୍ ବିବୃତିରେ କହିବା ସଙ୍ଗେ ସଙ୍ଗେ ତୁରନ୍ତ ଏହି ଗ୍ୟାସ୍ ଦର ବୃଦ୍ଧି ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି।

ଯେତେବେଳେ ଡ଼ାଲି, ତେଲ, ଅଟା, ଚିନି ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ୍ ବଢିଛି, ପେଟ୍ରୋଲ, ଡ଼ିଜେଲ ଲିଟର ପିଛା ୧୦୦ ଟଙ୍କା ଉପରେ ଅଛି ସେହି ସମୟରେ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧିରେ ଆହୁରି ସହାୟକ ହେବ। ତେଣୁ ସାଧାରଣ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ଆଖି ଆଗରେ ରଖି ମୋଦି ସରକାର ତୁରନ୍ତ ଏହି ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତ୍ୟାହାର କରିବାକୁ ସମାଜବାଦୀ ଓଡ଼ିଶା ରାଜ୍ୟ କମିଟି ଦାବି କରିଛି। ତା ନହେଲେ ଆଗାମୀ ଦିନରେ ସମାଜବାଦୀ ପାର୍ଟି ରାଜରାସ୍ତାକୁ ଓହ୍ଲାଇ ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ଉପରେ ଗଣଆନ୍ଦୋଳନ କରିବ ବୋଲି ଶ୍ରୀ ବେହେରା ସତର୍କ କରାଇ ଦେଇଛନ୍ତି।

# ଗୁହାରି କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୭/୦୭ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀ ଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି' ଉଦଯାପିତ ହୋଇଯାଇଛି। ପୁରୀର ଶ୍ରୀମନ୍ଦିର ମୁକ୍ତିର ମାର୍ଗ ପ୍ରଦର୍ଶକ । ଏ ମନ୍ଦିର ଏକ ଅପୂର୍ବ ରହସ୍ୟମୟ ମନ୍ଦିର। ଶ୍ରୀବତ୍ସ ଖଣ୍ଡଶାଳ ପ୍ରସ୍ତରରେ ଗଠିତ ମନ୍ଦିରର ଗର୍ଭଗୃହ, ମୁଖଶାଳା, ଭୋଗ ମଣ୍ଡପ, ନାଟ୍ୟ ମଣ୍ଡପ ତଥା ବିଜେ ମଣ୍ଡପ ଅନିନ୍ଦ୍ୟ ଓ ଅପରୂପ ସୌନ୍ଦର୍ଯ୍ୟର ପରିପାଟୀରେ ସର୍ବାଦୌ ଅନତିକ୍ରମଣୀୟ। ଚାରି ଦ୍ୱାର ହେଲେ ପୂର୍ବ-ସିଂହ (ଧର୍ମ), ପଶ୍ଚିମ-ବ୍ୟାଘ୍ର (କାମ), ଉତ୍ତରଦ୍ୱାର-ଅର୍ଥ (ହସ୍ତୀ), ଦକ୍ଷିଣଦ୍ୱାର-ଅଶ୍ୱ (ମୋକ୍ଷ) ଦ୍ୱାର ରୂପରେ ବିଶ୍ୱପ୍ରସିଦ୍ଧ।

ଉଦଯାପନୀ ସଂଧ୍ୟାର ପ୍ରଥମ କଣ୍ଠଶିଳ୍ପୀ ଥିଲେ ରବୀନ୍ଦ୍ର ନାଥ ମିଶ୍ର, ସେ ପରିବେଷଣ କରିଥିଲେ ନାଉରିଆ କରି ଦେ ପାରି ଓ ବଡ଼ ଦାଣ୍ଡ ଧୂଳି ଉଡ଼େଇ ଉଡ଼େଇ ନନ୍ଦିଘୋଷ ଗଡ଼ିଯାରେ । ପରେ ପରେ ଆଦ୍ୟାଶା ଦାସଙ୍କ ଦ୍ୱାରା କଳା କଳା ଚକା ଡ଼ୋଳା ଘନ କଳା ବଦନ ଓ ଆକାଶ ଦିଶେ କି ସୁନ୍ଦର ପରିବେସିତ ହୋଇଥିଲା । ପରବର୍ତ୍ତୀ ଗାୟକ ଥିଲେ ସୁକାନ୍ତ କୁମାର କୁଣ୍ଡୁ, ସେ ପରିବେଷଣ କରିଥିଲେ ଜୀବନର ବନ୍ଧୁ ଜାଣିଛି ତୁମ କଥା ଏତିକି ଓ ନୀଳାଚଳେ ଲାଗିଛି ଲୀଳା । କଣ୍ଠଶିଳ୍ପୀ ଆଶା ମୁକୁଳ ବାରିକ ଦିନବନ୍ଧୁ ମୋ ଦୁଃଖ ନଗଲା ଯେ ଓ ଜଗବନ୍ଧୁ ହେ ଗୋସାଇଁ ଗାୟନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ପରେ ପରେ ସୁଧାକର ମିଶ୍ର ଗାୟନ କରିଥିଲେ ଅଧା ଗଢା ଦିଅଁଙ୍କର ଦେଖ ଚକା ଆଖିକି ଓ ଶ୍ରୀ ମନ୍ଦିର ଥରେ ଯିଏ ଯାଇନି । ତାଙ୍କ ପରେ ବସନ୍ତ ପାତ୍ର ପିଣ୍ଡରେ ମୋର ଥିବାଯାଏ ପ୍ରାଣ, ତୁଣ୍ଡ ଗାଉଥିବ ପ୍ରଭୁ ନାରାୟଣ ଓ ନନ୍ଦିଘୋଷ ତୋର ଅଟକି ଗଲା ଗାୟନ କରିଥିଲେ। ଶେଷରେ ଅନ୍ତରା ଚକ୍ରବର୍ତୀ ଜଗନ୍ନାଥଙ୍କ ଉପରେ ସଙ୍ଗୀତ ପରିବେଷଣ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ସେମାନଙ୍କୁ ତବଲାରେ ଦୁଷ୍ମନ୍ତ କୁମାର ପରିଡ଼ା, ଢୋଲକରେ ଅବନୀକାନ୍ତ ଦାସ, ବଂଶୀରେ ଜବାହାର ମିଶ୍ର, ଅକଟୋପ୍ୟାଡ଼ରେ ପ୍ରିୟ ରଞ୍ଜନ ମହାନ୍ତି, କିବୋର୍ଡ଼ରେ ନରେନ୍ଦ୍ର କୁମାର ମହାପାତ୍ର ଏବଂ ଗିଟାରରେ ଭବତୋଷ ମହାନ୍ତି ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବଟିକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସମ୍ପାଦକ ଗୁରୁ ଅରୁଣା ମହାନ୍ତି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମାନସ୍ୱିନୀ ସାହୁ । ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ହେଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ; ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ ରଥ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ । କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡ଼. ମୃତ୍ୟୁଞ୍ଜୟ ରଥ ।

# ଦିନକରେ ରାଜ୍ୟରେ ୪୨୮ କରୋନା ସଂକ୍ରମିତ ଚିହ୍ନଟ : ୫୬ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୭/୦୭ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଆଜି ପୁଣି ବଢ଼ିଛି। ଗତ ୧୦ଦିନ ହେଲା ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନି ଅଙ୍କରୁ ତଳକୁ ଖସୁନଥିବା ବେଳେ ଗୁରୁବାର ଦିନ ୪୨୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତକାଲି ୪୦୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ମାତ୍ର ୪୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୫୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୭୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୫୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୩ଟି ଜିଲ୍ଲାରୁ ୪୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୭ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୮୩ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨୨ ଜଣ, ବରଗଡ଼ରୁ ୪ ଜଣ, ଭଦ୍ରକରୁ ୫ ଜଣ, କଟକରୁ ୮୮ ଜଣ, ଦେବଗଡ଼ରୁ ୧ ଜଣ, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୬ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୪ ଜଣ, କଳାହାଣ୍ଡିରୁ ୧ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧୮୩, କୋରାପୁଟ ଜିଲ୍ଲାରୁ ୧ ଜଣ, ମାଲକାନଗିରି ଜିଲ୍ଲାରୁ ୨ ଜଣ, ମୟୂରଭଞ୍ଜରୁ ୮ ଜଣ, ନୟାଗଡ଼ ଜିଲ୍ଲାରୁ ୪ ଜଣ, ନୂଆପଡ଼ାରୁ ୩ ଜଣ, ପୁରୀରୁ ୧୧ ଜଣ, ରାୟଗଡ଼ାରୁ ୨ ଜଣ, ସମ୍ବଲପୁରରୁ ୯ ଜଣ, ସୋନପୁରରୁ ୨ ଜଣ, ସୁନ୍ଦରଗଡ଼ରୁ ୨୦ ଜଣ ଓ ଷ୍ଟେଟପୁଲରୁ ୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୯୧, ୯୪୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୮୦, ୫୩୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨୨୩୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ସେଲ୍‌ଫ ଫାଇନାନ୍ସିଂ କୋର୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ କ୍ୟାମ୍ପସ ନିଯୁକ୍ତି

ଭୁବନେଶ୍ୱର ,୭/୦୭ (ନି.ପ୍ର): ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସେଲ୍‌ଫ ଫାଇନାନ୍ସିଂ କୋର୍ସରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ନିଯୁକ୍ତି ପାଇଛି। ୨୦ଟି କମ୍ପାନି/ସଂସ୍ଥା ଜରିଆରେ ୫ଶହ ଜଣ କ୍ୟାମ୍ପସ୍ ନିଯୁକ୍ତି ପାଇଥିବା ବିଧାନସଭାରେ ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ। ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପୂଜାରୀ କହିଛନ୍ତି ଯେ ରମାଦେବୀ ବିଶ୍ୱବିଦ୍ୟାଳୟରୁ ୮ଜଣ, ଜିଏମ୍ ବିଶ୍ୱବିଦ୍ୟାଳୟରୁ ୬୦-୧୦୦, ରେଭେନାନ୍ସ ବିଶ୍ୱବିଦ୍ୟାଳୟରୁ ୪ଶହ, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରୁ ୯, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୫୩, ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରୁ ୨ଜଣ କ୍ୟାମ୍ପସ୍ ନିଯୁକ୍ତି ପାଇଛନ୍ତି। ତେବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୭୦ ପ୍ରତିଶତ ଓ ଖଲିକୋଟ ବିଶ୍ୱବିଦ୍ୟାଳୟରୁ ୪୦ ପ୍ରତିଶତ ନିଯୁକ୍ତି ପାଇଛନ୍ତି। ଏମ୍‌ଏସ୍ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ କ୍ୟାମ୍ପସ୍ ନିଯୁକ୍ତି ସଂପର୍କରେ କୌଣସି ସୂଚନା ଦିଆଯାଇନାହିଁ।

ସେହିପରି ବିଧାୟକ ଶ୍ରୀ ପଟ୍ଟନାୟକଙ୍କର ଆଉ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଗତ ଏପ୍ରିଲ ୧୭ତାରିଖରେ ବିଶ୍ୱବିଦ୍ୟାଳୟ କୁଳାଧିପତି ସେଲ୍‌ଫ ଫାଇନାନ୍ସିଂ କୋର୍ସ ନେଇ ୪ଟି ନିର୍ଦ୍ଦେଶାବଳୀ ପ୍ରଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ଚାଲୁଥିବା ସେ୍‌ଲଫ ଫାଇନାନ୍ସିଂ କୋର୍ସ କାର୍ଯ୍ୟକ୍ରମ ଅଧୀନ ସମୁଦାୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା, ସଂପୃକ୍ତ ବିଶ୍ୱବିଦ୍ୟାଳୟର ନିୟମିତ କୋର୍ସର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୦ ପ୍ରତିଶତରୁ ଅଧିକ ହେବନାହିଁ। ଯଦି କୌଣସି ବିଶ୍ୱବିଦ୍ୟାଳୟର ସେଲ୍‌ଫ ଫାଇନାନ୍ସିଂରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୦ ପ୍ରତିଶତରୁ ଅଧିକ ଥାଏ ତାହାଲେ ୨୦୨୨/୨୩ ଶିକ୍ଷାବର୍ଷରୁ ନିର୍ଦ୍ଧାରିତ ସୀମା ଭିତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସୀମିତ ରଖାଯିବ। ନୂଆ ସେଲ୍‌ଫ ଫାଇନାନ୍ସିଂ କୋର୍ସଗୁଡ଼ିକ ଡାଇରେକ୍ଟ ମୋଡ ମାଧ୍ୟମରେ ଚାଲିବ, ପିପିପି ମୋଡରେ ନୂଆ ସେଲ୍‌ଫ ଫାଇନାନ୍ସିଂ କୋର୍ସ ଚାଲିବ ନାହିଁ। ସେଲ୍‌ଫ ଫାଇନାନ୍ସିଂରେ ନାମ ଲେଖାଇବା ପାଇଁ ଓପନ୍ ଏଣ୍ଡ ମେରିଟ୍ ବେସ୍‌ଡ ଚୟନ ପଦ୍ଧତି ଅବଲମ୍ବନ କରାଯିବ ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

# ରଥଯାତ୍ରା ଅବଧି ମଧ୍ୟରେ ସନ୍ଧ୍ୟା ଦର୍ଶନ, ବାହୁଡା ଏବଂ ସୁନା ବେଶ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା

ଭୁବନେଶ୍ୱର,୭/୦୭ (ନି.ପ୍ର): ତୀର୍ଥଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ପାଇଁ ରେଳ ମନ୍ତ୍ରଣାଳୟ ରଥ ଯାତ୍ରା ସମୟରେ ପୁରୀକୁ ଏବଂ ପୁରୀ ଠାରୁ ୨୦୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରିଛି । ଗୁଣ୍ଡିଚା ଯାତ୍ରା ଶେଷ ହୋଇସାରିଥିବାରୁ ସାନ୍ଧ୍ୟା ଦର୍ଶନ, ବାହୁଡା ଯାତ୍ରା ଏବଂ ସୁନା ବେଶ ପାଇଁ ମଧ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଅଧିକ ଭକ୍ତଙ୍କୁ ଦୃଷ୍ଟିରେ ରଖି ରେଳବାଇ ମଧ ସୁନା ବେଶ ପରଦିନ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ମଧ ଯୋଜନା କରିଛି। ରଥଯାତ୍ରା ଅବଧି ସମୟରେ ଭୁବନେଶ୍ୱର ଓ ପୁରୀ ମଧ୍ୟରେ ଦୈନିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ସେହିଭଳି, ତୀର୍ଥଯାତ୍ରୀ ମାନଙ୍କ ସୁବିଧା ପାଇଁ ତିନି ଯୋଡା ଦୈନିକ ବିଶେଷ ଟ୍ରେନ ଖୋର୍ଦ୍ଧା ରୋଡ଼ ଓ ପୁରୀ ମଧ୍ୟରେ ଏବଂ ଦୁଇ ଯୋଡ଼ା ମହୀପୁର ଓ ପୁରୀ ମଧ୍ୟରେ ୨ ଜୁଲାଇରୁ ୭ ଜୁଲାଇ ପର୍ଯ୍ୟନ୍ତ ଚଳାଚଳ କରୁଛି ।

ସନ୍ଧ୍ୟା ଦର୍ଶନ ଦିନ ଅର୍ଥାତ ୮ ଜୁଲାଇ ରେ ୭ ଯୋଡି ସ୍ପେଶାଲ ଟ୍ରେନ (ମହିପୁରରୁ ୩ ଯୋଡି ଏବଂ ଖୋର୍ଦ୍ଧା ରୋଡରୁ ୪ ଯୋଡି) ପୁରୀ ଏବଂ ଖୋର୍ଦ୍ଧା ରୋଡ଼/ମହୀପୁର ମଧ୍ୟରେ ଚଳାଚଳ କରିବ। ଏହା ବ୍ୟତୀତ, ୦୮୯୩୩/୦୮୯୩୪ ବିଶାଖାପାଟନମ୍-ପୁରୀ-ବିଶାଖାପାଟନମ୍ ସ୍ପେଶାଲ୍ ବିଶାଖାପାଟନମ୍ ଠାରୁ୦୮ ତାରିଖ ୨ ଅପରାହ୍ନ ୨ଘ.୩୦ମି.ରେ ଛାଡି ପୁରୀ ଆଡକୁ ଯିବ । ଫେରିବା ମାର୍ଗରେ, ଏହି ଟ୍ରେନ୍ ପୁରୀଠାରୁ ୯ ତାରିଖ ରାତ୍ରି ୮ଘ.୨୫ମି.ରେ ଛାଡି ବିଶାଖାପାଟନମ୍ ଅଭିମୁଖେ ଯାତ୍ରା କରିବ। ୦୮୯୩୭/୦୮୯୩୮ ଜୁନାଗଡ ରୋଡ୍-ପୁରୀ-ଜୁନାଗଡ ରୋଡ୍ ସ୍ପେଶାଲ୍ ଜୁନାଗଡ ରୋଡ଼ ଠାରୁ ୮ ତାରିଖ ପୂର୍ବାହ୍ନ ୧୧ଘଟିକାରେ ଛାଡି ପୁରୀ ଯିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ପୁରୀ ଠାରୁ ୯ ତାରିଖ ସନ୍ଧ୍ୟା ୭ଘଟିକାରେ ଛାଡି ଜୁନାଗଡ ରୋଡ୍ ଯାତ୍ରା କରିବ। ୦୮୯୪୫/୦୮୯୪୬ ସମ୍ବଲପୁର-ପୁରୀ- ସମ୍ବଲପୁର ସ୍ପେଶାଲ ସମ୍ବଲପୁର ଠାରୁ ୮ ତାରିଖ ରାତ୍ରି ୯ଘ.୩୦ମିରେ ଛାଡି ପୁରୀ ଯିବ। ଫେରିବା ମାର୍ଗରେ ଏହା ୯ ତାରିଖ ରାତ୍ରି ୧୧ଘ.୧୫ମିରେ ପୁରୀ ଠାରୁ ଛାଡି ସମ୍ବଲପୁର ଅଭିମୁଖେ ଯାତ୍ରା କରିବ। ୦୮୯୪୧/୦୮୯୪୨ ଗୁଣୁପୁର-ପୁରୀ-ଗୁଣୁପୁର ସ୍ପେଶାଲ୍ ଗୁଣୁପୁର ଠାରୁ ୯ ତାରିଖ ଭୋର ୩ଘ.୧୫ମିରେ ଛାଡି ପୁରୀ ଆଡକୁ ଯିବ। ଫେରିବା ମାର୍ଗରେ ଏହା ପୁରୀକୁଠାରୁ ୯ ତାରିଖ ରାତ୍ରି ୮ଘ.୪୦ମି.ରେ ଛାଡି ଗୁଣୁପୁର ଅଭିମୁଖେ ଯାତ୍ରା କରିବ । ବାହୁଡା ଯାତ୍ରା ତଥା ୯ ଜୁଲାଇରେ ପାରାଦୀପ, ମହିପୁର, କଟକ, ବ୍ରହ୍ମପୁର, ଭଦ୍ରକ, ଖୋର୍ଦ୍ଧା ରୋଡ୍, କେନ୍ଦୁଝରଗଡ଼ ଠାରୁ ୧୦ ଯୋଡି ସ୍ୱତନ୍ତ୍ର ଟ୍ରେନ୍ ପୁରୀ ଯାତ୍ରା କରି ପୁଣି ଫେରିବ। ସୁନାବେଶ ଦିବସରେ, ୧୦ ଜୁଲାଇ ରେ ପାରାଦୀପ, ମହିପୁର, କଟକ, ବ୍ରହ୍ମପୁର, ଭଦ୍ରକ, ଖୋର୍ଦ୍ଧା ରୋଡ୍, କେନ୍ଦୁଝରଗଡ଼ ଠାରୁ ୧୧ ଯୋଡି ସ୍ୱତନ୍ତ୍ର ଟ୍ରେନ୍ ପୁରୀ ଯାତ୍ରା କରି ପୁଣି ଫେରିବ।

୦୮୯୭୧/୦୮୯୭୨ ଜୁନାଗଡ ରୋଡ୍-ପୁରୀ-ଜୁନାଗଡ ରୋଡ୍ ସ୍ପେସିଆଲ୍ ୧୦ତାରିଖରେ ଜୁନାଗଡ ରୋଡ୍ ଠାରୁ ଭୋର ୫ଘ.୩୦ମି.ରେ ଛାଡି ପୁରୀ ଯାତ୍ରା କରିବ। ଫେରିବ ମାର୍ଗରେ ଏହା ୧୧ ତାରିଖ ପୁରୀ ଠାରୁ ୦୦୧୫ ଘଣ୍ଟା ରେ (୧୦ ତାରିଖ ମଧରାତ୍ରି) ଜୁନାଗଡ ରୋଡ୍ ଅଭିମୁଖେ ଯାତ୍ରା କରିବ । ୦୮୯୫୭/୦୮୯୫୮ ଗୁଣୁପୁର-ପୁରୀ-ଗୁଣୁପୁର ସ୍ପେଶାଲ ୧୦ ତାରିଖ ଭୋର ୦୪ଘ.୩୦ମି.ରେ ଗୁଣୁପୁର ଠାରୁ ଛାଡି ପୁରୀ ଆଡକୁ ଯିବ । ଫେରିବ ମାର୍ଗରେ ଏହି ଟ୍ରେନ୍ ପୁରୀ ଠାରୁ ୧୦ ତାରିଖ ରାତ୍ରି ୮ଘଟିକାରେ ଛାଡି ଗୁଣୁପୁର ଅଭିମୁଖେ ଯାତ୍ରା କରିବ । ୦୮୯୭୯/୦୮୯୮୦ ସମ୍ବଲପୁର-ପୁରୀ- ସମ୍ବଲପୁର ସ୍ପେଶାଲ ସମ୍ବଲପୁର ଠାରୁ ୧୦ ତାରିଖ ସକାଳ ୮ ଘଟିକାରେ ଛାଡି ପୁରୀ ଯାତ୍ରା କରିବ। ଫେରିବ ମାର୍ଗରେ ଏହି ଟ୍ରେନ ପୁରୀ ଠାରୁ ୧୧ ତାରିଖ ରାତ୍ରି ୨ଘଟିକାରେ (୧୦ ତାରିଖ ମଧ ରାତ୍ରି) ରେ ସମ୍ବଲପୁର ଅଭିମୁଖେ ଯାତ୍ରା କରିବ। ୦୮୯୭୫/୦୮୯୭୬ ବିଶାଖାପାଟନମ୍-ପୁରୀ-ବିଶାଖାପାଟନମ୍ ସ୍ପେଶାଲ୍ ବିଶାଖାପାଟନମ୍ ଠାରୁ ୧୦ତାରିଖ ସକାଳ ୬ଘ.୩୦ମି.ରେ ଛାଡି ପୁରୀ ଅଭିମୁଖେ ଯାତ୍ରା କରିବ। ଫେରିବ ଦିଗରେ ଏହି ଟ୍ରେନ୍ ପୁରୀ ଠାରୁ ୧୧ ତାରିଖ ରାତ୍ରି ୧ଘଟିକାରେ (୧୦ତାରିଖ ମଧ ରାତ୍ରି) ଛାଡି ବିଶାଖାପାଟନମ୍ ଅଭିମୁଖେ ଯାତ୍ରା କରିବ। ସୁନାବେଶ ପରଦିନ ଅର୍ଥାତ ୧୧ ଜୁଲାଇ ରେ ୬ ଟି ସ୍ୱତନ୍ତ୍ର ଟ୍ରେନ୍ ପୁରୀରୁ ଗୁଣୁପୁର, ରାୟାଗଡା, ଭଦ୍ରକ, ବିଶାଖାପାଟନମ୍, କେନ୍ଦୁଝରଗଡ ଏବଂ ମହିପୁର ଅଭିମୁଖେ ଯାତ୍ରା କରିବ ଏବଂ ଏକ ସ୍ୱତନ୍ତ୍ର ଟ୍ରେନ୍ କେନ୍ଦୁଝରଗଡରୁ ପୁରୀ ପର୍ଯ୍ୟନ୍ତ ଚାଲିବ ।

# ୩୮୧.୯୬୦ କି.ଗ୍ରା. ଗଂଜେଇ ସହ ୩ କାର ଜବଦ: ୪ଗିରଫ



ବାରିପଦା, ୦୭/୦୭ (ନି.ପ୍ର): ଦିନକୁ ଦିନ ଚୋରା ନିଶା କାରବାର ବଢିଚାଲିଥିବା ବେଳେ, ବାରମ୍ବାର ଚଢାଉ ଓ ଗିରଫ ପରେମଧ୍ୟ ଚୋରା ନିଶା କାରବାର ଉପରେ ରୋକ ଲାଗି ପାରୁନାହିଁ । ମୟୁରଭଂଜରେ ଅବକାରୀ ବିଭାଗର ସ୍ଥାଣୁତା ପାଇଁ ନିୟନ୍ତ୍ରଣରେ ରହୁନାହିଁ ଗଂଜେଇ ଚୋରାଚାଲାଣ । ମୟୂରଭଂଜ ଜିଲ୍ଲା ଏକ ସୀମାନ୍ତବର୍ତୀ ଜିଲ୍ଲା ହୋଇଥିବାରୁ କେବେ ଯାତ୍ରିବାହୀ ବସରୁ ତ କେବେ ରାଜ୍ୟ ବାହାରର ଗାଡିରୁ ନିୟମିତ ବ୍ୟବଧାନରେ ପୋଲିସ ଚଢାଉରେ ଧରାପଡୁଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଂଜେଇ । ତେବେ ଆଜି ମୟୂରଭଂଜ ପୋଲିସ କୁ ମିଳିଛି ଏକ ବଡ ସଫଳତା । ସୋମବାର ରାତିରେ ବାରିପଦା ପୋଲିସ ବିଶ୍ୱସ୍ତ ସୂତ୍ରରୁ ୩ଟି ବାହାର ରାଜ୍ୟ କାରରେ ବହୁ ପରିମାଣର ଗଂଜେଇ ଚାଲାଣ ହେଉଥିବା ଖବର ପାଇ ବାରିପଦା ପାଲବଣି ନିକଟରେ ପୋଲିସ ନିର୍ଦ୍ଦିଷ୍ଟ ଗାଡି ଗୁଡିକ ଉପରେ ଚଢାଉ କରିଥିଲା । ଚଢାଉବେଳେ ଗୋଟିଏ ଗାଡି କୌଶଳ କ୍ରମେ ଖସିଯିବାକୁ ଚେଷ୍ଟାକରି ଖସିପଳାଇବାକୁ ଚେଷ୍ଟାକରି ଦୀର୍ଘପଥ ଗଲାପରେ ବାଙ୍ଗିରିପୋଷୀ ଥାନା ଜଗନ୍ନାଥଖୁଂଟା ଠାରେ ଗାଡି ଛାଡି ଗାଡିରେ ଥିବା ବ୍ୟକ୍ତିମାନେ ଫେରାର ହେବାରେ ସଫଳ ହୋଇଛନ୍ତି । ତେବେ ଅନ୍ୟ ଦୁଇଟି ଗାଡିରେ ଥିବା ୪ଜଣଙ୍କୁ ପୋଲିସ ଗିରଫ କରିବା ସହ ମୋଟ ୩ଟି ଗାଡି ଏବଂ ତାଭିତରେ ଥିବା ୩୮୧.୯୬୦ କି.ଗ୍ରା. ଗଂଜେଇ ମଧ୍ୟ ଜବଦ କରିଛି ପୋଲିସ । ଏବାବଦରେ ଆଜି ଅପରାହ୍ନରେ ମୟୁରଭଂଜ ଏସପି ଲକ୍ଷ୍ମୀପୋଷୀ ଆଉଟପୋଷ୍ଟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ୩ଟି ଗାଡିରେ ଜାଲି ନମ୍ବର ପ୍ଲେଟ୍ ଲଗାଇ ୩୮୧.୯୬୦ କି.ଗ୍ରା. ଗଂଜେଇ ଓଡିଶା-ଆନ୍ଧ୍ର ସୀମାବର୍ତୀ ଅଂଚଳରୁ କ୍ରୟ କରି ଝାଡଖଣ୍ଡର ଘାଟିଲା ଅଂଚଳକୁ ଚାଲାଣ ହେଉଥିବା ବେଳେ, ବାରିପଦା ପୋଲିସ ଖବର ପାଇ ଗାଡି ୩ଟିକୁ ଅଟକାଇବା ବେଳେ ଗଂଜେଇ ଚୋରଙ୍କ ସହିତ ମୁହାଁମୁହିଁ ହୋଇଥିଲା । ଗାଡି ୩ଟି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସକୁ ପଥର ଫିଙ୍ଗି ସେମାନଙ୍କୁ ଅଟକାଇବାକୁ ପଡିଥିଲା । ୨ଟି ଗାଡି ବାରିପଦାରେ ଧରା ହୋଇଥିବା ବେଳେ ଗୋଟିଏ ଗାଡି କୁ ପିଛାକରି ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜଗନ୍ନାଥଖୁଣ୍ଟା ନିକଟରେ ଧରିଥିଲା ପୋଲିସ । ଏହି ଘଟଣାରେ ପୋଲିସ ୪ଜଣ ଚୋରା ଚାଲାଣକାରୀ ଙ୍କୁ ଗିରଫ କରିଛି । ଏହି ଗ୍ୟାଙ୍ଗରେ ମୟୁରଭଂଜର କେହି ସାମିଲ ନଥିବା ଜଣାଯାଇଛି । କେବଳ ମୟୁରଭଂଜ ବାଟ ଦେଇ ଏହା ଚାଲାଣ କରାଯାଉଥିଲା ବୋଲି ସୂଚନା ଦେଇଛି ପୋଲିସ । ତେବେ ଏହି ରାକେଟର ଚେର କେତେଦୂର ଲମ୍ବିଛି ତାହା ଅଧିକ ତଦନ୍ତ କଲେ ଜଣା ପଡିବ ବୋଲି କହିଛନ୍ତି ମୟୁରଭଂଜ ଏସ.ପି. ରିଷିକେଶ ଡି ଖିଲାରୀ । ସୂଚନା ମୁତାବକ ପୋଲିସ ଏହି ଚଢାଉରେ ଗୋଟିଏ କିଆ ସେଲଟ୍ୋସ ଗାଡି ନଂ- ଜେ.ଏଚ. ୦୫ଡି.ଏ. ୨୧୪୬, ଗୋଟିଏ ମାରୁତି ସୁଜୁକି ଗାଡି ନଂ ଜେ.ଏଚ. ୦୧ ସି.ଏମ. ୩୬୭୬, ଗୋଟିଏ ହୁଣ୍ଡାଇ ଆଇ୨୦ ଗାଡି ନଂ- ଜେ.ଏଚ. ୦୫ ସି.ଏଲ.୯୩୪୯ ସହ ୪ଟି ମୋବାଇଲ୍ ଫୋନ, ୪ଟି ନକଲି ନମ୍ବର ପ୍ଲେଟ ଆଦି ଜବଦ କରିଛି । ଜବଦ ଗଂଜେଇର ଆନୁମାନିକ ମୂଲ୍ୟ ୩୮ଲକ୍ଷ୨୦ ହଜାର, କିଆଗାଡିର ମୂଲ୍ୟ ୧୭ ଲକ୍ଷ, ମାରୁତି ସୁଜୁକି ଗାଡିର ମୂଲ୍ୟ ୯ଲକ୍ଷ, ହୁଣ୍ଡାଇ ଗାଡିର ମୂଲ୍ୟ ୮ଲକ୍ଷ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ୧୦ହଜାର କୁ ମିଶାଇ ମୋଟ ୭୨ଲକ୍ଷ୩୦ ହଜାର ଟଙ୍କାର ଜିନିଷ ପୋଲିସ ଜବଦ କରିବା ସହ ଏବାବଦରେ ବାରିପଦା ଟାଉନ ଥାନାରେ କେସନଂ- ୫୪୬/୨୨ ମୂଳେ ଏକ ମାମଲାରୁଜୁ କରାଯାଇ ୪ଜଣକୁ ଗିରଫ କରିଥିବା ଜଣାଯାଇଛି ।

# ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୦୭/୦୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର କୃତି ଶିକ୍ଷାର୍ଥୀ ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସଦ୍ୟ ପ୍ରକାଶିତ ହାଇସ୍କୁଲ ପରୀକ୍ଷାରେ ବିଦ୍ୟାଳୟରେ ଶତପ୍ରତିଶତ ଶିକ୍ଷାର୍ଥୀ ପାସ୍ କରିଥିବାରୁ ଅଭିଭାବକ ମହଲରେ ଖୁସିର ଲହରି ଖେଳି ଯାଇଛି । ମୋଟ ୩୪ଜଣ ଶିକ୍ଷାର୍ଥ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ଏ-୧ରେ ୩ଜଣ , ଏ-୨ରେ ୧୬ଜଣ, ବି-୧ରେ ୧୧ଜଣ, ବି-୩ରେ ୦୨ ଓ ସିରେ ୧ଜଣ ପାସ୍ କରିଛନ୍ତି । ଶିକ୍ଷାର୍ଥୀ ମାନଙ୍କ ସଫଳତା ନେଇ ଶିକ୍ଷକ, ଶିକ୍ଷାକର୍ମଚାରୀ, ପରିଚାଳନା କମିଟି ଖୁସିବ୍ୟକ୍ତ କରିଥିବା ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତି ଶିକ୍ଷାର୍ଥୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ଗଣତନ୍ତ୍ରର ମନ୍ଦିରରେ ଶୁଭିଲାଣି ଏକଛତ୍ରବାଦର ପଦଧ୍ୱନି : ସୁରେନ୍ଦ୍ର ମୁର୍ମୁ



ଉଦଳା, ୦୭/୦୭ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଜେ.ଏସ୍.ଜାମଡ଼ିହା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବର୍ତ୍ତମାନ ଗଣତନ୍ତ୍ର ଶାସନ ଚାଲୁ ନାହିଁ । ଏକଥା କହିଛନ୍ତି ଉକ୍ତ ଗ୍ରାମପଞ୍ଚାୟତର ୱାର୍ଡ଼ ନଂ-୧ (ଇଟାଗଡ଼)ର ନିର୍ବାଚିତ ୱାର୍ଡ଼ ମେମ୍ବର ସୁରେନ୍ଦ୍ର ମୁର୍ମୁ । ସେ ଜଣାଇଛନ୍ତି ଯେ ପଞ୍ଚାୟତ ନିର୍ବାଚନ ସରିବାର ଦିର୍ଘ ୭ ମାସ ସମୟ ଅତିକ୍ରାନ୍ତ ହୋଇଗଲାଣି । ଅଥଚ ଏ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାଚିତ ୱାର୍ଡ଼ ମେମ୍ବର ମାନଙ୍କୁ ନେଇ ଥରଟିଏବି ବୈଠକ ବସି ନାହିଁ । ଲୋକଙ୍କ ବିଭିନ୍ନ ସମସ୍ୟା ଜାହାକି ବୈଠକରେ ୱାର୍ଡ଼ ମେମ୍ବର ମାନେ ବ୍ୟକ୍ତ କରିଥାନ୍ତେ ତାହା ହୋଇ ପାରୁ ନାହିଁ । ଏଠାରେ ସରପଞ୍ଚ ନିଜେ ତାଙ୍କର ମନମୁଖୀ ଶାସନ ଚଳାଇଛନ୍ତି ବୋଲି ଅଭିଯୋଗ କରିବା ସହିତ ଏହାକୁ ସେ ଏକଛତ୍ର ବାଦ ଶାସନର ପଦଧ୍ୱନି ବୋଲି କହିଛନ୍ତି । ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଭଳି ଗଣତନ୍ତ୍ରର ମନ୍ଦିରରେ ଏକଛତ୍ରବାଦର ଠାଣି ଖୁବ ଦୁଃଖ ଦାୟକ ବୋଲି ବହୁଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

## 'ବନ-ମହୋତ୍ସବ' ପାଳିତ କଲେ ଡ୍ରିମସ୍ ଆଇଡିଆଲ ସ୍କୁଲ




ବାଲେଶ୍ୱର, ୦୭/୦୭ (ନି.ପ୍ର): ଡ୍ରିମସ୍ ଆଇଡିଆଲ ସ୍କୁଲ ତରଫରୁ 'ବନ-ମହୋତ୍ସବ' ଅବସରରେ ଜିଲ୍ଲାପାଳଙ୍କକାର୍ଯ୍ୟାଳୟ ପରିସରରେ ଅତିଥିମାନେ ବିଦ୍ୟାପୀଠର ଛାତ୍ର-ଛାତ୍ରୀ, କର୍ମଚାରୀଙ୍କ ସହ ମିଶି ଚାରା ଗଛରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ମୁଖ୍ୟ ଅତିଥିରୂପେ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସହଦେବଖୁଣ୍ଟା ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରେଣୁବାଳା ଦାସ, ରଶ୍ମି ଦାସ, C.R.C.C ସୁରମା ନନ୍ଦ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଗଗନ ସାହୁ,ବିଦ୍ୟାପୀଠର ସମ୍ପାଦକ ଭାବଗ୍ରାହୀ ମହାନ୍ତି ତଥା ସାମ୍ବାଦିକ ସଂଘର ସଭ୍ୟମାନେ ଉପସ୍ଥିତ ରହି ପ୍ରତ୍ୟେକ ଗୋଟିଏ ଗୋଟିଏ ଚାରାଗଛ ଲଗାଇଥିଲେ। ଛାତ୍ର-ଛାତ୍ରୀ, କର୍ମଚାରୀ ମଧ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉପସ୍ଥିତ ଅତିଥିମାନେ ବୃକ୍ଷ ମହାତ୍ମ୍ୟ ତଥା ଗଛ ଲଗାଇବାକୁ ନେଇ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ ଏବଂ ବିଦ୍ୟାପୀଠର ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ମହୋତ୍ସବରେ ସ୍ମୃତିରେଖା ଦାସ, ରେହାନା ବେଗମ୍, ସତ୍ୟଭାମା ପ୍ରଧାନ, ଦୀପାଞ୍ଜଳି ଦାସ, ସ୍ମିତିସୁଧା ଦାସ, ଆରତୀବାଳା ଦାସ, ଶାନ୍ତିଲତା ଖଟୁଆ, ଦେବୀଶ୍ରୀ ଗିରି, ଅନିତା ଦାସ, ରଶ୍ମିରେଖା ଦାସ, ଦ୍ୟୁତି କୃଷ୍ଣ ମହାନ୍ତି,ଭଗବାନ ବେହେରା, ରୁନି ସିଂ ପ୍ରମୁଖ କର୍ମଚାରୀ କାର୍ଯ୍ୟରେ ସହାୟତା କରିଥିଲେ।

## ଓୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବି ପତ୍ର ବିଧାୟକଙ୍କୁ ପ୍ରଦାନ



ବାଲେଶ୍ୱର, ୦୭/୦୭ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକ ମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ, ଲାଗୁ କରିବା,ସାମ୍ବାଦିକ ବୀମା ରାଶି ୨ଲକ୍ଷ ରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି, କରିବା ଏବଂ ସାମ୍ବାଦିକ ମାନଙ୍କୁ ମାସିକ ୨୦ହଜାର ଟଙ୍କାର ପେନସନବ୍ୟବସ୍ଥା କରିବା ଆଦି ୩ଦଫା ସମ୍ବଳିତ ଦାବିପତ୍ର ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପ୍ରଦାନ କରାଯାଇଛି। ଖଇରା ବ୍ଲକ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ୟୁଣିଅନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜିଲ୍ଲା ସଭାପତି ଗଙ୍ଗାଧର ରାଉତ ଯୁଗ୍ମ ସଂପାଦକ ଉତ୍କଳ ବନ୍ଧୁ ପଣ୍ଡା, ବ୍ଲକ ସଭାପତି ଦୟାନିଧି ମହାପାତ୍ର,ସଞ୍ଜୟ କୁମାର ବେହେରା , ଶମ୍ଭୁନାଥ ନାୟକ, କିଶୋର କୁମାର ବେହେରା ସତ୍ୟଭାମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବିଧାନସଭା ଅଧିବେଶନ ରେ ଏହି ଦାବୀ ସଂପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି।

## ଡ଼ାଙ୍ଗରସାହିରେ ରହିଛି ପାନୀୟ ଜଳ ସମସ୍ୟା : ରଜନୀ ସିଂ

ଉଦଳା, ୦୭/୦୭ (ନି.ପ୍ର): କପ୍ତିପଦା ବ୍ଲକର ଦେବଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡ଼ାଙ୍ଗରସାହିରେ ୩୦ଟି ପରିବାରର ପ୍ରାୟ ୧୫୦ରୁ ଉର୍ଦ୍ଧ ଲୋକ ବସବାସ କରି ଆସୁଛନ୍ତି । ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ଏକ ମୁଖ୍ୟ ସମସ୍ୟା ରୂପେ ଦିର୍ଘ ଦିନ ଧରି ରହିଛି । ଲୋକେ ପିଇବା ପାଣି ପାଇଁ ଗ୍ରାମରେ ଥିବା ବିଦ୍ୟାଳୟର ନଳକୂପ ଉପରେ ନିର୍ଭର କରୁଛନ୍ତି। ବିଦ୍ୟାଳୟ ଛୁଟି ରହିଲେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବା ସହିତ ବାଧ ହୋଇ ନଦୀ ଜଳକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି । ଏଥିପାଇଁ ବିଭିନ୍ନ ସମୟରେ ଲୋକେ ରୋଗଗ୍ରସ୍ତ ହେଉଥିବାର ଖବର ମଧ ଆମର ହସ୍ତଗତ ହୋଇଛି । ଗତ ପଞ୍ଚାୟତ ନିର୍ବାଚନରେ ଉକ୍ତ ଗ୍ରାମରୁ ନିର୍ବାଚିତ ୱାର୍ଡ଼ ମେମ୍ବର ରଜନୀ ସିଂ ବର୍ତ୍ତମାନ ନାଏବ ସରପଞ୍ଚ ଦାୟିତ୍ୱରେ ଅଛନ୍ତି। ସେ ନିଜେ ମଧ ଡ଼ାଙ୍ଗର ସାହିରେ ପାନୀୟ ଜଳର ଅଭାବ ରହିଥିବାର କଥା ସ୍ୱୀକାର କରିଛନ୍ତି ।

## ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଜଣେ ଆହତ

ପୁଂଛ,୦୭/୦୭ (ନି.ପ୍ର): ପୁଂଛ ଜିଲ୍ଲାର ଦଲ୍ଲାନ ସେକ୍ଟରରେ ନିୟନ୍ତ୍ରଣ ରେଖା ପାଖରେ ଏକ ଲ୍ୟାଣ୍ଡ ମାଇନ୍ସ ବିସ୍ଫୋରଣରେ ସେନାର ଏକ କୁଲୀ(ପୋର୍ଟର) ଆହତ ହୋଇଛି। ଏହି ଘଟଣା ପାଖାପାଖି ଗୋଟାଏ ସମୟରେ ହୋଇଥିଲା। ଆହତ ପୋର୍ଟର ଦିଗବାର ମୁର୍ଦ୍ଦୟାଲା ନିବାସୀ ତନବୀର ହୁସେନଙ୍କୁ ପୁଂଛର ସୈନ୍ୟ ହସ୍ପିଟାଲରେ ଭର୍ତି କରାଯାଇଛି। ତେବେ ଏବେ ଏହା ଜଣାଯାଇ ନାହିଁ ଯେ ପୋର୍ଟର ବାରୁଦି ସୁରଙ୍ଗରେ ପାଦ ରଖିଥିଲା ବା ବିସ୍ଫୋରଣ କୌଣସି ଅନ୍ୟ କାରଣରୁ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଉଦ୍ଧବଙ୍କୁ ଗୋଟିଏ ପରେ ଗୋଟିଏ....

ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି। ଗୱାଲି ଏକନାଥ ସିନ୍ଦେଙ୍କ କ୍ୟାମ୍ପର ବୋଲି ସୂଚନା ରହିଛି। ବିଦ୍ରୋହ ବେଳେ ବିଜେପି ସହ ମେଣ୍ଟ କରିବାକୁ ପରାମର୍ଶ ଦେଉଥିବା ଶିବସେନା ସାଂସଦମାନଙ୍କ ମଧ୍ୟରୁ ସେ ଜଣେ ଥିଲେ। ଏବେର ମୁଖ୍ୟସଚେତକ ରାଜନ ଥାନେ ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ବିଧାନପରିଷଦ ଏବଂ ରାଜ୍ୟସଭା ନିର୍ବାଚନ ହୋଇଥିଲା। ଏହି ସମୟରେ ଏକନାଥ ଦଳରେ ବିଦ୍ରୋହ କରି ବିଧାୟକଙ୍କୁ ନେଇ ଆସାମର ରାଜଧାନୀ ଗୌହାଟୀରେ ପହଞ୍ଚିଥିଲେ। ପରେ ନିଜ ସମର୍ଥନରେ ଶିବସେନାର ଅଧିକାଂଶ ବିଧାୟକଙ୍କୁ ଆଣି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ କରି ଦେଇଥିଲେ।

## ଗୁରପ୍ରୀତଙ୍କ ହାତ ଧରିଲେ....

ସମାରୋହ ମୁଖ୍ୟମନ୍ତ୍ରୀମାନଙ୍କ ବାସଭବନରେ ହୋଇଥିବା ବେଳେ ଏଥିରେ ଆପ୍ ନେତା ରାଘବ ଚଡ୍ଡା ଓ ଅନେକ ମନ୍ତ୍ରୀମାନେ ମଧ ସାମିଲ ହୋଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭଗଓ୍ୱନ୍ତ ମାନଙ୍କ ମା' ହରପାଲଙ୍କର ଇଚ୍ଛା ଥିଲା ଯେ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ ପୁଣି ଥରେ ବିବାହ କରନ୍ତୁ। ମା' ଏବଂ ଭଉଣୀ ମନପ୍ରୀତ କୌର ନିଜେ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନଙ୍କ ପାଇଁ ଝିଅକୁ ଖୋଜିଥିଲେ ବୋଲି ଚଡ୍ଡା କହିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଏହା ହେଉଛି ଦ୍ୱିତୀୟ ବିବାହ। ପ୍ରଥମ ପତ୍ନୀଙ୍କର ଦୁଇ ସନ୍ତାନ ଅଛନ୍ତି। ଦୁହେଁ ବିଦେଶରେ ରୁହନ୍ତି। ୨୦୧୫ରେ ପ୍ରଥମ ପତ୍ନୀଙ୍କ ଠାରୁ ଛାଡପତ୍ର ନେଇଥିଲେ ଭଗଓ୍ୱନ୍ତ ମାନ୍। ୨୦୧୫ରେ ଛାଡପତ୍ର ପରେ ମାନ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେଆର କରିଥିଲେ। ଏଥିରେ ସେ କହିଥିଲେ ଯେ ସେ ନିଜ ପରିବାରକୁ ପଛ କରି ପଞ୍ଜାବକୁ ବାଛିଛନ୍ତି। ରାଜନୀତି ପାଇଁ ସେ ତାଙ୍କ ପତ୍ନୀଙ୍କଠାରୁ ଅଲଗା ହେଉଛନ୍ତି।

## ଧୋକା ଦେଲେ ସହଯୋଗୀ ଦଳ !....

ଯେଉଁ ବର୍ଗର ପ୍ରତିନିଧିତ୍ୱ କରୁଛନ୍ତି ଦୌପଦୀ ମୁର୍ମୁ । ଯଶଓ୍ୱନ୍ତଙ୍କୁ ୧୮ ବିରୋଧୀ ମେଣ୍ଟର ରାଷ୍ଟ୍ରପତି ପ୍ରାର୍ଥୀ କରି ପ୍ରଥମରୁ ଶ୍ରେୟ ନେବାକୁ ଚାହୁଁଥିବା ମମତା ବାନାର୍ଜୀ ଏବେ ଦୂରତା ଅମଲମ୍ବନ କରୁଛନ୍ତି । ଏହାର ପ୍ରମୁଖ କାରଣ ହେଉଛି ଆଦିବାସୀ ପ୍ରାର୍ଥୀ ଦୌପଦୀ ମୁର୍ମୁ । ମୁର୍ମୁ ଆଦିବାସୀ ସମ୍ପ୍ରଦାୟର ସାନ୍ତାଳି ବର୍ଗର । ଆଉ ପଶ୍ଚିମବଙ୍ଗରେ ଥିବା ଆଦିବାସୀଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ସାନ୍ତାଳୀ । ଯଦି ମମତା ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ଯଶଓ୍ୱନ୍ତଙ୍କୁ ସାଙ୍ଗରେ ଧରି ରାଜ୍ୟରେ ପ୍ରଚାର କରନ୍ତି, ତେବେ ଆଦିବାସୀ ଭୋଟ ବ୍ୟାଙ୍କ୍ ପ୍ରଭାବିତ ହେବାର ଆଶଙ୍କା ରହିଛି । ଯାହା ଜଣେ ହାରୁଥିବା ପ୍ରାର୍ଥୀଙ୍କ ପାଇଁ ହରାଇବାକୁ ଚାହୁଁନାହାଁନ୍ତି ମମତା ବନାର୍ଜୀ ।

## ୧୧ ଜିଲ୍ଲାରେ ପ୍ରବଳ ....

ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଖୋର୍ଦ୍ଧା, ପୁରୀ, ଗଂଜାମ, ଗଜପତି ଓ ନୂଆପଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ସବୁ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ ରାଜ୍ୟର ଅନ୍ୟ ଜିଲ୍ଲାଗୁଡିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସେହିପରି ୮ରୁ ୯ ତାରିଖ ମଧ୍ୟରେ ଗଂଜାମ , ଗଜପତି, କୋରାପୁଟ , କଳାହାଣ୍ଡି, ମାଲକାନଗିରି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ସମୟ ମଧ୍ୟରେ ନବରଙ୍ଗପୁର, ବଲାଙ୍ଗୀର, ରାୟଗଡା, ନୟାଗଡ , ସୋନପୁର ଓ ବୌଦ୍ଧ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏ ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ସମ୍ବିଧାନ ପରେ ରାଷ୍ଟ୍ରୀୟ ଶିକ୍ଷା ନୀତି....

ସଫଳତାର ପୁଞ୍ଜି। ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ ଏକ ଦାର୍ଶନିକ ଦସ୍ତାବିଜ। ସମ୍ବିଧାନ ପରେ ଜାତୀୟ ଶିକ୍ଷା ନୀତି ଏଭଳି ଏକ ଦସ୍ତାବିଜ ; ଯାହାକୁ ସମଗ୍ର ଦେଶରେ ଅନେକ ସ୍ତରରେ ବିଚାରବିମର୍ଷ, ଚର୍ଚ୍ଚା କରାଯିବା ସହ ଜନଭାଗିଦାରୀର ରୂପ ଦିଆଯାଇଛି। ସମ୍ବିଧାନ ସମତୁଲ୍ୟ ଜାତୀୟ ଶିକ୍ଷା ନୀତି ଆମ ଦେଶର ଅସୁବିଧା, ଦ୍ୱନ୍ଦରୁ ମୁକ୍ତି ହେବାର ବିଚାର ସହ ଆତ୍ମବିଶ୍ୱାସ ଓ କାର୍ଯ୍ୟରେ ଭାରତୀୟ ହେବାର ଗର୍ବ ଅନୁଭବ ପ୍ରଦାନ କରେ। ଭାରତରେ ୧୫ ବର୍ଷରୁ ୨୫ ବର୍ଷ ଯୁବ ବର୍ଗଙ୍କ ସଂଖ୍ୟା ବିଶ୍ୱରେ ଅଧିକ। ଦେଶରେ ପାଖାପାଖି ୨୫ କୋଟି ଯୁବବର୍ଗ ଥିବା ବେଳେ ଆସନ୍ତା ୨୫ ବର୍ଷ ଆମ ପାଇଁ ମହତ୍ୱପୂର୍ଣ୍ଣ। ଅମୃତ କାଳ ସମୟରେ ଭାରତକୁ ଜ୍ଞାନ ଆଧାରିତ ଅର୍ଥନୀତି ଭାବରେ ପ୍ରତିଷ୍ଠା କରିବା ପାଇଁ ଜାତୀୟ ଶିକ୍ଷା ନୀତି ହେଉଛି ଏକ ମାର୍ଗଦର୍ଶକ । ଏହି ସମୟରେ ଯୁବବର୍ଗଙ୍କ କ୍ଷମତା, ଉର୍ଜାକୁ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବା ତଥା ଜ୍ଞାନ ଓ ଶିକ୍ଷାରେ ପୂରା ଦୁନିଆରେ ନେତୃତ୍ୱ ନେବା ହେଉଛି ଜାତୀୟ ଶିକ୍ଷା ନୀତିର ଦିଗଦର୍ଶନ। ସେହିପରି ବିଶ୍ୱବିଦ୍ୟାଳୟ ଗୁଡ଼ିକ କେବଳ ବିଦ୍ୟାର୍ଥୀ ଓ ଶିକ୍ଷାର୍ଥୀଙ୍କ ଜୀବନକୁ ଉତମ କରିବା ନୁହେଁ ବରଂ ରାଷ୍ଟ୍ରର କଲ୍ୟାଣ କରିବା ହିଁ ଉଦ୍ଦିଷ୍ଟ। ସେହିପରି ଆମର ଭାରତୀୟ ଜ୍ଞାନ ପରମ୍ପରା ଆଧାରରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଭବିଷ୍ୟତର ସ୍ୱର୍ଣ୍ଣିମ ଆକାର ଦେବାକୁ ହେବ ।

# ପଞ୍ଝୁପାଳି-ରତାଇ ରାସ୍ତା ପାଲଟିଛି ମରଣ ଯନ୍ତା



ଲଙ୍ଗଳେଶ୍ୱର, ୦୭/୦୭ (ନି.ପ୍ର): ବାଲିଆପାଳ ବ୍ଲକର ପ୍ରମୁଖ ରାସ୍ତା ପଞ୍ଝୁପାଳି-ରତାଇ ରାସ୍ତା ଅବସ୍ଥା ଏତେ ଶୋଚନୀୟ ହୋଇଛି ଯେ ପୁରା ମରଣ ଯନ୍ତା ପାଲଟିଛି ।ଦୀର୍ଘ ଦଶ ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମିତ ହୋଇଥିବା ଏଇ ରାସ୍ତା ମରାମତି ଅଭାବ ଯୋଗୁଁ ଅଗମ୍ୟ ହୋଇପଡିଛି ।ତିନି କି:ମି:ଯାଏ ଏଇ ରାସ୍ତା ତିନିବର୍ଷ ଧରି ଶୋଚନୀୟ ହୋଇପଡିଥିଲେ ହେଁ ବହୁ ଅଭିଯୋଗ ପରେ ବାଲିଆପାଳ ଗ୍ରାମଉନ୍ନୟନ ବିଭାଗ ତରଫରୁ କିଛି ରାବିଷ ଗାତ ଗୁଡିକ ପୂରଣ କରାଯାଇଥିଲା । ଏବେ ସେ ରାବିଷ କୁଆଡେ ଉଭେଇ ଯାଇ ପୁଣି ରାସ୍ତା ଅଗମ୍ୟ ହୋଇପଡିଛି ।ରାସ୍ତା ମଝିରେ ପାଣି ଜମି ବଡ଼ ବଡ଼ ଗଡ଼ିଆ ସୃଷ୍ଟି ହେବା ଯୋଗୁଁ ଯାତାୟାତ ରେ ଘୋର ଅସୁବିଧା ସୃଷ୍ଟି ହୋଇଛି। ସାଇକେଲ ମଟର ସାଇକେଲ କିମ୍ବା ଛୋଟ ମୋଟ ଗାଡି ପ୍ରତିଦିନ ଦୁର୍ଘଟଣା ହେବାର ଦେଖିବାକୁ ମିଳୁଛି। ବଡ଼ ବଡ଼ ଗାଡି ମଧ ଯାତାୟାତ ରେ ଘୋର ଅସୁବିଧା ହେଉଥିବାର ଅଭିଯୋଗ ହେଉଛି। ଏଠାରେ ପ୍ରକାଶ ଥାଉ କି ଦକ୍ଷିଣ ବାଲିଆପାଳ ଅଞ୍ଚଳ ରେ ଏହା ପ୍ରମୁଖ ରାସ୍ତା । ପ୍ରତିଦିନ ପନ୍ଦର ଟି ପଞ୍ଚାୟତ ର ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହା ଉପରେ ନିର୍ଭର କରିଥାନ୍ତି। ତେଣୁ ପ୍ରତିଦିନଏଇ ରାସ୍ତା ଦେଇ ଶହ ଶହ ଯାତ୍ରୀବାହୀ ମାଲ ବାହୀ ବସ, ଟ୍ରକ, ପିକଅପ, ଟ୍ରାକ୍ଟର, ଆଦି ଯାତାୟାତ କରେ। ଏହାବ୍ୟତୀତ ଏଇ ରାସ୍ତାର ବଡକୌଡଦା ପ୍ରାଥମିକ ବିଦ୍ୟାଳୟ ଠାରେ ବେଙ୍ଗ ମୁତିଲେ ଆଣ୍ଠୁଏ ପାଣି ଭଳି ବର୍ଷା ଦିନେ ଦୁଇ ଶହ ମିଟର ରୁ ଉର୍ଦ୍ଧ୍ୱ ରାସ୍ତା ଆଣ୍ଠୁଏ ପାଣି ଜମିରହେ ।ତ୍ରୁଟିପୂର୍ଣ ରାସ୍ତା ନିର୍ମାଣ ଓ ପାଣି ନିଷ୍କାସନ ସୁବିଧା ନ ଥିବାରୁ ଲୋକେ ପ୍ରତିଦିନ ପାଣିରେ ପହଁରି ପହଁରି ଯାତାୟାତ କରନ୍ତି ।ତେଣୁ ଖୁବଶୀଘ୍ର ଏଇ ଅଗମ୍ୟ ରାସ୍ତା ମରାମତି କରିବା ସହିତ ପାଣି ନିଷ୍କାସନ ଡ୍ରେନ ନିର୍ମାଣ କରିବାକୁ ନାରୀନେତ୍ରୀ ସାରଦା ଗିରି ରବୀନ୍ଦ୍ର ସେଠି ,ଅନନ୍ତ ଦାସ,ରବୀନ୍ଦ୍ର ମହାନ୍ତି, ନିରଞ୍ଜନ ରାଉତ,ଅଜୟ ହାଜିରା, ରଥ ଜେନା,କବିବର ଦାସ, ହରିପଦ ରଣା, କାର୍ତିକ ପାତ୍ର, ଶରତ ପ୍ରଧାନ, ମାନରଞ୍ଜନ ପାଣିଗ୍ରାହୀ, ଦିଲ୍ଲୀପ ପ୍ରଧାନ ପ୍ରମୁଖ ଦାବି ଜଣାଇଛନ୍ତି।

# ନିତ୍ୟାନନ୍ଦ ସରସ୍ୱତୀ ଶିଶୁମନ୍ଦିର ନୂଆଗାଁର ବାଜିମାତ



ଲଙ୍ଗଳେଶ୍ୱର, ୦୭/୦୭ (ନି.ପ୍ର): ଚଳିତ ବର୍ଷ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳାଫଳରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ର ନୂଆଗାଁ ମାର୍କେଟ ନିକଟରେ ଥିବା ନିତ୍ୟାନନ୍ଦ ସରସ୍ୱତୀ ଶିଶୁମନ୍ଦିର ର ପିଲାମାନେ ଶତ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହାକି ଶତକଡା ୮୦% ରୁ ଅଧିକ ମାର୍କ ରଖି ରେକର୍ଡ କରିଛନ୍ତି । ଏଠାରେ ଅଧ୍ୟୟନ କରୁଥିବା ୩୩ ଜଣ ପିଲା ମଧ୍ୟରୁ ଇ୧ଶ୍ରେଣୀ ରେ ୧୬ ଜଣ ପିଲା ଓ ଇ୨ଶ୍ରେଣୀ ରେ ୧୭ ଜଣ ପିଲା ଉତୀର୍ଣ୍ଣ ହୋଇଛନ୍ତି । ସସ୍ମିତା ନାୟକ ସର୍ବାଧିକ ୫୭୪ ନମ୍ବର ରଖି ସ୍କୁଲରେ ଟପୋର ହୋଇଛନ୍ତି । ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ର ଛାତ୍ରୀଙ୍କ ସମେତ ଅଭିଭାବକ ମାନେ ଖୁସି ମନଇଛନ୍ତି କ୍ଷ ଶିଶୁ ମନ୍ଦିର ର ଏହିଭଳି ପରୀକ୍ଷା ଫଳ ବାଲିଆପାଳ ତଥା ବାଲେଶ୍ୱର ଜିଲ୍ଲା ପାଇଁ ମଧ ଗୌରବର ବିଷୟ ପାଲଟିଛି । ବାଲିଆପାଳ ବ୍ଲକର ଏକ ମାତ୍ର ଆବାସିକ ଶିଶୁ ମନ୍ଦିର ଯାହାକି ଏଠାରେ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା, ଯୋଗ ଶିକ୍ଷା, ନିତୀ ଶିକ୍ଷା, ଆଧ୍ୟାତ୍ମିକ ଶିକ୍ଷା ଆଦି ସବୁ ପ୍ରକାରର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି କ୍ଷ ବାଲେଶ୍ୱର ଜିଲ୍ଲାର ପ୍ରାୟ ପ୍ରତ୍ୟେକ ବ୍ଲକ ର ପିଲାମାନେ ଏଠାରେ ରହି ଅଧ୍ୟୟନ କରୁଛନ୍ତି । ଏଠାରେ ସବୁ ବର୍ଗର ପିଲାମାନଙ୍କ ପାଇଁ ଉନ୍ନତ ମାନର ଶିକ୍ଷାର ବ୍ୟବସ୍ଥା ରହିଛି କ୍ଷ ସମଗ୍ର ଓଡିଶାରେ ପାସ ହାର ୯୦.୫୫ ପ୍ରତିଶତ ଥିବା ବେଳେ ଏହି ଶିଶୁ ମନ୍ଦିର ରେ ତାହା ଶତ ପ୍ରତିଶତ ରହିଛି ଯାହାକି ଶିଶୁ ମନ୍ଦିର ପାଇଁ ଏହା ଗୌରବର ବିଷୟ ହୋଇଛି । ଗତ ୨୦୦୫ ମସିହାରେ ଏହି ଅଂଚଳର ସ୍ୱର୍ଗତ ନିତ୍ୟାନନ୍ଦ ବେହେରା, ସ୍ୱର୍ଗତ କାର୍ତ୍ତିକ ପ୍ରସାଦ ଦାସ, ସ୍ୱର୍ଗତ ନୀଳକଣ୍ଠ ପାଢ଼ୀ ଓ ସ୍ୱର୍ଗତ ସେକ ଏସାକ ଆଦି ବୁଦ୍ଧିଜୀବୀ ମାନଙ୍କ ପ୍ରଚେଷ୍ଟାରେ ଏହି ଅନୁଷ୍ଠାନଟି ପ୍ରଥମେ ଅରୁଣ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରଙ୍କ ସ୍ୱୀକୃତି ଲାଭ ପାଇ ଆରମ୍ଭ ହୋଇଥିଲା, ପରେ ତାହା ସମ୍ପ୍ରସାରଣ ହୋଇ ୨୦୧୮ ମସିହାରେ ଛାତ୍ର ଛାତ୍ରୀ ମାନେ ଦଶମ ଶ୍ରେଣୀ ପରୀକ୍ଷା ଦେବାପାଇଁ ସରକାରଙ୍କ ସ୍ୱୀକୃତି ଲାଭ କରିଥିଲା ଏହି ଶିଶୁ ମନ୍ଦିର । ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଛାତ୍ର ଛାତ୍ରୀ ମାନଙ୍କର ଏକ ଉଜ୍ୱଳ ଭବିଷ୍ୟତ ଗଠନ କରିବାର ଲକ୍ଷ୍ୟ ନେଇ ଅନ୍ୟ ଗୁରୁଜୀ-ଗୁରୁମା ମାନଙ୍କ ସୁ ପରାମର୍ଶ ନେଇଥାନ୍ତି । ଶିକ୍ଷାର ମାନକୁ ଅକ୍ଷୁନ୍ନ ରଖିବା ପାଇଁ ଉନ୍ନତ ମାନର ଶିକ୍ଷାପ୍ରଦାନ ସହିତ ସ୍ୱତନ୍ତ୍ର ପ୍ରକାର ଶୈଳୀ ଗ୍ରହଣ କରାଯିବ ବୋଲି ଶିଶୁ ମନ୍ଦିରର ସମ୍ପାଦକ ରଞ୍ଜନ କୁମାର ବେହେରା କହିଛନ୍ତି ।


**OFFICE OF THE EXECUTIVE ENGINEER, RWS&S DVISION, BALASORE**

Tel: 06782-262249, Fax: 262931,email: eerwss-bls@nic.in, eerwssbls@gmail.com.

**NATIONAL COMPETITIVE BIDDING THROUGH e-Tendering**

***Identification No. 14/2022-23 Dt. 06.07.2022***

The Executive Engineer, RWS&S Division, Balasore on behalf of the Governor of odisha invites bids from bidderi of eligible class registered with the Odisha State Government and bidders of equivalent Grade / Class registered witn Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

1. Nos. of Work : Sinking of 200mm dia Production Wells and Ext. Electrification to different RPWS Schemes in Balasore district.
2. Estimated Cost : Rs. 6.67 lakhs to Rs. 7.27 lakhs
3. Period of completion : 30 days
4. Availability of bid document in Portal : Dt. 13.07.2022 at 10.00 hours to 25.07.2022 up to 17.00 hours through online.
5. Seeking of Clarification : Dt.15.07.2022 at 10.00 hours to Dt.22.07.2022 up to 15.00 hours
6. Date of opening of Bid : Dt.26.07.2022 at 11.00 hours in the O/O EE, RWSS Division, Balasore.
7. Name and address of the officer inviting Tender : Executive Engineer, RWS&S Division, Balasore

Bid cost will be receipt through electronic payment by NEFT / RTGS.

Further details can be seen from the e-procurement Portal : http://tendersodisha.gov.in

OIPR : 25013/11/0010/2223

**EXECUTIVE ENGINEER, RWS&S DIVISION, BALASORE**

# ରାଜ୍ୟ ବ୍ୟାପୀ ଯୁବ ସମ୍ପର୍କ ପଦଯାତ୍ରା କରିବ ଯୁବ କଂଗ୍ରେସ

ଭୁବନେଶ୍ୱର,୦୭/୦୭ (ନି.ପ୍ର): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଏକ ଦିବସୀୟ ଯୁବ ଚିନ୍ତନ ବୈଠକ ଗୁରୁବାର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଯୁଗ୍ମ ସମ୍ପାଦକ ତଥା ରାଜ୍ୟୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ଜୋରଦାର ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କଂଗ୍ରେସକୁ ଶାସନ କ୍ଷମତାକୁ ଆଣିବାକୁ ହେଲେ ଯୁବ କଂଗ୍ରେସର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସର ଆସନ ସଂଖ୍ୟା ୯ରୁ ୯୦ରେ ପହଂଚିବା ଯୁବ କଂଗ୍ରେସ ଏହି ୯ରୁ ୯୦ ମିଶନର ମୁଖ୍ୟ ସାରଥି ସାଜିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଲଢ଼େଇ ଜୋରଦାର କରିବାକୁ ରଣନୀତି ପ୍ରସ୍ତୁତ ହୋଇଥିଲା। ବୁଥ୍ ସ୍ତରରେ ଯୁବବର୍ଗଙ୍କୁ ଏକଜୁଟ କରିବା ପାଇଁ ଯୁବ କଂଗ୍ରେସ ପକ୍ଷରୁ ଯୁବ ସମ୍ପର୍କ ପଦଯାତ୍ରା କରାଯିବ ବୋଲି ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା କହିଥିଲେ। ପୂର୍ବତନ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ଯୋଗଦେଇ ରାଜ୍ୟ ତଥା ଦେଶର ବିକାଶ ପାଇଁ ଯୁବ ବର୍ଗ ଏକତ୍ରିତ ହେବା ସହ ଦୁର୍ନୀତି ବିରୋଧରେ ଜୋରଦାର ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ବରିଷ୍ଠ ନେତା ଡ. ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ଯୁବକଂଗ୍ରେସ ସଭାପତି ସୁଜିତ ପାଢ଼ୀ ପ୍ରମୁଖ ଯୋଗଦେଇ କଂଗ୍ରେସକୁ ମଜଭୁତ କରିବାରେ ଯୁବ କଂଗ୍ରେସର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା ଓ ସହପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତ ଉପସ୍ଥିତ ଥିଲେ।

# ବିଭିନ୍ନ ବନୀକରଣ ଯୋଜନାରେ ୪୮୮.୧୬ ଲକ୍ଷ ଚାରା ରୋପଣ କରାଯିବ

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ରାଜ୍ୟସ୍ତରୀୟ ବନ ମହୋତ୍ସବଆଜି ପୂର୍ବାହ୍ଣରେ ଉତ୍ସାହ ଓ ଉଦ୍ଦୀପନାର ସହ ଭୁବନେଶ୍ୱରସ୍ଥିତ ମହାନଗର ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡା ପରିସରରେପାଳିତ ହୋଇଯାଇଛି । ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଭିଡିଓ କନଫରେନ୍ ମାଧ୍ୟମରେ ଏହି ଉତ୍ସବରେ ଯୋଗଦାନ କରିଥିଲେ। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ. ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥଲେ । ଏଥି ସହିତ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସତ୍ୟବ୍ରତ ସାହୁ,ଭୁବନେଶ୍ୱରମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ, ଭୁବନେଶ୍ୱର(ଉତର) ବିଧାୟକ ସୁଶାନ୍ତ ରାଉତ, ବିଧାୟକ (ମଧ୍ୟ) ଅନନ୍ତ ନାରାୟଣ ଜେନାଙ୍କ ସମେତ ବନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ଏହି ସମାରୋହରେ ଯୋଗଦେଇଥିଲେ । ଓଡିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଜଙ୍ଗଲ ବାହିନୀର ମୁଖ୍ୟ ଦେବୀଦତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବନ ମହୋତ୍ସବର ଗୁରୁତ୍ୱ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନ ମହୋତ୍ସବ ସପ୍ତାହ ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ସହିତ ଜନସାଧାରଣଙ୍କ ସହଯୋଗରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଂଚଳ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ଚଳିତ ବର୍ଷ ବର୍ଷା ଋତୁରେ ବିଭିନ୍ନ ବନୀକରଣ ଯୋଜନା ଯଥା ପ୍ରାକୃତିକ ଜଙ୍ଗଲର ପୁନର୍ଜନନ, କୃତ୍ରିମ ଜଙ୍ଗଲ, ସହରାଂଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ ସଫଳ କାର୍ଯ୍ୟକାରିତା ପାଇଁ ଏକ କ୍ରିୟାଶୀଳ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଏହିସବୁ ଯୋଜନା ମାଧ୍ୟମରେ ବନୀକରଣ ପାଇଁ ୪୮୮.୧୬ ଲକ୍ଷ ଚାରା ରୋପଣ କରାଯିବା ସହିତ ୪୯୦.୩୦ ଲକ୍ଷ ଚାରା ଜନସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ଏବଂ ବିଭିନ୍ନ ଅନୁଷ୍ଠାନଗୁଡିକୁ ବିନା ମୂଲ୍ୟରେ ବିତରଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଏକ ସ୍ମରଣିକା "୭୩ ତମ ବନ ମହୋତ୍ସବ", ଯେଉଁଥିରେ ରାଜ୍ୟ ବନ ବିଭାଗର ଉନ୍ନତି ମୂଳକ କାର୍ଯ୍ୟକ୍ରମସଂପର୍କରେ ଉଲ୍ଲିଖିତ ଅଛି, ତାହାର ଶୁଭ ଉନ୍ମୋଚନ କରାଯାଇଛି । ଚଳିତ ବର୍ଷ ୭୩ ତମ ବନ ମହୋତ୍ସବ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବନୀକରଣ ସଂପର୍କରେ ସଚେତନତା ଜାଗ୍ରତ କରାଯିବା ମିମନ୍ତେ, ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଆନ୍ଦୋଳନ ୪ର୍ଥ ଦିନରେ ପ୍ରଶାସନ ଓ ନହଞ୍ଚରା ଗ୍ରାମବାସୀଙ୍କ ଆଲୋଚନା

## ସବୁ ୱାର୍ଡରେ ବିସ୍ଥାପିତଙ୍କୁ ହେବ ଥଇଥାନ : ନହଞ୍ଚରାକୁ ଦିଆଯିବ ଗୁରୁତ୍ୱ



ଜଳେଶ୍ୱର, ୦୭/୭(ନି.ପ୍ର) : ଜଳେଶ୍ୱର ପୌର ପାଳିକାର ୧୫ନଂ ୱାର୍ଡ ନହଞ୍ଚରାରେ ସମସ୍ତ ବିସ୍ଥାପିତଙ୍କୁ ଜାଗା ମିଶନରେ ଥଇଥାନ କରାଯିବା ନିଷ୍ପତ୍ତି ବିରୋଧରେ ୪ ଦିନ ଧରି ଗ୍ରାମବାସୀ ବିରୋଧ କରି ପୌର କାର୍ଯ୍ୟାଳୟ ସମ୍ମୁଖରେ ଦିବା ରାତ୍ର ଗଣଧାରଣାରେ ବସିଥିଲେ । ଆଜି ଅପରାହ୍ନରେ ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା । ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଜଳେଶ୍ୱର ପୌରପାଳିକା ମଧ୍ୟଦେଇ ରେଳ ବାଇର ୩ୟ ଲାଇନ୍ ଯାଉଥିବା, ରେଳ ଓଭରବ୍ରିଜ୍ ଇତ୍ୟାଦି ଯୋଗୁଁ ବିସ୍ତାପିତ ହେଉଥିବା ପରିବାରବର୍ଗଙ୍କୁ ଥଇଥାନ କରିବାଲାଗି ନହଞ୍ଚରା ଗ୍ରାମଠାରେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ସେଠାରେ ଥିବା ଏ୧୧.୮୦ଡି ସ୍ଥାନ ଗ୍ରାମବାସୀଙ୍କ କାର୍ଯ୍ୟରେ ଲାଗି ଆସୁଥିବାରୁ ସେମାନେ ଏହାକୁ ବିରୋଧ କରିଥିଲେ । ବିଭିନ୍ନ ଅଂଚଳର ଲୋକେ ଆସି ବସତିସ୍ଥାପନ ପରେ ପରିବେଶ ଓ ପରିସ୍ଥିତି ଜଟିଳ ହେବାର ଆଶଙ୍କା କରି ପ୍ରଶାସନକୁ ଜଣାଇଥିଲେ । କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତ ୪ଦିନ ଧରି ପୌରପାଳିକା ସମ୍ମୁଖରେ ଧାରଣରେ ବସିଥିଲେ । ଆଜି ପୌରପାଳିକାର ପରିଷଦ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା । କିନ୍ତୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପୌରପରିଷଦ ବୈଠକରେ ଯୋଗ ଦେଇ ଏହାର ପରିସମାପ୍ତି ଘଟାଇବାକୁ ଜିଲା ପ୍ରଶାସନର ହସ୍ତକ୍ଷେପ ଲୋଡିଥିଲେ । ଫଳରେ ଅପରାହ୍ନରେ ବାଲେଶ୍ୱର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର ମଲ୍ଲିକ , ତହସିଲଦାର ସ୍ମୃତିରଂଜନ ମଲ୍ଲିକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ ଓ ସମସ୍ତ କାଉନ୍ସିଲର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଶେଷରେ ବିସ୍ତାପିତ ହେଉଥିବା ଅଂଚଳରେ ସେମାନଙ୍କୁ ଥଇଥାନ କରାଯିବା ସହିତ ଅତି ଆବଶ୍ୟକ ସ୍ଥଳେ କେତେକଙ୍କୁ ନହଞ୍ଚରା ଗ୍ରାମରେ ଥଇଥାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ସଂପର୍କରେ ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ବର୍ଷା ଦିନରେ ଉଚ୍ଛେଦକୁ ବିରୋଧ : ଶତାଧିକ ଦୋକାନୀ ବେସାହାରା

ଜଳେଶ୍ୱର, ୦୭/୭ (ନି.ପ୍ର): ଜଳେଶ୍ୱର ବାସନ୍ତୀ ପଡିଆଠାରୁ ଅନୁକୂଳ ମନ୍ଦିର ଯାଏ ଜଗନ୍ନାଥ ସଡକର ପ୍ରଶସ୍ତି କରଣ ଲାଗି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଉକ୍ତ ରାସ୍ତାକୁ ୪ଟିକିଆ ରାସ୍ତାରେ ପରିଣତ କରିବାଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବେଳେ ହଠାତ୍ ରାସ୍ତାର ଉଭୟ ପାର୍ଶ୍ୱର ୩୫ ଫୁଟ ମଧ୍ୟରେ ଉଚ୍ଛେଦ ଲାଗି ମାପଚୁପ ଆରମ୍ଭ ହୋଇଛି । ଛୋଟ ଛୋଟ ବ୍ୟବସାୟୀମାନେ ସେମାନଙ୍କ ପେଟପାଟଣା ଲାଗି ଦୋକାନ କରି ରହିଥିବା ବେଳେ ବର୍ଷା ଦିନରେ ଉଚ୍ଛେଦ ହେବାରୁ ସେମାନେ କୁଆଡେ ଯିବେ ବୋଲି ଅଭିଯୋଗ କରିଛନ୍ତି । କେତେକ ଗରିବଲୋକ ସରକାରୀ ଜାଗାରେ ପଲିଥିନ ତଳେ ମୁଣ୍ଡ ଗୁଞ୍ଜିଥିବା ବେଳେ ଉଚ୍ଛେଦ ହେଲେ ସେମାନେ କୁଆଡେ ଯିବେ ବୋଲି ବହୁ ଅଂଚଳବାସି ଓ ବୁଦ୍ଧିଜିବୀମାନେ ପ୍ରଶ୍ନ କରିଛନ୍ତି । ଜଳେଶ୍ୱର ସହରର ଅନ୍ୟାନ୍ୟ ବ୍ୟସ୍ତବହୁଳ ରାସ୍ତା ଏପରି ଚଉଡା ନ ଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ ଲୋକମାନଙ୍କୁ ଉଚ୍ଛେଦ କରାଯାଉଥିବା ନେଇ ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ବର୍ଷ ଦିନରେ ଏପରି ଉଚ୍ଛେଦ କରାଗଲେ ଛୋଟ ଛୋଟ ବ୍ୟବସାୟୀ ଓ ଗରିବ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର,୭।୭(): ବିଶ୍ୱ ବୃକ୍ଷରୋପଣ ଦିବସ ପାଳନ ଅବସରରେ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ଗୁଡୁଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ସରପଞ୍ଚ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ସମ୍ପାଦକ ରାମଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ଗଗନ ବିହାରୀ ଦାସ, ଉପଦେଷ୍ଟା ଗିରିଧାରୀ ବିନ୍ଧାଣୀ, ଉପ-ସଭାପତି ରବୀନ୍ଦ୍ର ନାରାୟଣ ଭୋଳ, ବରିଷ୍ଠ ସଦସ୍ୟ ନରେନ୍ଦ୍ର ନାଥ ସ୍ୱାଇଁ, ପ୍ରଦୀପ କୁମାର ଦାସ, ନରେନ୍ଦ୍ର ନାଥ ପ୍ରଧାନ, ସରପଞ୍ଚ କମଳିନୀ ପାତ୍ର, ପୂର୍ବତନ ସମିତି ସଭ୍ୟ ଭୋଳାନାଥ ପାତ୍ର, ୱାର୍ଡ଼ ସଦସ୍ୟ ହଳଧର ମହାନ୍ତ, ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ଦାସ, ଶିକ୍ଷକ ଅଜୟ ମାରାଣ୍ଡି, ଲକ୍ଷ୍ମୀରାମ ମାଝୀ, ମନୋରଞ୍ଜନ ଆଢ଼ିଙ୍କ ସମେତ ଗୋପବନ୍ଧୁ ସାହାଣୀ, ସୁନାରାମ ମାରାଣ୍ଡି ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ତକତପୁର ଠାରେ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାରିପଦା, ୦୭/୦୭ (ନି.ପ୍ର): ଆଜି ବାରିପଦା ତକତପୁର ସ୍ଥିତ ଭି.ଆର.ପି. କଲୋନୀ ଠାରେ ଜୟ ମହାବୀର ସଂଘ ଆନୁକୂଲ୍ୟରେ ମହାରାଜା ମହାବୀର ମନ୍ଦିର ତଥା ପାର୍ଶ୍ୱ ଦେବା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଅଧିବାସ, କଳସ ସ୍ଥାପନ ହେବାପରେ ୧୦୮ ଘଟ ଭକ୍ତମାନେ ରାଣିବନ୍ଧରୁ ଉଠାଇ ଏକ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳିକୁ ଆଣିବା ପରେ ପୂଜା ଯଜ୍ଞ ଆଦି ଦିନ ତମାମ ଚାଲିଥିବା ବେଳେ, ବୁଧବାର ପୂର୍ଣ୍ଣାହୁତି ହେବ ବୋଲି ଜଣା ଯାଇଛି । ଏହି କାର୍ଯ୍ୟକ୍ରମରେ ଜୟ ମହାବୀର ସଂଘ ଓ ପ୍ରତିଷ୍ଠା ଉତ୍ସବର କର୍ମକର୍ତା ମାନଙ୍କ ମଧ୍ୟରେ ଜଗା ରାଉତ, ଦୀପକ କାଳନ୍ଦୀ, ବିଷ୍ଣୁ ମୁଖି, କାଳିଆ କାଳନ୍ଦୀ, କ୍ରିଷ୍ଣା ମୁଦୁଲି ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟରେ ୧୦୦% ଫଳାଫଳ

ଜଳେଶ୍ୱର, ୦୭/୭(ନି.ପ୍ର) : ସଦ୍ୟ ପ୍ରକାଶିତ ହାଇସ୍କୁଲ ପରୀକ୍ଷାରେ ଜଳେଶ୍ୱର ମ୍ୟୁନିସିପାଲଟିର ଶାନ୍ତିଆଠାରେ ଥିବା ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟରେ ଶତପ୍ରତିଶତ ଶିକ୍ଷାର୍ଥୀ ପାସ୍ କରିଥିବାରୁ ଅଭିଭାବକ ମହଲରେ ଖୁସିର ଲହରି ଖେଳି ଯାଇଛି । ମୋଟ ୫୦ଜଣ ଶିକ୍ଷାର୍ଥ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ଏ-୧ରେ ୧୩ଜଣ , ଏ-୨ରେ ୨୬ଜଣ, ବି-୧ରେ ୯ଜଣ, ବି-୨ରେ ୦୨ ଜଣ ପାସ୍ କରିଛନ୍ତି । ଶିକ୍ଷାର୍ଥୀ ମାନଙ୍କ ସଫଳତା ନେଇ ଶିକ୍ଷକ, ଶିକ୍ଷାକର୍ମଚାରୀ, ପରିଚାଳନା କମିଟି ଖୁସିବ୍ୟକ୍ତ କରିବା ସହିତ ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଅଧ୍ୟୟନ ରତ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ଅଧିକ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଛି ।

## ରାଜଧାନୀରେ ୧୭୬ କୋଭିଡ୍ ପଜିଟିଭ୍

ଭୁବନେଶ୍ୱର,୦୭/୦୭ (ନି.ପ୍ର): ରାଜଧାନୀରେ ବଢୁଛି କୋଭିଡ୍ ସଂକ୍ରମଣ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଗୁରୁବାର ମୋଟ ୧୭୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୨୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୮ ହଜାର ୨୩୫ ଲୋକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୬ ହଜାର ୩୮୮ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୬୩୩ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୧୮୪ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ସେବାଶ୍ରମ ହାଇସ୍କୁଲର ରାସ୍ତା ଅବସ୍ଥା ଶୋଚନୀୟ

ନୀଳଗିରି, ୦୭/୦୭ (ନି.ପ୍ର): ନୀଳଗିରି ଉପଖଣ୍ଡରେ ବହୁ ପୁରାତନ ବଣଭୂଇଁ ସେବାଶ୍ରମ ହାଇସ୍କୁଲର ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ବେଳେ ନୀଳଗିରି ବ୍ଲକର ନୂତନ ନିର୍ବାଚିତ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କ ମୁଖଶାଳା ଏହି ରାସ୍ତାଟି ପ୍ରତି ନଜର ଆନ୍ଦାଜରେ ରହିଯାଇଛି । ଉକ୍ତ ସେବାଶ୍ରମ ହାଇସ୍କୁଲରେ ପାଖାପାଖି ୫୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ଛାଡ଼ି ଆଖପାଖ ଅଂଚଳରୁ ପ୍ରତିଦିନ ବହୁ ଛାତ୍ରଛାତ୍ରୀ ଉକ୍ତ ରାସ୍ତା ଉପରେ ଯାତାୟତ କରିଥାନ୍ତି । ଗୋଡ଼ିଶାଳ ତାରିଣୀ ଛକ ଠାରୁ ଆଶ୍ରମ ପର୍ଯ୍ୟନ୍ତ ରାସ୍ତା ଏବେ ଖାଲି ଢ଼ିପରେ ପରିପୂର୍ଣ୍ଣ ହୋଇଥିବା ବେଳେ ବର୍ଷା ଜଳରେ ପରିପୂର୍ଣ୍ଣ ହୋଇ ପଡ଼ିଛି ରାସ୍ତାଟି । ନୀଳଗିରି ଆଇ.ଟି.ଡି.ଏ. ଅଧିନରେ ଥିବା ବଣଭୂଇଁ ସେବାଶ୍ରମ ହାଇସ୍କୁଲଟି ରହିଥିବା ବେଳେ ଉକ୍ତ ରାସ୍ତା ପ୍ରତି ଦୃଷ୍ଟି ନ ଦେବା ଦୁଃଖ ଓ ପରିତାପର ବିଷୟ ପାଲଟିଛି । ବର୍ଷାଦିନ ଥିବାରୁ ଛୋଟ ଛୋଟ ପିଲାମାନେ ଠାବେ ଠାବେ ଥିବା କାଦୁଅ ପାଣିରେ ଯାତାୟତ କରୁଥିବାର ଦେଖିବାକୁ ମିଳିଛି । ଖୋଦ୍ ବ୍ଲକ ଅଧ୍ୟକ୍ଷା ପ୍ରତିଦିନ ଉକ୍ତ ରାସ୍ତାରେ ଯିବା ଆସିବା କରୁଥିବା ବେଳେ ଉକ୍ତ ରାସ୍ତାର ଦୁରାବସ୍ଥା ଉପରେ କିପରି ପ୍ରତିକାର କରୁନାହାନ୍ତି, ତାହା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି । ପ୍ରତିଦିନ ଯାତାୟତ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ କୋମଳମତି ଛାତ୍ରଛାତ୍ରୀମାନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ରାସ୍ତାଟିର ମରାମତି କରିବାର ବ୍ୟବସ୍ଥା କଲେ ହୁଏତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ନିଜକୁ ସୁରକ୍ଷିତ ମଣନ୍ତେ ବୋଲି ସାଧାରଣରେ ଦାବୀ ହେଉଛି ।

# ନୀଳଗିରି : ନିର୍ବାଚନମଣ୍ଡଳୀୟ ସମୀକ୍ଷା ବୈଠକ

ନୀଳଗିରି,୦୭/୦୭ (ନି.ପ୍ର): ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଗୁରୁବାର ଦିନ ନୀଳଗିରି ବ୍ଲକର ସମ୍ମିଳନୀ କକ୍ଷରେ ନିର୍ବାଚନ ମଣ୍ଡଳୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ସମୀକ୍ଷା ବୈଠକରେ ନୀଳଗିରି ବ୍ଲକ, ଔପଦା ବ୍ଲକ ଓ ବାହାନଗା ବ୍ଲକର ସମସ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।ବିଧାୟକ ଶ୍ରୀଯୁକ୍ତ ନାୟକ ପୂର୍ତ ବିଭାଗ ଉପରେ ସମୀକ୍ଷା କରିଥିବା ବେଳେ ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷେତ୍ରରେ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କରିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟରକ୍ଷ ବିଭାଗ, କୃଷି ବିଭାଗ, ଆଇ.ସି.ଡି.ଏସ. ., ଡ୍ରେନେଜ୍ ବିଭାଗ, ନୀଳଗିରି , ଔପଦା, ବାହାନଗା ବ୍ଲକର ବିଭିନ୍ନ ପ୍ରକଳ୍ପ, ମିଶନଶକ୍ତି, ଭେଟନାରି ବିଭାଗ, ଜଳସେଚନ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଉପରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ନାୟକ ଉପସ୍ଥିତ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆଜିର ଏହି ସମୀକ୍ଷା ବୈଠକରେ ବାଲେଶ୍ୱର ପି.ଡି. ରବିନ୍ଦ୍ର କୁମାର ସାହୁ, ଔପଦା ବି.ଡି.ଓ. ଦାୟିତ୍ୱରେ ଥିବା ଖଇରା ତହସିଲଦାର ମହେନ୍ଦ୍ର ବେହେରା, ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ନୀଳଗିରି ବି.ଡି.ଓ. ଦାୟିତ୍ୱରେ ଥିବା ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ୧୩ନଂ. ଜୋନର ଜିଲ୍ଲା ପରିଷଦ ଗତିକୃଷ୍ଣ ନନ୍ଦ, ନୀଳଗିରି ବ୍ଲକ ଉପାଧକ୍ଷ ଜ୍ୟୋର୍ତିମୟ ପୁଥାଳ, ନୀଳଗିରି ବ୍ଲକର ଏବିଡିଓ ଦାୟିତ୍ୱରେ ଥିବା ତାପସ କୁମାର ଭୂୟାଁ ପ୍ରମୁଖ ମଂଚାସୀନ ଥିଲେ ।

# ବ୍ରହ୍ମପୁର ଓ ଅର୍ଣ୍ଣପାଳ ସମବାୟ ସଭାପତି ବିଜେପି ହାତେଇଲା



ଭଦ୍ରକ,୦୭/୦୭ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର ଓ ଅର୍ଣ୍ଣପାଳ ସେବା ସମବାୟ ସମିତିର ସଭାପତି ପଦ ବିଜେପି ହାତକୁ ଯାଇଛି। ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ସଭାପତି ନିର୍ବାଚନରେ ବିଜେପି ସଫଳତା ହାସଲ କରିଛି। ବ୍ରହ୍ମପୁର ସେବା ସମବାୟ ସମିତିର ସଭାପତି ପଦ ନିମନ୍ତେ ଅନୁଷ୍ଠିତ ପ୍ରତିଯୋଗିତାରେ ହେମନ୍ତ ପାଢୀଙ୍କ ବ୍ୟକ୍ତିଗତ ସମର୍ଥକ ତଥା ବିଜେପି ସମର୍ଥିତ ପ୍ରାର୍ଥି ଦେବକାନ୍ତ ପରିଡ଼ା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡ଼ି ସମର୍ଥିତ ପ୍ରାର୍ଥି ସ୍ମୃତି ରଂଜନ ପଲାଇଙ୍କୁ ପରାଜିତ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହା ଫଳରେ ଏହି ସମିତି ଅଧିନରେ ଥିବା ବ୍ରହ୍ମପୁର, କେଦାରପୁର ଏବଂ ବେନ୍ତାଳ ପଞ୍ଚାୟତର ଅଧିବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସେହିପରି ଅର୍ଣ୍ଣପାଳ ସେବା ସମବାୟ ସମିତିର ସଭାପତି ଭାବେ ଆଦିକନ୍ଦ ନାୟକ ବିନା ପ୍ରତିଦ୍ୱନ୍ଦିତାରେ ବିଜୟୀ ହୋଇ ସଭାପତି ହୋଇଛନ୍ତି। ଉଭୟ ସଭାପତିଙ୍କୁ ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢୀ ଶୁଭେଚ୍ଛା ଜଣାଇବା ସହିତ ଉଭୟ ସମିତିର ସମସ୍ତ ଭୋଟର, ଡାଇରେକ୍ଟର ବୋର୍ଡ ମେମ୍ବରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଉତ୍କଳ ସମାଜ ଯୁବ ସଂଗଠନ ପକ୍ଷରୁ ପୁସ୍ତକ ବଣ୍ଟନ



ବସ୍ତା, ୦୭/୦୭ (ନି.ପ୍ର): ବସ୍ତା ଜିଲ୍ଲା ଶିକ୍ଷା ଅଧିନରେଥିବା ମୁକୁଲିସ ପଞ୍ଚାୟତ କୁଠିଆ ଗ୍ରାମରେଥିବା ବିଦ୍ୟାଳୟରେ ଛୋଟଛୋଟ ବାଳକ ବାଳିକା ମାନଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଅଛି । ଉତ୍କଳ ସମାଜ ଯୁବ ସଂଗଠନ ତରଫରୁ ସଂଗଠନ ର ମୁଖ୍ୟ ସୁଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନ ରେ ଆଜି କୁଠିଆ ଗ୍ରାମ ରେ ଯୁବ ସମାଜ ସେବି ସୁବାଶିଷ ବାରିକ ଙ୍କ ନେତୃତ୍ୱ ରେ ଛୋଟ ଛୋଟ ପିଲା ମାନଙ୍କୁ ବହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଗଠନ ର ବିକାଶ ସାମଲ, ଆକାଶ ବେହେରା, ଅସିତ ବାରିକ, ନାରାୟଣ ବେହେରା, ଶେଖ ଅଜାରୁଦିନ ଓ ଦେବାଶିଷଙ୍କ ସହାୟତା ରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ତେବେ ଉତ୍କଳ ସମାଜ ସଂଗଠନ କର୍ମକର୍ତ୍ତାଙ୍କର ଏହି ମହତ୍ତ୍ୱ କାର୍ଯ୍ୟ ପାଇଁ ଅଞ୍ଚଳ ବାସୀ ସାଧୁବାଦ ଯଣାଇଛନ୍ତି ।

# ଓଡିଶାରୁ ଛାଡୁଥିବା ଆଉ ତିନିଟି ଟ୍ରେନରେ ରାଜଧାନୀ ଏକ୍ସପ୍ରେସ ଭଳି କୋଚ ଉପଲବ୍ଧ

ଭୁବନେଶ୍ୱର,୦୭/୦୭ (ନି.ପ୍ର): ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରୁ ଉତ୍ପନ୍ନ ତିନୋଟି ଟ୍ରେନରେ ରାଜଧାନୀ ଏକ୍ସପ୍ରେସ ରେ ଯାତ୍ରା ସୁବିଧା ପରି କୋଚ୍ ଉପଲବ୍ଧ କରାଇବାପାଇଁ ନିଷ୍ପତି ନିଆଯାଇଛି । ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କର ଓଡ଼ିଶା ଗସ୍ତ ସମୟରେ ଭୁବନେଶ୍ୱର-କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ସ୍ପେଶାଲକୁ ରାଜଧାନୀ କୋଚ ଭଳି ଯାତ୍ରା ସୁବିଧାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଏବଂ ଆହୁରି ଦୁଇଟି ଟ୍ରେନରେ ଏହି ସୁବିଧା ଯୋଗାଇବାକୁ ମଧ୍ୟ ଘୋଷଣା କରିଥିଲେ । ଏହି ଟ୍ରେନ ଦ୍ୱୟ ହେଲା ଭୁବନେଶ୍ୱର - ନୂଆଦିଲ୍ଲୀ - ଭୁବନେଶ୍ୱର ଦୁରନ୍ତ ଏକ୍ସପ୍ରେସ ଏବଂ ଭୁବନେଶ୍ୱର - ଆନନ୍ଦ ବିହାର (ଦିଲ୍ଲୀ) - ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ ଭାୟା ଅନୁଗୁଳ ଓ ରାଉରକେଲା । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଉପରୋକ୍ତ ଟ୍ରେନରେ ଆଧୁନିକ ଏଲଏଚବି କୋଚ୍ ସଂଯୋଗ କରାଇ ଏହି ସୁବିଧା ଯୋଗାଇ ଦେଇଛି। ଏହି କୋଚଗୁଡ଼ିକ ହେଉଛି ଅଗ୍ନି ନିରାପତା, କମ୍ ରକ୍ଷଣାବେକ୍ଷଣ, ଅଧିକ ଯାତ୍ରୀ ପରିବହନ କ୍ଷମତା, ଅଧିକ ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା । ଏହା ସହିତ ପୂର୍ବତଟ ରେଳପଥ ପରିସୀମାରୁ ଛାଡୁଥିବା ଆହୁରି ଅଧିକ ଟ୍ରେନ ମାନଙ୍କରେ ମଧ୍ୟ ଏହି ସୁବିଧା ଯୋଗାଇଦିଆଯାଇଛି । ଏହି ଟ୍ରେନ ଗୁଡିକ ହେଲା ୨୨୮୬୯/୨୨୮୭୦ ବିଶାଖାପାଟଣା-ଚେନ୍ନାଇ-ବିଶାଖାପାଟଣା ଏକ୍ସପ୍ରେସ ବିଶାଖାପାଟଣା ଠାରୁ ଜୁଲାଇ ମାସ ୧୧ ତାରିଖ ଠାରୁ ଏବଂ ଚେନ୍ନାଇ ଠାରୁ ଜୁଲାଇ ମାସ ୧୨ ତାରିଖ ଠାରୁ । ଏହି ସୁବିଧା ମଧ୍ୟ ୧୮୫୦୩/୧୮୫୦୪ ବିଶାଖାପାଟଣା-ସାଇ ନଗର ସିରିଡ୍ଡି-ବିଶାଖାପାଟଣା ଏକ୍ସପ୍ରେସରେ ଉପଲବ୍ଧ କରାଯାଇଛି । ଏହି ସୁବିଧା ବିଶାଖାପାଟଣା ଠାରୁ ଜୁଲାଇ ମାସ ୭ ତାରିଖ ଠାରୁ ଏବଂ ସାଇ ନଗର ସିରିଡ଼ି ଠାରୁ ଜୁଲାଇ ମାସ ୮ ତାରିଖ ଠାରୁ ଉପଲବ୍ଧ କରାଯାଇଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଉତ୍ପନ୍ନ ହେଉଥିବା ଟ୍ରେନ ମାନଙ୍କ ମଧ୍ୟରୁ ବର୍ତମାନ ସୁଦ୍ଧା ୪୯ ଟି ଟ୍ରେନ ରେ ରାଜଧାନୀ ଏକ୍ସପ୍ରେସ ରେ ଯାତ୍ରା ସୁବିଧା ପରି କୋଚ୍ ଉପଲବ୍ଧ କରାଯାଇଛି। ଏହା ବ୍ୟତୀତ, ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଚଳାଚଳ କରୁଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନ ଯଥା ୧୨୮୩୯/୧୨୮୪୦ ହାଓଡ଼ା-ଚେନ୍ନାଇ-ହାଓଡ଼ା ମେଲ ଏବଂ ୧୨୮୪୧/୧୨୮୪୨ ହାଓଡ଼ା-ଚେନ୍ନାଇ-ହାଓଡ଼ା କରମଣ୍ଡଳ ଏକ୍ସପ୍ରେସ ଟ୍ରେନରେ ମଧ୍ୟ ଏହି ସୁବିଧା ୫ ଜୁଲାଇ, ୨୦୨୨ ଠାରୁ ହାଓଡ଼ା / ଶାଲୀମାର ଠାରୁ ଯୋଗାଇ ଦିଆଯାଇଛି।

# ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ବନ ମହୋତ୍ସବ

ବାଲେଶ୍ୱର,୦୭/୦୭ (ନି.ପ୍ର): ବାଲେଶ୍ୱରର ମଡର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ବନ ମହୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସ୍କାଉଟ୍ ଓ ଗାଇଡ କ୍ୟାଡେଟମାନେ ଅଂଶଗ୍ରହଣ ସହ ବୃକ୍ଷରୋପଣ କରିଥିଲେ। ସ୍କୁଲର ଶିକ୍ଷକ ସିଦ୍ଧାନ୍ତ ଜେନା ଓ ଶିକ୍ଷୟତ୍ରୀ ପଲ୍ଲବୀ ପ୍ରଧାନଏଥିରେ ଉପସ୍ଥିତ ରହି ବନ ମହୋତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରିବେଶର ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ସ୍ତରରୁ ବୃକ୍ଷ ରୋପଣ ନିମେନ୍ତ ଉଦ୍ୟମ କରିବାକୁ ଶିକ୍ଷକ ଶିକ୍ଷୟତ୍ରୀମାନେ ପରାମର୍ଶ ଦେଇଥିଲେ। ସ୍କୁଲର ସ୍କାଉଟ ଗାଇଡ ଜ୍ୟୋତ୍ସ୍ନାରାଣୀ ପାଣିଗ୍ରାହୀ, ସ୍କାଉଟ ମାଷ୍ଟର ଜୟନ୍ତ ପରିଡା, ଶିକ୍ଷକ ଶଞ୍ଜିବ ମହାନ୍ତି ଓ ରତିକାନ୍ତ ଗିରି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବନ ମହୋତ୍ସବ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଛାତ୍ରଛାତ୍ରୀମାନେ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo